ବର୍ଷ-୨୪, ସଂଖ୍ୟା-୧୯୮
ଭୁବନେଶ୍ୱର
୧୮ ଅଗଷ୍ଟ, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 198
Bhubaneswar
18 August, 2024, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଓଡ଼ିଶା ଉପରେ ଆତଙ୍କବାଦୀଙ୍କ ନଜର

## ଚୀନ, ପାକିସ୍ତାନ ଓ ମଧ୍ୟପ୍ରାଚ୍ୟରୁ ଆସୁଥିଲା କଲ୍

ଭୁବନେଶ୍ୱର,୧୭।୮ (ମହାଭାରତ): ସାଇବର କ୍ରାଇମ, ଆତଙ୍କବାଦୀ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଜଘନ୍ୟ ଅପରାଧ ପାଇଁ ଷଡଯନ୍ତ୍ର ଚଳାଇଥିବା ଜଣେ ଯୁବକକୁ କମିଶନରେଟ ପୋଲିସ୍ ଗତକାଲି ଗିରଫ କରି ତା ଠାରୁ ୭ଟି ସିମ୍‌ବକ୍ସ ଓ ୧ହଜାର ସିମ୍ ଜବତ କରିଛି। ଏହି ଯୁବକ ଜଣକର ନାମ ରାଜୁ ମଣ୍ଡଳ ଏବଂ ସେ ପଶ୍ଚିମବଙ୍ଗର ବୋଲି ଜଣାପଡିଛି। ଗତ କିଛି ଦିନ ହେଲା ସେ ଲକ୍ଷ୍ମୀସାଗର ଅଞ୍ଚଳରେ ଏକ ଘରଭଡା ନେଇ ସେଠାରେ ସିମ୍ ବକ୍ସ ରାକେଟ ଚଳାଇଥିଲା। ଏହି ରାକେଟ ପଛରେ ଥିବା ମାଷ୍ଟର ମାଇଣ୍ଡ ଆଶାଦ୍ଦୁର ଜମାନ ଜଣେ ବାଂଲାଦେଶୀ ନାଗରିକ। ମାଷ୍ଟରମାଇଣ୍ଡ ଆଶାଦ୍ଦୁର ଜମାନ ଗତ ଅକ୍ଟୋବର ୨୧ ତାରିଖରେ ଭାରତରେ ପ୍ରବେଶ କରିଥିଲା ଏବଂ ପଶ୍ଚିମବଙ୍ଗର ରାଜୁ ମଣ୍ଡଳକୁ ଧରି ଭୁବନେଶ୍ୱର ଆସି ଲିଙ୍ଗରାଜ ହୋଟେଲରେ ରହିଥିଲେ। ଏବଂ ରାଜୁ ଜରିଆରେ ସେହି ବାଂଲାଦେଶୀ ନାଗରିକ ଏହି ରାକେଟ ଚଳାଉଥିବା କମିଶନରେଟ ପୋଲିସ୍ ଜାଣିବାକୁ ପାଇଛି। କମିଶନରେଟ ପୋଲିସ୍‌ର ଏହି ଚଢ଼ାଉ ଫଳରେ ଗୋଟିଏ ବଡ଼ ଷଡଯନ୍ତ୍ରର ଖୁଲାସା ହୋଇପାରିଛି।



ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି ରାଜୁ ମଣ୍ଡଳ କେଶୁରାରେ ଭଡ଼ା ଘର ନେଇ ସିମ୍ ବକ୍ସ ରାକେଟ୍ ଚଳାଇ ଆସୁଥିଲେ। ଆଶାଦ୍ଦୁର ନିର୍ଦ୍ଦେଶରେ ରାଜୁ ମଣ୍ଡଳ ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲା। ଗତକାଲି ହୋଇଥିବା ଚଢ଼ାଉରେ ୫ଟି ଅପରେସନାଲ ସିମ୍ ବକ୍ସ ମିଳିଛି। ପ୍ରାୟ ୧ ହଜାର ସିମ୍ ମିଳିଛି, ସେଥିରୁ ୫୮ଟି ଅବ୍ୟବହୃତ ସିମ୍ ଅଛି। ରାଜୁକୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ବାହାର କରାଯିବ ବୋଲି ସେ କହିଛନ୍ତି, ଏହି ସିମ୍ ବକ୍ସ ଜରିଆରେ ଅପରାଧୀ କେଉଁ ଦେଶରୁ କଲ୍ କରିଛି, ତାହା ଜଣାପଡ଼ିବନି। ବାହାର ଦେଶରୁ କଲ୍ ଆସିଲେ ବି ଲୋକାଲ ସିମ୍ ଜରିଆରେ ଆସିବ। ବାହାର ଦେଶର ଅପରାଧୀ ଭାରତରେ ଅପରାଧ ଘଟାଇବା ନିମନ୍ତେ ଏହାକୁ ବ୍ୟବହାର କରିଥାନ୍ତି। ଆତଙ୍କବାଦୀ, ସାଇବର ଫ୍ରଡ, ଉଗ୍ର ଚଳାଣ ନିମନ୍ତେ ଏହାକୁ ବ୍ୟବହାର କରାଯାଇଥାଏ।

ମୁଖ୍ୟତଃ ସିମ୍ ବକ୍ସରୁ ପାକିସ୍ତାନ, ଚୀନ ଓ ମଧ୍ୟପ୍ରାଚ୍ୟର କଲକୁ ଲୋକାଲ ସିମ୍ ଜରିଆରେ ଭାରତକୁ ଛଡ଼ା ଯାଉଥିଲା। ଅପରାଧୀ ଜଣକ ବିଦେଶୀ ହୋଇଥିବାରୁ ଜାତୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା ଏହାର ତଦନ୍ତ କରାଯିବ। ଆବଶ୍ୟକ ସ୍ଥଳେ ଇଣ୍ଟରପୋଲର ବି ସାହାଯ୍ୟ ନିଆଯିବ। କଲ୍ ଡିଟେଲ୍ସ ଆନାଲିସସ୍ କରାଯିବ। ଫଳରେ କେଉଁ କେଉଁ ଦେଶରୁ ଓ କେଉଁ ଉଦ୍ଦେଶ୍ୟରେ କଲ୍ ଆସୁଥିଲା ସାଇବର ଏକ୍ସପର୍ଟଙ୍କ ଦ୍ୱାରା ତାହାର ତଦନ୍ତ କରାଯିବ। ଗତ ୮ ମାସ ଧରି ସିମ୍ ବକ୍ସ ଭୁବନେଶ୍ୱରର ଏକ ଘରେ ରଖିଥିବା ବେଳେ ମାସକୁ ଥରେ ଦୁଇଥର ରାଜୁ ସେଠାକୁ ଆସୁଥିଲେ। ସେମାନେ ଭାରତର ବିଭିନ୍ନ ସ୍ଥାନରେ ସିମ୍ ବକ୍ସ ବସାଇଛନ୍ତି। ବାଂଲାଦେଶରୁ ତାହାକୁ ଅପରେଟ୍ କରାଯାଏ। ବାଂଲାଦେଶରୁ ମୁଖ୍ୟ ଅଭିଯୁକ୍ତ ଆସାଦ୍ଦୁର ଏହାକୁ ଅପରେଟ କରୁଥିଲେ।

ଭୁବନେଶ୍ୱରରେ ବିଦେଶୀ ସିମ୍ ବକ୍ସ ରଖି ଅପରାଧିକ କାର୍ଯ୍ୟକଳାପ କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଗତକାଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ଲକ୍ଷ୍ମୀସାଗର ଥାନା ପୋଲିସ୍ ଓ ସ୍ପେଶାଲ ସ୍କାର୍ଡ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଘରେ ଗୋଟିଏ ର୍ୟାକରେ ୭ଟି ସିମ୍ ବକ୍ସ ଥିବା ଦେଖିବାକୁ ମିଳିଥିଲା। ସିମ୍ ବକ୍ସ ଗୁଡ଼ିକରେ ଇଣ୍ଟରନେଟ୍ କନେକ୍ସନ ଓ ପାୱାର ସପ୍ଲାଏ ବି ରହିଥିଲା। ଏହି ଘଟଣାରେ ରାଜୁ ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିବା ବେଳେ ପୁଲିସ୍ ତାଙ୍କୁ ଅଟକ ରଖିଥିଲା। ଏହାପରେ ପୁଲିସ୍ ତାଙ୍କୁ ଗିରଫ କରିଛି।

# ବଜ୍ରପାତରେ ୧୦ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର,୧୭।୮ (ମହାଭାରତ): ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରାଘାତରେ ଏକ ଦମ୍ପତିଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୭ ଜଣ ଆହତ ହୋଇଛନ୍ତି। ମୟୂରଭଞ୍ଜ, ଭଦ୍ରକ, କେନ୍ଦ୍ରାପଡ଼ା, ଗଞ୍ଜାମ, ଯାଜପୁର, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ଏହି ଘଟଣାଗୁଡ଼ିକ ଘଟିଛି। ଅଧିକାଂଶ ବିଲରେ କାମ କରୁଥିବା ବେଳେ ହିଁ ବିଜୁଳି ମାରିଛି। ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ସିଙ୍ଗାରାପୁରା ଗାଁ ବିଲରେ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଉଛନ୍ତି ଲକ୍ଷ୍ମଣ ମୁର୍ମୁ ଓ ତାଙ୍କ ସ୍ତ୍ରୀ ସାକର ମୁର୍ମୁ। ସେମାନେ ବିଲରେ କାମ କରୁଥିବା ବେଳେ ବିଜୁଳି ମାରିଥିଲା। ଭଦ୍ରକ ଜିଲ୍ଲା ଆଗରପଡ଼ା ଥାନା ସାହୁପଡ଼ାରେ ଜଣଙ୍କର ମୃତ୍ୟୁ ଘଟିଛି। ତାଙ୍କ ନାଁ ଅମର ସେଠୀ (୨୯)। ସେହିଭଳି ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାଁ ଚକ୍ରଧର ଦାସ (୫୮)। ଉଭୟରେ ବିଲରେ କାମ କରୁଥିବା ବେଳେ ବିଜୁଳି ମାରିଥିଲା।

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ବିଜୟନଗର ପଞ୍ଚାୟତ ଗୋବିନ୍ଦପୁର ଗାଁରେ ବଜ୍ରାଘାତରେ ହେମନ୍ତ ବାରିକଙ୍କ ମୃତ୍ୟୁ ଘଟିଥିବା ବେଳେ କାଣ୍ଡଗରଡ଼ି ପଞ୍ଚାୟତର ହିମାଂଶୁ ବାରିକ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

କେନ୍ଦ୍ରାପଡ଼ା ରାଜକନିକା ଥାନା ଗୁଆଲି ଗାଁରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେହିପରି ଗଞ୍ଜାମ ଜିଲ୍ଲା ଭଞ୍ଜନଗର ତାରାସିଂ ଥାନା ତୋଲଡ଼ି ଗାଁରେ ଜଣେ ବ୍ୟକ୍ତିଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଧୁରୁଡ଼ିଆମ୍ବ ଗାଁରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। କଟକ ଜିଲ୍ଲା ଟାଙ୍ଗୀର ଜରିପଡ଼ା ପଞ୍ଚାୟତ ଟିକରା ଗାଁରେ ମଧ୍ୟ ବଜ୍ରପାତରେ ଜଣଙ୍କର ମୃତ୍ୟୁ ଘଟିଛି। ବଜ୍ରପାତରେ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଓଡ଼ିଶୋ ଗାଁରେ ହରି ବେହେରା ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ କେନ୍ଦୁଝର ଜିଲ୍ଲା ତେଲକୋଇର ଗୁଡ଼ିକଂସରେ ୨ ଜଣ ମହିଳା ଓ ଜଣେ ଶିଶୁ ଆହତ ହୋଇଛନ୍ତି।

# ରାସନ କାର୍ଡ ହିତାଧିକାରୀଙ୍କୁ ମିଳିବ ଗହମ

ଭୁବନେଶ୍ୱର,୧୭।୮ (ମହାଭାରତ): ରାସନକାର୍ଡ ହିତାଧିକାରୀଙ୍କ ପାଇଁ ମୋହନ ସରକାର ଦେଇଛନ୍ତି ଖୁସି ଖବର। ରାସନକାର୍ଡ ହିତାଧିକାରୀଙ୍କୁ ପୁଣି ଚାଉଳ ସହ ଗହମ ମିଳିବ। ମୁଣ୍ଡପିଛା ମାସକୁ ୪ କିଲୋ ଚାଉଳ ଓ ୧କିଲୋ ଗହମ ମିଳିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଘୋଷଣା କରିଛନ୍ତି।

ମନ୍ତ୍ରୀ କହିଛନ୍ତି, ଲୋକଙ୍କର ଗହମ ଚାହିଦାକୁ ଦୃଷ୍ଟିରେ ରଖି ଏହି ଦାବି ରଖାଯାଇଛି। ରାସନ କାର୍ଡ ହିତାଧିକାରୀଙ୍କୁ ମିଳୁଥିବା ଚାଉଳର ୨୦ ପ୍ରତିଶତ ଗହମ ମିଳିବ। ତେବେ ପୂର୍ବରୁ ରାସନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ମିଳୁଥିବା ଗହମକୁ ବନ୍ଦ କରି ଦେଇଥିଲେ ପୂର୍ବ ସରକାର। ଅଧିକ ଚାଉଳ ଦେବାକୁ କେନ୍ଦ୍ରକୁ ଦାବି କରାଯିବା ପରେ ଗହମ ଯୋଗାଣକୁ ବନ୍ଦ କରି ଦିଆଯାଇଥିଲା। ପୂର୍ବସରକାର ଗହମକୁ ବନ୍ଦ କରି ରାସନ କାର୍ଡ ହିତାଧିକାରୀଙ୍କୁ କେବଳ ଚାଉଳ ଯୋଗାଇ ଦେଉଥିଲେ। ଏବେ ରାସନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ଗହମ ଦେବାକୁ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ହିତାଧିକାରୀମାନେ ଚାଉଳ ସହ ଗହମ ପାଇବେ। ଗତ ବିଜେଡି ସରକାର ୨୦୨୦-୨୧ ମସିହାରୁ ରାଜ୍ୟରେ ହିତାଧିକାରୀଙ୍କୁ ସାଧାରଣବଣ୍ଟନ ବ୍ୟବସ୍ଥାରେ ଗହମ ଦେବା ବନ୍ଦ କରି ଦେଇଥିଲେ। ନିର୍ଦ୍ଧାରିତ ଗହମ କୋଟା ଖର୍ଚ୍ଚ କରିବାରେ ବିଫଳ ତତ୍କାଳୀନ ବିଜେଡି ସରକାର ରାଜ୍ୟର ହିତାଧିକାରୀଙ୍କୁ କେବଳ ଚାଉଳ ଦେବା ପାଇଁ ସେତେବେଳେ ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀ ଗସ୍ତ ସମୟରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ଭେଟି ଗହମ ଦେବାକୁ ଦାବି ରଖିଛନ୍ତି। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ହିତାଧିକାରୀଙ୍କୁ ମିଳୁଥିବା ଚାଉଳର ୨୦ ପ୍ରତିଶତ ଗହମ ଯୋଗାଇ ଦେବାକୁ ଦାବି ରଖିଛନ୍ତି। ଗହମ ମିଳିବା ଖବର ଶୁଣିବା ପରେ ଖୁସୀ ଜାହିର କରିଛନ୍ତି ରାସନକାର୍ଡ ହିତାଧିକାରୀ।

# ଆକାଂକ୍ଷୀ ଜିଲ୍ଲା ସମ୍ପର୍କରେ ସମୀକ୍ଷା କଲେ ମୁଖ୍ୟସଚିବ

ଭୁବନେଶ୍ୱର,୧୭।୮ (ମହାଭାରତ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟର(ରାଜ୍ୟ ସମ୍ମିଳନୀ କେନ୍ଦ୍ର)ରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ (ଏ.ଡି.ପି) ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ (ଏ.ବି.ପି) ସଂପର୍କିତ ଏକ ସମୀକ୍ଷା ତଥା ସଚେତନତା କର୍ମଶାଳା ଆଜି ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରମୁଖ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ। ଭାରତ ସରକାରଙ୍କ ଅତିରିକ୍ତ ସଚିବ ତଥା ଏ.ଡି.ପି ଓ ଏ.ବି.ପିର ମିଶନ ନିର୍ଦ୍ଦେଶକା ଗୀତାଞ୍ଜଳି ଗୁପ୍ତା, ଆଇ.ଏ.ଏସ୍‌ଙ୍କ ନେତୃତ୍ୱରେ ନୀତି ଆୟୋଗର ଏ.ଡି.ପି ଏବଂ ଏ.ବି.ପି ସମ୍ପର୍କିତ ଅଧିକାରୀମାନେ ଯୋଗଦେଇ ଅଂଶଗ୍ରହଣକାରୀ ମାନଙ୍କୁ ସଚେତନ କରିବା ପାଇଁ ଦୁଇଟି କାର୍ଯ୍ୟକ୍ରମର ସମସ୍ତ ଦିଗକୁ ନେଇ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ। ଏହି ଅବସରରେ ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ତଥା ଓଡ଼ିଶା ରାଜ୍ୟ ଉପଦେଷ୍ଟା ଡ. ପ୍ରଭାକର ସାହୁ ମଧ୍ୟ ଉପସ୍ଥିତ ଥିଲେ।



ଏହି କର୍ମଶାଳାରେ ରାଜ୍ୟ କୃଷି ଏବଂ କୃଷକ ସଶକ୍ତିକରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମେତ ଓଡ଼ିଶା ସରକାରଙ୍କ ପ୍ରମୁଖ ବିଭାଗର ସଚିବମାନେ ଯୋଗ ଦେଇଥିଲେ। ଏଥିସହ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକର ୧୬ ଜଣ ଜିଲ୍ଲାପାଳଙ୍କ ସମେତ ସଂପୃକ୍ତ ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍ (ଡିପିଏମ୍ୟୁ)ର ଉପନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ଏଥିରେ ୨୯ଟି ଆକାଂକ୍ଷୀ ବ୍ଲକର ବ୍ଲକ ଉନ୍ନୟନ ଅଧିକାରୀମାନେ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ।

ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ ସ୍ୱାଗତ ଭାଷଣରେ ଏ.ଡି.ପି ଏବଂ ଏ.ବି.ପି ସୂଚକାଙ୍କ ଗୁଡ଼ିକର ସନ୍ତୁଳନ ହାସଲ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ଏହା ବହୁମୁଖୀ ଦାରିଦ୍ର୍ୟ ହ୍ରାସ କରିବା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ (ଏସ.ଡି.ଜି) ହାସଲ ଦିଗରେ ରାଜ୍ୟର ଅଗ୍ରଗତିକୁ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡିପି ଓ ଏବିପିର ଇତିହାସ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଭୌଗୋଳିକ ବିବିଧତା, ଭିତ୍ତିଭୂମି ଅଭାବ ଏବଂ ସାମର୍ଥ୍ୟ ଅଭାବ ଭଳିଅସୁବିଧା ଗୁଡ଼ିକୁ ଦୂର କରି ଅଭିବୃଦ୍ଧିର ସୁଯୋଗକୁ କାର୍ଯ୍ୟକାରୀ କରିବାକୁ ସେ ଅଂଶୀଦାର ମାନଙ୍କୁ ଉତ୍ସାହିତ କରିଥିଲେ। ନୀତି ଆୟୋଗର ଏଡିପି ଏବଂ ଏବିପିର ମିଶନ ନିର୍ଦ୍ଦେଶିକା ଶ୍ରୀମତୀ ଗୁପ୍ତା କାର୍ଯ୍ୟକ୍ରମର ମୂଳ ରଣନୀତି ଉପସ୍ଥାପନ କରି ସମସ୍ତ ଅଂଶୀଦାରମାନଙ୍କୁ ଚୟନ କରାଯାଇଥିବା ସୂଚକାଙ୍କ ଗୁଡ଼ିକର ସନ୍ତୁଳନ ହାସଲ କରିବା ପାଇଁ ଚାଲିଥିବା ସମ୍ପୂର୍ଣ୍ଣତା ଅଭିଯାନ ସମୟରେ ସେମାନଙ୍କ ପ୍ରୟାସକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲେ।

ଯୋଜନା ଓ ସଂଯୋଜନ ବିଭାଗର ଏଡିପି ଓ ଏବିପିର ଅତିରିକ୍ତ ଶାସନ ସଚିବ ମନୀଷ ଅଗ୍ରୱାଲ ରାଜ୍ୟର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ।

ଏହି କର୍ମଶାଳାରେ ଆସାମର ବାରପେଟା ଜିଲ୍ଲାର ଜିଲ୍ଲାପାଳ ଆୟୁଷ ଗର୍ଗଉପସ୍ଥାପନା କରିଥିଲେ। ଷଢେଇକଳା,ଖରସୁଆଁ, ଝାଡ଼ଖଣ୍ଡ; ଏବଂ ଜାମ୍ମୁ-କଶ୍ମୀର ବାରମୁଲାର ପୂର୍ବତନ ଡେପୁଟୀକମିଶନର ଯଥାକ୍ରମେ ରବି ଶଙ୍କର ଶୁକ୍ଲା, ଡଃ. ସୟେଦ୍ ସେହରିଶ ଅସଗର (ବର୍ତ୍ତମାନ ଜାମ୍ମୁ -କାଶ୍ମୀର ରାଜ୍ୟସ୍ତରରେ କାର୍ଯ୍ୟରତ)ଆକାଂକ୍ଷୀ ଜିଲ୍ଲା ଏବଂ ଆକାଂକ୍ଷୀ ବ୍ଲକ ସଂପର୍କରେ ସେମାନଙ୍କର ଅନୁଭୂତି ଏବଂ ସର୍ବୋତ୍ତମ ଅଭ୍ୟାସ ବାଣ୍ଟିଥିଲେ। ଏହାବ୍ୟତୀତ, ଓଡ଼ିଶାର କୋରାପୁଟ ଓ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳମାନେ ଏଡିପି ଓ ଏବିପି ଅଧୀନରେ ନିଜ ନିଜ ଜିଲ୍ଲାରେ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ପ୍ରଦର୍ଶନ କରିଥିଲେ।

# ଆଇନ୍ ଶୃଙ୍ଖଳା ସ୍ଥିତିର ସମୀକ୍ଷା କଲେ ଡିଜି



କଟକ,୧୭।୮ (ମହାଭାରତ): ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଶନିବାର ଅପରାହ୍ଣରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧକ୍ଷତାରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି, ଅପରାଧ ଦମନ ଓ ନିୟନ୍ତ୍ରଣ ଏବଂ ପ୍ରଶାସନିକ ପ୍ରସଙ୍ଗ ସମ୍ପର୍କରେ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟର ରେଞ୍ଜ ଆଇଜି, ଡିଆଇଜି ଏବଂ ସମସ୍ତ ଜିଲ୍ଲାର ଏସପିଙ୍କ ସହ ଭିଡ଼ିଓ କନଫରେନସିଂ ଜରିଆରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଜାତୀୟ ସ୍ତରରେ ଓଡିଶା ପୋଲିସର ସ୍ୱତନ୍ତ୍ର ସୁନାମ ରହିଛି। ଏହାକୁ ଆଗାମୀ ଦିନରେ ବଜାୟ ରଖିବାକୁ ସମସ୍ତଙ୍କ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ଡିଜିପି ଶ୍ରୀ ଖୁରାନିଆ ମତବ୍ୟକ୍ତ କରିଥିଲେ। ଆସନ୍ତା ୨୦ ତାରିଖରୁ ବିଧାନସଭା ଦ୍ୱିତୀୟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି ଏବଂ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖିବାକୁ ସେ ପରାମର୍ଶ ଦେଇଥିଲେ। ସାଇବର ଅପରାଧ ବଢ଼ି ଚାଲିଥିବା ବେଳେ ଏହା ଉପରେ ରୋକ ଲଗାଇବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସେ ଗୁରୁତ୍ୱ ଦେଇଥିଲେ। ଏହା ସହ ନକ୍ସଲ ଓ ଆତଙ୍କବାଦ କାର୍ଯ୍ୟକଳାପ ଉପରେ ସ୍ୱତନ୍ତ୍ର ନଜର ରଖିବା ଦିଗରେ ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ଜନ ସାଧାରଣଙ୍କ ଅଭିଯୋଗକୁ ଧର୍ଯ୍ୟର ସହ ଶୁଣିବାକୁ ଡିଜିପି ପରାମର୍ଶ ଦେଇଥିଲେ। ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ଉତ୍ତମ ବ୍ୟବହାର ଏବଂ ସେମାନଙ୍କର ଅଭିଯୋଗକୁ ନିରପେକ୍ଷତାର ସହ ତଦନ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ। ନୂତନ ଭାବେ ଲାଗୁ ହୋଇଥିବା ନିୟମ ଅନୁଯାୟୀ କାର୍ଯ୍ୟ କରିବା ଦିଗରେ ଡିଜିପି ପରାମର୍ଶ ଦେଇଥିଲେ। ଆଜିର ଏହି ବୈଠକରେ ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଏସସିଆରବି), ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି), ସଞ୍ଜୀବ ପଣ୍ଡା, କମିଶନର ପୋଲିସ (ଭୁବନେଶ୍ୱର-କଟକ), ଆର. କେ. ଶର୍ମା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ), ସୌମେନ୍ଦ୍ର ପ୍ରିୟଦର୍ଶୀ, ନିର୍ଦ୍ଦେଶକ (ଗୁଇନ୍ଦା), ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା), ଏସ. ଦେବଦତ୍ତ ସିଂ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେସନ), ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ), ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଲୱେ ଏବଂ କୋଷ୍ଟାଲ ସିକ୍ୟୁରିଟି), ଯତୀନ୍ଦ୍ର କୋୟଲ, ଆଇ.ଜି.ପି (ପ୍ରେଭିଜନିଙ୍ଗ), ଶ୍ରୀମତୀ ଏସ. ସାଇନୀ, ଆଇ.ଜି.ପି (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା), ଏସ. ପ୍ରବୀଣ କୁମାର, ଆଇ.ଜି.ପି (କର୍ମିକ), ସଫିନ ଅହମ୍ମଦ, ଆଇ.ଜି.ପି (କ୍ରାଇମବ୍ରାଞ୍ଚ)ଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଗଣ ଉପସ୍ଥିତ ଥିଲେ।

# ଗହଣା ବ୍ୟବସାୟୀଙ୍କ ଠାରୁ ଲୁଟ୍ ମାମଲାରେ ୫ ଗିରଫ

କଟକ,୧୭।୮ (ମହାଭାରତ): ୮ ତାରିଖ ରାତିରେ କଟକ ଜଗତପୁର ଥାନା ଅଧୀନ ପାଗାରୁ ଗହଣା ବ୍ୟବସାୟୀ ୨ ଭାଇଙ୍କୁ ବନ୍ଧୁକ ମୁନରେ ଲୁଟ୍ କରିଥିବା ଡକାୟତ ଦଳ ଧରାପଡ଼ିଛି। ସର୍ଦାର ସଂଜୟ ସମେତ ଗ୍ୟାଙ୍ଗ୍ର ୫ ଡକାୟତଙ୍କୁ ଭୁବନେଶ୍ୱରସ୍ଥିତ ଏକ ହୋଟେଲ୍ରୁ ଗିରଫ କରାଯାଇଛି। ଜଗତପୁର ଥାନା ପୁଲିସ ଓ ସ୍ପେସାଲ୍ ସ୍କ୍ୱାଡ୍ ମିଳିତଭାବେ ହୋଟେଲ୍ରେ ଚଡ଼ଉ କରି ଏହି ଗ୍ୟାଙ୍ଗକୁ ଧରିଛି। ସର୍ଦାର ସଂଜୟଠାରୁ ଏକ ପିସ୍ତଲ ଜବତ କରାଯାଇଛି ଏବଂ ଲୁଟ୍ ହୋଇଥିବା ୬୫୦ ଗ୍ରାମ୍ ଓଜନର ଗହଣାରୁ ମାତ୍ର ୧୨୨ ଗ୍ରାମ୍ ମିଳିଛି। ବାକି ଅଧ କେଜି ଗହଣାକୁ ସେମାନେ ମାହାଙ୍ଗା ଅଞ୍ଚଳର ଜଣେ ବଣିଆ। ନିକଟରେ ରଖିଥିବା ସ୍ୱୀକାର କରିଛନ୍ତି। ବଣିଆଠାରୁ ଅଳଙ୍କାର ଜବତ କରିବାକୁ ଚଢ଼ଉ ଚାଲିଛି ଏବଂ ଫେରାର୍ ଅନ୍ୟ ଜଣେ ଡକାୟତକୁ ଠାବ କରିବାକୁ ପୁଲିସ ଚେଷ୍ଟା ଚଳାଇଛି। ଆସନ୍ତାକାଲି ସେମାନଙ୍କୁ ଜଗତପୁର ଥାନା ପୁଲିସ କୋର୍ଟ ଚାଲାଣ କରିବ ବୋଲି ସୂଚନା ମିଳିଛି। ଅଗଷ୍ଟ ୮ ତାରିଖ ରାତି ପ୍ରାୟ ୧୦ଟା ବେଳେ ପାଗା ବଜାରରେ ଗହଣା ଦୋକାନ କରିଥିବା ଦୁଇ ଭାଇ ସ୍କୁଟିରେ ଘରକୁ ଫେରୁଥିଲେ। ସବୁଦିନ ଭଳି ସେମାନେ ଗହଣାତକ ଘରକୁ ନେଇଯାଆନ୍ତି। ପୂର୍ବରୁ ଡକାୟତି କରିବାକୁ ଛକି ରହିଥିବା ସଂଜୟ ଗ୍ୟାଙ୍ଗର ୬ ଜଣ ୩ ବାଇକ୍ରେ ପିଛା କରିଥିଲେ। ରାସ୍ତାରେ ଏକ ନିଛାଟିଆ ସ୍ଥାନ ଦେଖି ସେମାନେ ୨ ଭାଇଙ୍କ ସ୍କୁଟିକୁ ଅଟକାଇବାକୁ ଉଦ୍ୟମ କରିଥିଲେ। ଡକାୟତମାନଙ୍କୁ ଦେଖି ୨ ଭାଇ ସ୍କୁଟିର ବେଗ ବାଇ ପଳାଇବାକୁ ଚେଷ୍ଟା କରିଥିଲେ। ସେମାନେ ନ ଅଟକିବା ଦେଖି ଜଣେ ଦୁର୍ବୃତ୍ତ ସ୍କୁଟି ପଛରେ ବସିଥିବା ବଡ଼ଭାଇଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲା। ଖଣ୍ଡା ଚୋଟ ପିଠିରେ ବାଜିବା ପରେ ବି ଦୁଇ ଭାଇ ଅଟକି ନଥିଲେ। ତେଣୁ ସଂଜୟ ବ୍ଲାଙ୍କ୍ ଫାୟାରିଂ କରିଥିଲା। ଗହଣାତକ ଯାଉ ପଛେ ଜୀବନ ରହୁ ବୋଲି ଭୟରେ ୨ ଭାଇ ଅଟକିଯାଇଥିଲେ। ଡକାୟତମାନେ ତାଙ୍କଠାରୁ ସ୍କୁଟି ନେଇ ମାହାଙ୍ଗା ଦିଗରେ ଦ୍ରୁତବେଗରେ ପଳାଇଥିଲେ।

# ଡାକ୍ତରଙ୍କ ଆନ୍ଦୋଳନ, ରୋଗୀ ହନ୍ତସନ୍ତ

ଭୁବନେଶ୍ୱର,୧୭।୮ (ମହାଭାରତ): କୋଲକାତାରେ ଟ୍ରେନିଂ ଡାକ୍ତରଙ୍କୁ ଦୁଷ୍କର୍ମ ଓ ପରେ ହତ୍ୟା ଘଟଣା ପ୍ରତିବାଦରେ ଶନିବାର ଦେଶବ୍ୟାପୀ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭାରତୀୟ ମେଡିକାଲ ସଂଘ ପକ୍ଷରୁ ୨୪ ଘଣ୍ଟା କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଦେଶର ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲର କର୍ମଚାରୀ ଧର୍ମଘଟକୁ ଓହ୍ଲାଇଛନ୍ତି। ଓପିଡି ଓ ଡାକ୍ତରଖାନାରେ ନିୟମିତ ଅସ୍ତ୍ରୋପଚାର ବନ୍ଦ କରାଯାଇଛି। ଏମରଜେନ୍ସି ବ୍ୟତୀତ ଅନ୍ୟ କୌଣସି ଅସ୍ତ୍ରୋପଚାର ହୋଇପାରୁନାହିଁ। ଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ଡାକ୍ତରଖାନାକୁ ଆସି ଚିକିତ୍ସା ସେବା ନପାଇ ହଇରାଣ ହେଉଛନ୍ତି ରୋଗୀ। ହସ୍ପିଟାଲ ଗୁଡ଼ିକୁ ସେଫ୍ ଜୋନ୍ ଭାବେ ଘୋଷଣା ସହ ବିମାନବନ୍ଦର ଭଳି ସୁରକ୍ଷା ଯୋଗାଇ ଦେବାକୁ ଆଇଏମଏ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ପର୍ଯ୍ୟାପ୍ତ ସୁରକ୍ଷାକର୍ମୀ ମୁତୟନ, ସୁରକ୍ଷା ଯାଞ୍ଚର ପ୍ରୋଟୋକଲ୍ ପାଳନ କରିବାକୁ ଅପିଲ ହୋଇଛି।

ଏହାସହ ହସ୍ପିଟାଲରେ ରେସିଡେଣ୍ଟ ଡାକ୍ତରଙ୍କ କାର୍ଯ୍ୟ ସମୟ ନିର୍ଦ୍ଧାରଣ କରିବାକୁ ମଧ୍ୟ ଦାବି କରିଛି ସଂଘ। ଗତ ୯ ତାରିଖରେ କୋଲକାତାର ଆରଜି କର ମେଡିକାଲ କଲେଜରେ କାର୍ଯ୍ୟରତ ଜଣେ ପୋଷ୍ଟ ଗ୍ରାଜୁଏଟ ଟ୍ରେନିଂ ଡାକ୍ତରଙ୍କ ସହ ଦୁଷ୍କର୍ମ କରାଯାଇ ପରେ ହତ୍ୟା କରିଦିଆଯାଇଥିଲା। ଘଟଣା ପରେ ଦେଶବ୍ୟାପୀ ଡାକ୍ତରଙ୍କ ଆନ୍ଦୋଳନ ଓ ବିରୋଧ ପ୍ରଦର୍ଶନ ଜାରି ରହିଛି।



ଏସବୁ ଭିତରେ ଆରଜି କର ହସ୍ପିଟାଲରେ ପହଞ୍ଚି ଘଟଣା ଘଟିଥିବା ରାତିରେ ଡ୍ୟୁଟିରେ ଥିବା ଅନ୍ୟ ଡାକ୍ତରଙ୍କୁ ପଚରାଉଚରା କରିଛି ସିବିଆଇ। ଘଟଣା ରାତିରେ କଣ ଘଟିଥିଲା ସେ ନେଇ ଖୋଳତାଡ଼ କରିଛି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା।

ଧର୍ମଘଟର ପ୍ରଭାବ ମଧ୍ୟ ଓଡ଼ିଶାରେ ପରିଲକ୍ଷିତ ହୋଇଛି। ରାଜ୍ୟର ୬ହଜାର ଡାକ୍ତର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଜରୁରୀକାଳୀନ ସେବାକୁ ବାଦ୍ ଦେଲେ ଅନ୍ୟ ସେବା ବନ୍ଦ ରହିଛି। ବଲାଙ୍ଗୀରରୁ ବାଲେଶ୍ୱର, ମାଲକାନଗିରିରୁ ମୟୂରଭଞ୍ଜ ସବୁଠି ନ୍ୟାୟ ଓ ନିଜର ସୁରକ୍ଷା ଦାବିରେ ରାସ୍ତାକୁ ଓହ୍ଲାଇଛନ୍ତି ଜୁନିୟର ଡାକ୍ତର। ରୋଗୀ ସେବା ବେଳେ ସୁରକ୍ଷା ଯୋଗାଇ ଦିଆଯିବାକୁ ଦାବି କରିଛନ୍ତି। ଡାକ୍ତରଙ୍କ ଆନ୍ଦୋଳନକୁ ଦେଖି ରାଜ୍ୟ ସରକାର ମଧ୍ୟ ତତ୍ପରତା ଦେଖାଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ହରତାଳ ଉପରେ ସରକାରଙ୍କ ନଜର ରହିଛି। କେନ୍ଦ୍ର ସରକାର ଡାକ୍ତରଙ୍କ ସୁରକ୍ଷା ଲାଗି କମିଟି ଗଠନ କରିଛନ୍ତି। ତେଣୁ ରୋଗୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଡାକ୍ତରମାନେ ଆନ୍ଦୋଳନରୁ ଓହରିଯିବାକୁ ସେ ନିବେଦନ କରିଛନ୍ତି। ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ସରକାର ସୁରକ୍ଷା ଯୋଗାଇ ଦେବାରେ ବିଫଳ। କିନ୍ତୁ ଓଡ଼ିଶାରେ ଡାକ୍ତରଙ୍କୁ ସୁରକ୍ଷା ଯୋଗାଇ ଦେବାଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।

# ବ୍ରେଡ୍ ଦହି ବରା

**ଆବଶ୍ୟକ ସାମଗ୍ରୀ:** ୪ ପିସ୍ ବ୍ରେଡ୍, ୩/୪ କପ୍ ଦହି, ଆବଶ୍ୟକ ଅନୁସାରେ ଧନିଆ ଚଟଣୀ, ଆବଶ୍ୟକ ଅନୁସାରେ କଞ୍ଚା ଲଙ୍କା, ଆବଶ୍ୟକ ଅନୁସାରେ ତେନ୍ତୁଳି ଚଟଣୀ, ୧ ଛୋଟ ଚାମଚ ଚିନି, ୧ଛୋଟ ଚାମଚ ଆମଚୁର ପାଉଡର, ୧ ବଡ ଚାମଚ ଧନିଆ ପତ୍ର, ୨ଟି ସିଝା ଆଳୁ, ଆବଶ୍ୟକ ଅନୁସାରେ ଲୁଣ ଏବଂ ଆବଶ୍ୟକ ଅନୁସାରେ କଳା ଲୁଣ।

**ପ୍ରସ୍ତୁତ ପ୍ରଣାଳୀ:** ଏକ ବଡ ପାତ୍ରରେ ସିଝା ଆଳୁକୁ ଦଳି ଦିଅନ୍ତୁ। ଏଥିରେ କଞ୍ଚା ଲଙ୍କା, ଆମଚୁର ପାଉଡର, କିଶମିସ, ଜିରା ଏବଂ ଲୁଣ ପକାନ୍ତୁ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ଆ।ଉ ଏକ ପାତ୍ରରେ ଦହିରେ ଚିନି ପକାଇ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ସିଝା ଆଳୁର ମିଶ୍ରଣକୁ ଗୋଲ ଗୋଲ ଆକର ଦେଇ ବ୍ରେଡ୍ ପିସରେ କଭର କରିଦିଅନ୍ତୁ। ଏହାପରେ ଏକ ଫ୍ରାଇଂ ପ୍ୟାନରେ ଅଳ୍ପ ଘିଅ ପକାଇ ଏହି ବ୍ରେଡ୍ ବରାଗୁଡିକୁ ଭାଜନ୍ତୁ। ଭାଜି ହୋଇସାରିବା ପରେ ପ୍ଲେଟକୁ ବାହାର କରି ସେଥିରେ ମିଠା ଦହି, ତେନ୍ତୁଳି ଚଟଣୀ, ଧନିଆ ଏବଂ ଜିରା ପାଉଡର ଓ ଲଙ୍କା ଗୁଣ୍ଡ ପକାନ୍ତୁ। ପରେ ତା'ଉପରେ ଧନିଆ ପତ୍ର ଏବଂ କଳା ଲୁଣ ପକାଇ ପରଷନ୍ତୁ।



ଖବର

# ୫ ମିନିଟରେ ବଦଳିଥିଲା 'ଦମନ' ଚଳଚ୍ଚିତ୍ରର କାହାଣୀ




'ଦମନ'କୁ ମିଳିଛି ଜାତୀୟ ପୁରସ୍କାର। ଶ୍ରେଷ୍ଠ ଓଡ଼ିଆ ସିନେମା ଭାବେ 'ଦମନ'କୁ ମିଳିଛି ଏହି ଜାତୀୟ ପୁରସ୍କାର। ଏହି ଘୋଷଣା ପରେ ପୂରା 'ଦମନ' ଟିମ୍ ଉତ୍ସାହିତ ହୋଇଛି। ଆଜି ଟିମ୍ ସଦସ୍ୟମାନେ ଖୁସି ମନାଇଥିବା ବେଳେ ପୁରସ୍କାରକୁ ଓଡ଼ିଶାବାସୀଙ୍କ ପାଇଁ ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ଫିଲ୍ମର ମୁଖ୍ୟ ଚରିତ୍ରରେ ଥିବା ଅଭିନେତା ବାବୁଶାନ ମହାନ୍ତି 'ଦମନ'କୁ ନେଇ ମଜାଦାର କଥା ସେୟାର କରିଛନ୍ତି। ଆଜି ବାବୁଶାନ କହିଛନ୍ତି, କ୍ୟାରିୟରରେ ଅନେକ ଫିଲ୍ମ କରିଛି। କିନ୍ତୁ ନୂଆ କିଛି କରିବାକୁ ଚାହୁଁଥିଲି। ଭିନ୍ନ ଗୋଟିଏ ଚରିତ୍ରକୁ ଅପେକ୍ଷା କରିଥିଲି। ଭଗବାନ ସେହି ସମୟରେ ଦେବଭାଇ ଓ ବିଶାଳ ଭାଇଙ୍କୁ ପଠାଇ ଦେଲେୟ ମୋତେ ଦୁଇଟି କାହାଣୀ ଶୁଣାଇଥିଲେୟ। ପ୍ରଥମେ ଦୁଇ ଘଣ୍ଟା ଗୋଟିଏ ଅଲଗା କାହାଣୀ ଶୁଣାଇଥିଲେ। ତା'ପରେ ୫ ମିନିଟରେ 'ଦମନ' କାହାଣୀ ଶୁଣାଇଥିଲେ। ସେତେବେଳେ 'ଦମନ'କୁ ଡକ୍ୟୁମେଣ୍ଟାରୀ କରିବା କରିବାକୁ ଚାହିଁଥିଲେ। ୫ ମିନିଟ୍ ଶୁଥିବା ଏହି ଫିଲ୍ମର କାହାଣୀଟି ମୋତେ ଭଲ ଲାଗିଥିଲା। ପ୍ରଥମେ ଏହାର ଶୁଟିଂ କରିବା ପାଇଁ କହିଥିଲିୟ ହେଲେ ସେମାନେ କହିଲେ, ଏଥିରେ ହିରୋଇନ୍ ନାହିଁ କି ଡ୍ୟାନ୍ସ କରିପାରିବେନି। ହଲ୍ରେ ରିଲିଜ କରିବୁ କି ନାହିଁ ଜାଣିନୁୟ। କେବଳ ଡକ୍ୟୁମେଣ୍ଟରୀ କରିବୁ। ସବୁ ଶୁଣିବା ପରେ ମଧ ଏହି ଫିଲ୍ମ ଶୁଟ୍ କରିବା ପାଇଁ ମୁଁ କହିଥିଲି। ଫିଲ୍ମ ଶୁଟିଂ ହେଲା ଓ ରିଲିଜ ହେଲା। ଆଜି ଯାହା ଘଟଣା ଆପଣମାନେ ଦେଖୁଛନ୍ତି ବୋଲି ବାବୁଶାନ କହିଛନ୍ତି। ୨୦୨୨ ମସିହାରେ ହଲ୍ରେ ରିଲିଜ୍ ହୋଇଥିଲା 'ଦମନ'। ରିଲିଜ୍ ପରେ ଓଡ଼ିଆ ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିଥିଲା। ରେକର୍ଡ ପରେ ରେକର୍ଡ ଭାଙ୍ଗିଥିଲା ଏହି ଫିଲ୍ମ। ଦୁଇ ମାସରୁ ଅଧିକ ସମୟ ଧରି ବିଭିନ୍ନ ସିନେମା ହଲ୍ରେ ପଡ଼ିଥିଲା। ଆଲୋକମାନେ ଫିଲ୍ମର ମଜା ଉଠାଇଥିଲେ। ଡିମାଣ୍ଡ ଦେଖି ପ୍ରଯୋଜନା ସଂସ୍ଥା ଫିଲ୍ମକୁ ହିନ୍ଦୀ ଭାଷାରେ ଡବିଂ କରିଥିଲା। ଆଉ ରିଲିଜ୍ ମଧ କରାଯାଇଥିଲା। ଜାତୀୟ ସ୍ତରରେ ଫିଲ୍ମକୁ ଭଲ ସଫଳତା ମିଳିଥିଲା।'ଦମନ୍' ନାଁ କେମିତି ହେଲା ? ଏମିତି ନାଁ ପରିକଳ୍ପନା ନେଇ ସଂଳାପକାର ଦେବୀ ପ୍ରସାଦ ଲେଙ୍କା ଓ ଭିଶାଲ ର୍ମୀୟ କହିଛନ୍ତି, ରାଜ୍ୟ ସରକାର ଦୁର୍ଗମ ଅଞ୍ଚଳ ମ ୟ । ଲେ ରି ଅ । ନିରାକରଣ(ଦମନ) ନାମକ ଏକ ଯୋଜନା ଚାଲିଛି। ମାଲକାନଗିରି ବିଚ୍ଛିନ୍ନାଞ୍ଚଳରେ ବ୍ୟାପୁଥିବା ମ୍ୟାଲେରିଆ ଓ ତାର ନିରାକରଣ ଉପରେ ଗୋଟିଏ ଡକ୍ୟୁମେଣ୍ଟାରୀ ଶୁଟିଂ କରିବା ପାଇଁ ଯାଇଥିଲୁ। ସେହି ସମୟରେ ସେଠାରେ ଯାହା ସବୁ ସମସ୍ୟାର ସମ୍ମୁଖୀନ ହୋଇଥିଲୁ, ତାକୁ ନେଇ ଏକଫିଲ୍ମ କରିବା ପାଇଁ ନିଷ୍ପତ୍ତି ନେଇଥିଲୁ। ଆଉ ତା'ପରେ ସ୍କ୍ରିପ୍ଟ ଲେଖା ସରିବା ପରେ ଫିଲ୍ମ ତିଆରି କରିଥିଲୁ। ଆଉ ଆଜି ତାର ରେଜଲ୍ଟ ମିଳିଲା ବୋଲି ଉଭୟ କହିଛନ୍ତି।

## ଶ୍ରୀରାମଙ୍କ ଶରଣ

ହନୁମାନ ସମୁଦ୍ର ଲଙ୍ଘନ କରି ମାତା ସୀତାଙ୍କୁ ଖୋଜିବା ଲାଗି ଲଙ୍କାରେ ପହଞ୍ଚିଲେ । ସେ ପ୍ରଥମେ ରାବଣର ସାନ ଭାଇ ବିଭୀଷଣ ନିକଟରେ ପହଞ୍ଚିଲେ । ବିଭୀଷଣ ହନୁମାନଙ୍କୁ ଏକ ଛୋଟ ପ୍ରଶ୍ନ ପଚାରିଲା- ପ୍ରିୟ ହନୁମାନ ! ମୋତେ କୁହ ଯେ ପ୍ରଭୁ ଶ୍ରୀରାମ କ'ଣ ମୋ ଉପରେ କୃପା ଦୃଷ୍ଟି ପକାଇବେ ? ରାବଣ ମୋ ଭାଇ । ଏହା ଜାଣିସୁଦ୍ଧା ସେ କ'ଣ ମୋତେ ଏ ସଂସାରରୁ ମୁକ୍ତି ଦେବେ ? ଏହାଶୁଣି ହନୁମାନ କହିଲେ, ବିଭୀଷଣ ମହୋଦୟ ! ଆପଣ କାହିଁ ଅଯଥା ସନ୍ଦେହରେ ପଡୁଛନ୍ତି ? ମୋ ଭଳି ବାନର କୁଳରେ ଜନ୍ମିତ ଜଣେ ତୁଚ୍ଛ ବାନରକୁ ପ୍ରଭୁ ଶ୍ରୀରାମ ଶରଣ ଦେଇଛନ୍ତି । ସେ ମୋତେ ତାଙ୍କ ଦାସ ଭାବେ ସ୍ୱୀକାର କରିଛନ୍ତି, ଆପଣଙ୍କୁ କାହିଁକି କରିବେ ନାହିଁ ? ଆପଣ ତ' ଜଣେ ମନୁଷ୍ୟ । ଆପଣଙ୍କୁ ସେ ନିଶ୍ଚେ ସହାୟତା କରିବେ । ଏହା କହି ହନୁମାନ ନିଜ ଭକ୍ତି ମାଧ୍ୟମରେ ବିଭୀଷଣଙ୍କ ହୃଦୟରେ ଶ୍ରୀରାମଙ୍କ ପ୍ରତି ଅତୁଟ ବିଶ୍ୱାସ ଜନ୍ମାଇ ପାରିଥିଲେ । ଏହି କାରଣରୁ ବିଭୀଷଣ ନିଜକୁ ପ୍ରଭୁ ଶ୍ରୀରାମଙ୍କ ଠାରେ ସମ୍ପୂର୍ଣ୍ଣ ରୂପରେ ସମର୍ପି ଦେଇଥିଲେ ।



# ଗୃହତ୍ୟାଗର ଉଦ୍ଦେଶ୍ୟ

ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଯୁବାବସ୍ଥାରେ ବଦ୍ରୀନାଥ-କେଦାରନାଥ ପାର୍ବତୀୟ କ୍ଷେତ୍ର ଭ୍ରମଣ କରିଥିଲେ । ଏହି ଯାତ୍ରା ସମୟରେ ଦିନେ ସେ ଟିହରି ନାମକ ସ୍ଥାନରେ ପହଞ୍ଚିଲେ । ତାଙ୍କ ତେଜସ୍ୱୀ ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହୋଇ ସ୍ଥାନୀୟ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବିଦ୍ୱାନ ତାଙ୍କୁ ନିଜ ଘରକୁ ଭୋଜନ ନିମନ୍ତେ ଆମନ୍ତ୍ରଣ ଜଣାଇଲେ । ସ୍ୱାମୀଜୀ ଉକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚିବା ପରେ ଦେଖିଲେ ଯେ ସେହି ଘରେ ଜଣେ ଲୋକ ମାଂସ କାଟୁଛି । ଏହା ଦେଖି ସ୍ୱାମୀଜୀ ତୁରନ୍ତ ଫେରିବାକୁ ବାହାରିଲେ । ଗୃହସ୍ୱାମୀ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ସେ କହିଲେ, ମୁଁ ମାଂସାହାରୀଙ୍କ ଘରେ ଭୋଜନ କରି ପାରିବି ନାହିଁ । ଏହା କହି ସେ ଫେରିଆସିଲେ । ଗୁପ୍ତକାଶୀରେ ସ୍ୱାମୀଜୀ ଓଖୋ ମଠରେ ରହିଥିଲେ । ମଠର ମହନ୍ତ ତାଙ୍କ ସହ କଥାବାର୍ତ୍ତା ହେବା ସମୟରେ ଜାଣିପାରିଲେ ଏହି ଯୁବକ ଅତ୍ୟନ୍ତ ବିଦ୍ୱାନ । ସ୍ୱାମୀଜୀଙ୍କୁ ଦିନେ ମହନ୍ତ କହିଲେ, ତୁମେ ମୋ ଶିଷ୍ୟତ୍ୱ ଗ୍ରହଣ କରିନିଅ । ମଠର ବହୁ ସମ୍ପତ୍ତି ରହିଛି । ଭବିଷ୍ୟତରେ ତୁମେ ଏହି ସବୁ ସମ୍ପତ୍ତିର ମାଲିକ ହୋଇଯିବ । ମାତ୍ର ସ୍ୱାମୀଜୀ କହିଲେ, ଯଦି ମୋ ମନରେ ମଠ ସମ୍ପତ୍ତିର ମାଲିକ ହେବାର ଲୋଭ ଥାଆନ୍ତା, ତାହେଲେ ମୁଁ ମାତା-ପିତା, ବନ୍ଧୁ-ବାନ୍ଧବ, ଘରପରିବାର କାହିଁକି ଛାଡ଼ି ଚାଲିଆସିଥାଆନ୍ତି । ମହନ୍ତ ପଚାରିଲେ, ତାହେଲେ ତୁମେ କ'ଣ ପ୍ରାପ୍ତ କରିବା ଲାଗି ଘର ଛାଡ଼ିଛ । ସ୍ୱାମୀଜୀ ଏହାର ଉତ୍ତରରେ କହିଲେ ସତ୍ୟ, ବିଦ୍ୟା, ଯୋଗ, ଆତ୍ମା ଆଦିର ରହସ୍ୟ ଜାଣିବା ଲାଗି ମୁଁ ଗୃହତ୍ୟାଗ କରିଛି । ପରଦିନ ସ୍ୱାମୀଜୀ ସେହି ମଠ ଛାଡ଼ି ଯୋଶୀମଠ ଅଭିମୁଖେ ଯାତ୍ରାରମ୍ଭ କଲେ । ଏହି ଯାତ୍ରା ସମୟରେ ସେ ଅନେକ ଠକ ତାନ୍ତ୍ରିକ ଓ ଦେବପୂଜା ନାମରେ ପଶୁବଳି ଦେଉଥିବା ଲୋକଙ୍କର ଘୋର ବିରୋଧ କରିଥିଲେ



# ସଫଳ ହୁଏ ବିଦ୍ୱାନ ବ୍ୟକ୍ତି



ପିତାମହ ଭୀଷ୍ମ ମୃତ୍ୟୁ ପୂର୍ବରୁ ପାଣ୍ଡୁପୁତ୍ର ଯୁଧିଷ୍ଠିରଙ୍କୁ ଅନେକ ନୀତିଶିକ୍ଷା ଦେଇଥିଲେ । ଯାହା ମହାଭାରତର ଶାନ୍ତି ପର୍ବରେ ଉଲ୍ଲେଖ ରହିଛି । ଏଥିରେ ତିନି ଜଣ ଏପରି ଲୋକଙ୍କ କଥା କୁହାଯାଇଛି, ଯେଉଁମାନେ କୌଣସି ଜଟିଳ ପରିସ୍ଥିତିକୁ ସରଳତାର ସହ ମୁକାବିଲା କରିପାରିବେ । ଏହି ତିନି ଜଣ ବ୍ୟକ୍ତି ହେଲେ ବୁଦ୍ଧିମାନ, ବିଦ୍ୱାନ ଏବଂ ନୀତିଶାସ୍ତ୍ରରେ ନିପୁଣ । ଏହି ତିନି ଜଣ ବ୍ୟକ୍ତି ଜୀବନରେ ଆସୁଥିବା କୌଣସି ପ୍ରକାରର ବିପତ୍ତିକୁ ସହ୍ୟ କରିପାରିବେ । ଥରେ ପାଣ୍ଡବମାନେ ବନବାସ ଯାଇଥିବା ସମୟରେ ଧର୍ମରାଜ ଯମ ନିଜ ପୁତ୍ର ଯୁଧିଷ୍ଠିରଙ୍କ ପରୀକ୍ଷା ନେବାକୁ ଚାହିଁଲେ । ତେଣୁ ସେ ଯକ୍ଷ ରୂପ ଧାରଣ କଲେ । ଜଣ ଜଣ କରି ସମସ୍ତ ପାଣ୍ଡବଙ୍କୁ ଏକ ସରୋବର ନିକଟକୁ ଅପହରଣ କରିନେଇ ଅଦୃଶ୍ୟ କରିଦେଲେ। ଶେଷରେ ଯୁଧିଷ୍ଠିର ଆସିଲେ । ସେ ଆସି ପହଞ୍ଚି ଦେଖିଲେ ଯେ ତାଙ୍କ ୪ ଭାଇଙ୍କ ମୃତଦେହ ପୋଖରୀ କୂଳରେ ପଡ଼ିଛି । ଯୁଧିଷ୍ଠିର ଯକ୍ଷଙ୍କ ସହ ଆଲୋଚନା କଲେ। ଯକ୍ଷ ତାଙ୍କୁ କେତେକ ପ୍ରଶ୍ନ ପଚାରିଲେ। ସବୁ ପ୍ରଶ୍ନର ଉତ୍ତର ଦେଇସାରିବା ପରେ ଯୁଧିଷ୍ଠିର ନିଜ ଭାଇମାନଙ୍କୁ ଜୀବିତ କରିଦେବା ଲାଗି ଅନୁରୋଧ କଲେ। ଧର୍ମରାଜ କହିଲେ, ମୁଁ ତୁମର ଗୋଟିଏ ଭାଇଙ୍କୁ ଜୀବିତ କରିଦେଇପାରେ । ଯୁଧିଷ୍ଠିର କହିଲେ, ତା'ହେଲେ ନକୁଳ କିମ୍ବା ସହଦେବଙ୍କ ମଧ୍ୟରୁ ଜଣକୁ କାହାକୁ ଜୀବିତ କରିଦିଅନ୍ତୁ । କାରଣ ଭୀମ ଏବଂ ଅର୍ଜୁନ ମାତା କୁନ୍ତୀଙ୍କ ପୁତ୍ର। ନକୁଳ ଏବଂ ସହଦେବ ମାତା ମାଦ୍ରୀଙ୍କ ପୁତ୍ର । ମୁଁ କୁନ୍ତୀ ମାତାଙ୍କ ଜଣେ ପୁତ୍ର ଭାବେ ଜୀବିତ ଅଛି, ତେଣୁ ଆପଣ ମାଦ୍ରୀଙ୍କ ପୁତ୍ରଙ୍କୁ ଜୀବିତ କରିଦିଅନ୍ତୁ । ଯୁଧିଷ୍ଠିରଙ୍କ ଏହି ବୁଦ୍ଧିମାନ ଭର ବାଣୀ ଶୁଣି ଯକ୍ଷ ତାଙ୍କର ସବୁ ଭାଇଙ୍କୁ ମୁକ୍ତ କରିଦେଇଥିଲେ । ଦୁର୍ଯ୍ୟୋଧନ ଜନ୍ମ ନେବା ସମୟରେ ଚତୁର୍ଦ୍ଦିଗରେ ବିଭିନ୍ନ ଅଘଟଣ ଘଟିବାକୁ ଲାଗିଲେ । ବିଲୁଆ ରୋଦନ କରିବାକୁ ଲାଗିଲା । ମହାମନ୍ତ୍ରୀ ବିଦୁର ମହାବିଦ୍ୱାନ ତଥା ଶାସ୍ତ୍ରଜ୍ଞାନୀ ଥିଲେ । ତେଣୁ ଦୁର୍ଯ୍ୟୋଧନ ଭଳି ଏକ ଅଶୁଭ ପୁତ୍ରକୁ ତ୍ୟାଗ କରିବା ଲାଗି ସେ ରାଜା ଧୃତରାଷ୍ଟ୍ରଙ୍କୁ ପରାମର୍ଶ ଦେଇଥିଲେ । କିନ୍ତୁ ପୁତ୍ର ମୋହରେ ଧୃତରାଷ୍ଟ ନୀତିଜ୍ଞ ବିଦୁରଙ୍କ କଥା ମାନିଲେ ନାହିଁ । ଏହି କାରଣରୁ କୁରୁବଂଶ ଧ୍ୱଂସ ହୋଇଗଲା। ପାଣ୍ଡବମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଭଳି ବିଦ୍ୱାନଙ୍କ ଶରଣରେ ଥିଲେ । ଭଗବାନ ଯେଉଁସ୍ଥାନରେ ଥିଲେ ସେଠାରେ ଧର୍ମ ରହିଥିଲା । ଆଜୀବନ ପାଣ୍ଡବମାନେ କୌଣସି ସଂକଟରେ ପଡୁଥିଲେ, ଶ୍ରୀକୃଷ୍ଣ ସେମାନଙ୍କର ସହାୟତା କରିଥିଲେ । କୃଷ୍ଣଙ୍କ ମାର୍ଗଦର୍ଶନ ପାଇ ପାଣ୍ଡବମାନେ ମହାଭାରତ ଭଳି ମହାଯୁଦ୍ଧରେ ବିଜୟୀ ହୋଇଥିଲେ । ତେଣୁ ବିଦ୍ୱାନ ବ୍ୟକ୍ତି ଜୀବନର ସମସ୍ତ କାର୍ଯ୍ୟରେ ସଫଳତା ଲାଭ କରିଥାଏ

# କ'ଣ ମନି ପ୍ଲାଣ୍ଟ ଗଛ ଲଗାଇଲେ ଘରେ ଝଗଡ଼ା ହୁଏ

ଘରେ ମନି ପ୍ଲାଣ୍ଟ ଗଛ ଲଗାଇଲେ ସକରାତ୍ମକ ଶକ୍ତି ଆସେ, ଧନ ବଢ଼େ ବୋଲି କୁହାଯାଏ। ହଁ ଏହି କଥା ସତ। ମାତ୍ର ଏହି ମନି ପ୍ଲାଣ୍ଟ ଗଛକୁ ଯଦି ଠିକ ସ୍ଥାନରେ ନ ରଖାଯାଏ ତେବେ ଘରେ ଅଶାନ୍ତି ସୃଷ୍ଟି ହୋଇଥାଏ। ପରସ୍ପର ମଧ୍ୟରେ କଳି ଝଗଡ଼ା ଲାଗି ରହେ। ଘରେ ମନି ପ୍ଲାଣ୍ଟ ଗଛକୁ ଲଗାଇବା ପୂର୍ବରୁ କିଛି କଥା ମନେ ରଖନ୍ତୁ, କେବେ ବି ମନି ପ୍ଲାଣ୍ଟ ଗଛକୁ ବାହାରେ ଲଗାଇବେ ନାହିଁ, ଖରା ଠାରୁ ଗଛକୁ ଦୂରେଇ ରଖନ୍ତୁ, ଗଛର ପତ୍ରକୁ କେବେ ଶୁଖିବାକୁ ଦିଅନ୍ତୁ ନାହିଁ, ସବୁବେଳେ ପାଣି ଦିଅନ୍ତୁ। ଏହା କରିପାରିଲେ ଘରେ ଶାନ୍ତି ବଜାୟ ରହିବ। ବାସ୍ତୁ ଶାସ୍ତ୍ର ଅନୁସାରେ, ମନି ପ୍ଲାଣ୍ଟକୁ କେବଳ ଦକ୍ଷିଣ ପୂର୍ବ ଦିଗରେ ରଖିବେ। ଦକ୍ଷିଣ ପୂର୍ବ ଦିଗରେ ଭଗବାନ ଗଣେଶ ବାସ କରିଥାନ୍ତି। ଫଳରେ ଏହି ସ୍ଥାନରେ ରଖିଲେ ଘରେ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ। ଉତର ପୂର୍ବ ସ୍ଥାନରେ ରଖିଲେ ନକରାତ୍ମକ ଶକ୍ତି ଆସେ। ମନି ପ୍ଲାଣ୍ଟ ଗଛକୁ କେବେ ବି ଘର ବାହାରେ ଲଗାଇବେ ନାହିଁ। ଗଛକୁ ପତ୍ରକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଏଥିରେ ସବୁବେଳେ ପାଣି ଦେବା ଦରକାର। ଯଦି ଗଛର ପତ୍ର ହାଲକା ହଳଦିଆ ଦେଖାଯିବ ତେବେ ଶୀଘ୍ର ବାହାର କରିଦିଅନ୍ତୁ। କୁହାଯାଏ କି, ଗଛର ପତ୍ର ସବୁବେଳେ ଉପର ମୁହାଁ ହୋଇ ବଢ଼ିବା ଦରକାର। ତଳ ମୁହାଁ ତଥା ମାଟିକୁ ଛୁଇଁବା ଭଲ ନୁହେଁ। ସେଥିପାଇଁ ଗଛକୁ ଲଗାଇବା ସମୟରେ ଏକ ବାଡ଼ି ଦେଇ ଗଛକୁ ହାଲୁକା ଭାବେ ବାନ୍ଧି ଦିଅନ୍ତୁ। ଯାହା ଦ୍ୱାରା ଉପର ମୁହାଁ ହୋଇ ବଢ଼ିବ।



# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ରେ ଛାୟା ଜାତିସଂଘ ଉଦ୍‌ଘାଟିତ

**ଭୁବନେଶ୍ୱର,୧୭।୮ (ମହାଭାରତ):** କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ୧୧ତମ ଛାୟା ଜାତିସଂଘ ଆଜି ଉଦ୍‌ଘାଟିତ ହୋଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଛାୟା ଜାତିସଂଘକୁ ଉଦ୍‌ଘାଟନ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଛାୟା ଜାତିସଂଘ ହେଉଛି ଏଭଳି ଏକ ପ୍ଲାଟଫର୍ମ ଯେଉଁଠି ଛାତ୍ରଛାତ୍ରୀମାନେ ଅନ୍ୟମାନଙ୍କ ସହ କିପରି ବାର୍ତ୍ତାଳାପ, ଆଲୋଚନା କରିବାକୁ ହେବ ଶିଖିବା ସହ ଯୁକ୍ତି ଉପସ୍ଥାପନ ଶୈଳୀ, ନିଜର ଚିନ୍ତାଧାର ପରିପ୍ରକାଶ, ବିଭିନ୍ନ ସମସ୍ୟା ସମାଧାନ କରିବାର ପାରଦର୍ଶିତା ଏବଂ ନେତୃତ୍ୱ ନେବାର ଦକ୍ଷତା ଆଦି ବିଷୟରେ ଶିଖିବାର ସୁଯୋଗ ମିଳିଥାଏ। ଛାୟା ଜାତିସଂଘରେ ସୁନ୍ଦର ଭାବେ ଜ୍ଞାନ ଓ ଭାବ ପରିପ୍ରକାଶର ସମନ୍ୱୟ ହୋଇଥାଏ।



ଏକ ସମୃଦ୍ଧ ଭାରତ ଗଠନରେ ଯୁବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଯୁବଗୋଷ୍ଠୀକୁ ଶିକ୍ଷା ସହ ସଶକ୍ତ, ସକ୍ଷମ, ସଂଶ୍ଳିଷ୍ଟ ଏବଂ ପ୍ରବୃଦ୍ଧ କରିବାକୁ ପଡ଼ିବ ବୋଲି ଶ୍ରୀ ସାମନ୍ତ କହିଥିଲେ। ଛାୟା ଜାତିସଂଘରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ବର୍ତ୍ତମାନ ସମୟ ହେଉଛି ଜ୍ଞାନର ଯୁଗ। ଛାତ୍ରଛାତ୍ରୀମାନେ ନିଜର ଜ୍ଞାନକୁ ଆହୁରି ବ୍ୟାପକ କରିବା ସହ ଦକ୍ଷ ହେବାକୁ ପଡ଼ିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ବାୟୁସେନା ଗ୍ରୁପ୍ କ୍ୟାପଟେନ୍ ଆର. କେ. ନାରଙ୍ଗ କହିଲେ, ଏକ ଦାୟିତ୍ୱବାନ୍ ରାଷ୍ଟ୍ର ଭାବେ ଭାରତ ଜାତିସଂଘରେ ଶାନ୍ତି ଓ ନିରାପତ୍ତା କ୍ଷେତ୍ରରେ ପ୍ରତ୍ୟେକ୍ଷ ଭାବେ ଅଂଶ ଗ୍ରହଣ କରିଆସୁଛି। କରୋନା ମହାମାରୀ ସମୟରେ ଏକ ଦାୟିତ୍ୱବାନ୍ ରାଷ୍ଟ୍ରଭାବେ ଭାରତ ଏହାର ମୁକାବିଲା ନିମନ୍ତେ ଅନ୍ୟ ଦେଶଗୁଡ଼ିକ ସହ ଛିଡ଼ାହେବା ସହ ସେମାନଙ୍କୁ ସହଯୋଗର ହାତ ବଢ଼ାଇଥିଲା। ବର୍ତ୍ତମାନ ସମୟରେ ମାନବିକତା ଓ ମାନବାଧିକାର ବିଶ୍ୱର ସବୁଠାରୁ ବଡ଼ ପ୍ରସଙ୍ଗ ହୋଇଛି। ଏହାଛଡ଼ା ଜଳବାୟୁ ପରିବର୍ତ୍ତନ, ସାଇବର ଅପରାଧ, ଆତଙ୍କବାଦ ଭଳି ଅନେକ ବୈଶ୍ୱିକ ପ୍ରସଙ୍ଗ ରହିଛି। ଏସବୁର ସମାଧାନର ପନ୍ଥା ବାହାର କରିବାରେ ଯୁବଗୋଷ୍ଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୨୦୪୭ ମସିହା ସୁଦ୍ଧା ଭାରତ ଏକ ବିକଶିତ ଦେଶରେ ପରଣିତ ହେବାର ଲକ୍ଷ୍ୟ ରଖିଛି। ୧୪୦ କୋଟି ଭାରତୀୟ ତଥା ବିଶ୍ୱବାସୀଙ୍କ ଆଶା ଯୁବକମାନେ ହିଁ ପୂରଣ କରିପାରିବେ ବୋଲି ଶ୍ରୀ ନାରଙ୍ଗ କହିଥିଲେ।

ତେଣୁ ବିଶ୍ୱ ଦୃଶ୍ୟପଟକୁ ଦୃଷ୍ଟିରେ ରଖି ଭାରତକୁ କିପରି ଏକ ସମୃଦ୍ଧ ରାଷ୍ଟ୍ରରେ ପରଣିତ କରାଯାଇପାରିବ ସେଥିପାଇଁ ଯୁବକ ଯୁବତୀମାନେ ନୂତନ ଚିନ୍ତାଧାର ପରିପ୍ରକାଶ କରିବା ଆବଶ୍ୟକ ବୋଲି ସେ କହିଥିଲେ।ଏହି ଛାୟା ଜାତିସଂଘରେ ଛାତ୍ରଛାତ୍ରୀମାନେ ପାରସ୍ପରିକ ଆଲୋଚନା, ପର୍ଯ୍ୟାଲୋଚନା ଓ ନିଜର ସର୍ଜନଶୀଳ ଚିନ୍ତାଧାରା ମାଧ୍ୟମରେ ବିଶ୍ୱର ବିଭିନ୍ନ ପୁରୁଣା ସମସ୍ୟା ସହ ବର୍ତ୍ତମାନର ସମସ୍ୟାର ସମାଧାନର ପନ୍ଥା ବାହାର କରିବେ ବୋଲି ସେ ଆଶା ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ସମବାୟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ମିଳନୀ

**ଭୁବନେଶ୍ୱର,୧୭।୮ (ମହାଭାରତ):** ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ୩ୟ ଦ୍ୱି-ବାର୍ଷିକ ସମ୍ମିଳନୀ ବ୍ୟାଙ୍କର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ମୁଖ୍ୟ ଅତିଥି ଓ ନିଖିଳ ଓଡ଼ିଶଶ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସହାସଂଘର ସଭାପତି ବୈକୁଣ୍ଠନାଥ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କର୍ମଚାରୀ ସଂଘର ସଭାପତି ତଥା ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ନିରଞ୍ଜନ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ସଭାରେ ବିଭିନ୍ନ ଆଲେଖ୍ୟ ବିଷୟ ମଧ୍ୟରୁ ବଅସରପ୍ରାପ୍ତ କର୍ମଚାରୀ ମାନଙ୍କର ସ୍ୱାସ୍ଥ୍ୟବୀମା ଓ ପେନସନ ସଂଶୋଧନ ପାଇଁ ଦ୍ୱି-ପାକ୍ଷିକ ରାଜିନାମା ଅନ୍ୟତମ। ଏହା ବ୍ୟତୀତ ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୦୨୪-୨୦୨୬ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିମ୍ନଲିଖିତ ସଭ୍ୟମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ନିରଞ୍ଜନ ମିଶ୍ର ସଭାପତି, ପ୍ରମୋଦ କୁମାର ନାୟକ ଉପ ସଭାପତି, ତାରାଚାନ୍ଦ ମହାନ୍ତି ସାଧାରଣ ସମ୍ପାଦକ, ଅଲେଖ ଚନ୍ଦ୍ର ସାହୁ ସହକାରୀ ସାଧାରଣ ସମ୍ପାଦକ, ଅଜିତ୍ କୁମାର ବିଶ୍ୱାଳ କୋଷାଧ୍ୟକ୍ଷ, ଅଭୟ କୁମାର ଓଝା ଓ ଅଶୋକ କୁମାର ମହାନ୍ତି ସମୀକ୍ଷକ ଭାବେ ନିର୍ବାଚିତ ହୋଇଥିବା ବେଳେ ୮ ଜଣ କାର୍ଯ୍ୟକାରୀ ସଦସ୍ୟ ଭାବେ ଅଜିତ୍ କୁମାର ପଟ୍ଟନାୟକ ରାଜକିଶୋର ରଥ, ନିରଞ୍ଜନ ମହାପାତ୍ର, ଜୟନ୍ତ କୁମାର ସ୍ୱାଇଁ, ପ୍ରମୋଦ କୁମାର ଶ୍ରୀଚନ୍ଦନରାୟ, ସୁରେନ୍ଦ୍ର କୁମାର ପ୍ରଧାନ, ସୁଶିଳ କୁମାର ପଟ୍ଟନାୟକ, ଗୁରୁକୃଷ୍ଣ ଦାସ ଏବଂ ଉପଦେଷ୍ଟା ଭାବେ ପ୍ରଦୋଷ ପଟ୍ଟନାୟକ ଓ ଲକ୍ଷ୍ମୀ ନାରାୟଣ ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି।

# ଚୋରି ଘଟଣାରେ ଜଣେ ଗିରଫ

**କଟକ,୧୭।୮ (ମହାଭାରତ):** ଆଠଗଡରେ କାର୍ଯ୍ୟରତ ପ୍ରଥମଶ୍ରେଣୀ ବିଚାର ବିଭଗୀୟ ମାଜିଷ୍ଟ୍ରେଟ (ଜେଏମଏଫସି) ସମ୍ବେଦନା ସମ୍ପିତିଙ୍କ ଡାଇମଣ୍ଡ ମଙ୍ଗଳସୂତ୍ର, ପାଉଁଜି, ଇମିଟେସନ ଅଳଙ୍କାର, ଏଲଇଡି ଟିଭି ସମେତ ଚୋରିରେ ବ୍ୟବହାର ହୋଇଥିବା ୨ଟି ସ୍କୁଟି, ଗୋଟିଏ



ସରକାରୀ ବାସଭବନରୁ ଚୋରି ଘଟଣାରେ ସଂପୃକ୍ତ ଥିବା ଜଣେ ନାବାଳକକୁ ଅଟକ ରଖିବା ସହ ଜଣକୁ ଗିରଫ କରି କୋର୍ଟ ଚଲାଣ କଲା ଆଠଗଡ ପୋଲିସ। ଚୋରି ହୋଇଥିବା ମଟର ସାଇକେଲ ଜବତ କଲା ପୋଲିସ। ଆଠଗଡ଼ ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ କଟକ ଜିଲ୍ଲା ଅତିରିକ୍ତ ଏସ୍ପି କୃଷ୍ଣ ପ୍ରସାଦ ପଟ୍ଟନାୟକ। ଗତ ୯ ତାରିଖ ସନ୍ଧ୍ୟାରେ ଆଠଗଡରେ କାର୍ଯ୍ୟରତ ପ୍ରଥମ ଶ୍ରେଣୀ ବିଚର ବିଭଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଘରେ କଳାକନା ବୁଲାଇଥିଲେ ୪ ଜଣ ଦୁର୍ବୃତ୍ତ। ଚୋରି ଘଟଣାର ମାଷ୍ଟର ମାଇଣ୍ଡ ନାବାଳକ ହୋଇଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଶଙ୍କର ଓରଫ ନଣ୍ଡାକୁ ଗିରଫ କରାଯାଇଛି। ଏହି ଘଟଣାରେ ସଂପୃକ୍ତ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ବେଳେ ଟାଙ୍ଗି ଥାନାରେ ଏକ ଚୋରି କେସରେ ଅଭିଯୁକ୍ତ ଆକାଶ ନାୟକ ଗିରଫ ହୋଇଛି। ଥାନା ପରିସରରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ କଟକ ଜିଲ୍ଲା ଅତିରିକ୍ତ ଏସ୍ପି କୃଷ୍ଣ ପ୍ରସାଦ ପଟ୍ଟନାୟକ।

# ଅଣ ସଂରକ୍ଷିତ ସରକାରୀ ପଦବୀରେ ସଂରକ୍ଷିତ ବର୍ଗର ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତି ପାଇପାରିବେ

**ଭୁବନେଶ୍ୱର,୧୭।୮ (ମହାଭାରତ):** ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଆଧାରରେ ଜଣେ ସଂରକ୍ଷିତ ବର୍ଗର ପ୍ରାର୍ଥୀ ବି ଅଣ ସଂରକ୍ଷିତ ସରକାରୀ ପଦବୀକୁ ପଦୋନ୍ନତି ପାଇପାରିବେ। ଅଣ ସଂରକ୍ଷିତ ଆସନ କୌଣସି ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ସଂରକ୍ଷିତ ନୁହେଁ। ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଏଭଳି ଫଇସଲା ଶୁଣାଇଛନ୍ତି।

ହାଇକୋର୍ଟର ଅନ୍ୟତମ ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ସ୍ଥାନ ସଂରକ୍ଷଣ ଓ ପଦୋନ୍ନତି ସଂକ୍ରାନ୍ତୀୟ ଏକ ସମ୍ବେଦନଶୀଳ ମାମଲାର ବିସ୍ତୃତ ଶୁଣାଣି ପରେ ଉଲ୍ଲେଖ କରିଛନ୍ତି ଯେ ଯୋଗ୍ୟତା ଥାଇ କୌଣସି ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ଅଣ ସଂରକ୍ଷିତ ପଦବୀ ପାଇଁ ପଦୋନ୍ନତି କିମ୍ବା ନିଯୁକ୍ତି ନଦେବା ସମ୍ବିଧାନର ୧୪ ଓ ୧୬ ଧାରାର ଖୋଲା ଉଲ୍ଲଂଘନ କରୁଛି। ଏ ପରିପ୍ରେକ୍ଷୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ୨୦୧୯ ଜାନୁଆରୀ ୧୧ ତାରିଖରେ ଜାରି କରିଥିବା ଏକ ସ୍ପଷ୍ଟୀକରଣକୁ ମଧ୍ୟ ବେଆଇନ୍ ବୋଲି ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ପ୍ରହଲାଦ କୁମାର ସିଂହ ଓ ଅମୀୟ କୁମାର ଛାଟୋଇ ଏହି ମାମଲା ପରିଚାଳନା କରିଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଧନଞ୍ଜୟ ମୁଣ୍ଡ ଲଢୁଥିଲେ।

ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦୁଝର ଜିଲ୍ଲାରେ ୨୦୧୦ ମସିହାରେ ଅମିନ ଭାବେ ଲଳିତ କୁମାର ନାଏକ ନାମକ ଜଣେ ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥୀ ନିଯୁକ୍ତି ପାଇଥିଲେ। ବରିଷ୍ଠତା ତାଲିକାରେ ତାଙ୍କର ନାମ ୭ କ୍ରମରେ ରହିଥିବା ବେଳେ ୨୦୧୨ ମସିହାରେ ଏହି ପଦବୀରେ ନିଯୁକ୍ତି ପାଇଥିବା ଅଣ ସଂରକ୍ଷିତ ବର୍ଗର ଅନ୍ୟ ଦୁଇଜଣଙ୍କ ନାମ ତାଲିକାର ୨୦ ଓ ୨୧ କ୍ରମରେ ରହିଥିଲା। କେନ୍ଦୁଝର ଜିଲ୍ଲାରେ ରାଜସ୍ୱ ନିରୀକ୍ଷକ ପଦବୀ ଲାଗି ୨୦୧୯ ମସିହାରେ ପଦୋନ୍ନତି ଦିଆଯିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଅଣ ସଂରକ୍ଷିତ



ଆସନରେ ବରିଷ୍ଠ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ପଦୋନ୍ନତି ଦିଆଯାଇପାରିବ କି ନାହିଁ ସେ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ଚାହିଁଥିଲେ। ରାଜସ୍ୱ ବିଭାଗ ଏ ସଂକ୍ରାନ୍ତରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ମତ ଲୋଡ଼ିଥିଲେ। ଏସ୍‌ସି ଓ ଏସ୍‌ଟି ବର୍ଗର ସ୍ୱାର୍ଥ ରକ୍ଷା ପାଇଁ ଗଢ଼ାଯାଇଥିବା ଏହି ବିଭାଗ କିନ୍ତୁ ଅଣ ସଂରକ୍ଷିତ ଆସନରେ ଅଣ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ପଦୋନ୍ନତି ଦିଆଯାଇପାରିବ ବୋଲି ମତ ଦେବା ପରେ ତଦନୁଯାୟୀ ରାଜସ୍ୱ ବିଭାଗ ଜିଲ୍ଲା ପ୍ରଶାସନକୁ ଜଣାଇ ଦେଇଥିଲେ ଏବଂ ଏହି ଆଧାରରେ ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଥିବା ଏସ୍‌ଟି ପ୍ରାର୍ଥୀଙ୍କୁ ଉପେକ୍ଷା କରି ତାଙ୍କ ଠାରୁ ୨ବର୍ଷ ପରେ ଚାକିରିରେ ଯୋଗ ଦେଇଥିବା ଢେର କନିଷ୍ଠ ଅଣ ସଂରକ୍ଷିତ ପ୍ରାର୍ଥୀଙ୍କୁ ପଦୋନ୍ନତି ଦିଆଯିବାରେ ବଞ୍ଚିତ ଏସ୍‌ଟି ପ୍ରାର୍ଥୀ ଜଣକ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଏଭଳି ପଦୋନ୍ନତି ଓଡିଆରଏସ୍ ଏବଂ କ୍ରାଇଟେରିଆ ଫର୍ ପ୍ରମୋସନ ରୁଲ୍‌ର ଉଲ୍ଲଂଘନ କରିବା ସହିତ ଏଭଳି ପ୍ରସଂଗରେ ସୁପ୍ରିମକୋର୍ଟ ଦେଇଥିବା ବହୁ ଗୁରୁତ୍ୱପୂର୍ଣ୍ଣ ରାୟକୁ ମଧ୍ୟ ଉପେକ୍ଷା କରୁଛି। ଏ ସଂକ୍ରାନ୍ତରେ ସମ୍ବିଧାନର ବିଭିନ୍ନ ଧାରା, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଏ ପ୍ରସଂଗରେ ଜାରି କରାଯାଇଥିବା ମାର୍ଗଦର୍ଶିକା ଏବଂ ସର୍ବୋପରି ସୁପ୍ରିମକୋର୍ଟଙ୍କ ରାୟର ତର୍ଜମା କରି ଓଡ଼ିଶା ହାଇକୋର୍ଟ ଏଭଳି ରାୟ ଦେଇଛନ୍ତି।

ଇନ୍ଦ୍ରା ସାୱ୍ନୀ, ଆର.କେ. ସଭରୱାଲ୍, ବିର୍‌ପାଲ୍ ସିଂ ଚୌହାନ, ନୀତିନ କୁମାର, ସଂଜୀବ କୁମାର ସିଂହ ଆଦି ମାମଲାରେ ସୁପ୍ରିମକୋର୍ଟ ବାରମ୍ବାର ସ୍ପଷ୍ଟ କରିଦେଇଛନ୍ତି ଯେ ଅଣ ସଂରକ୍ଷିତ ସରକାରୀ ପଦପଦବୀ କୌଣସି ବର୍ଗଙ୍କ ପାଇଁ ସଂରକ୍ଷିତ ନୁହେଁ। ସଂରକ୍ଷିତ ବର୍ଗର କୌଣସି ଯୋଗ୍ୟ ପ୍ରାର୍ଥୀ ଅଣ ସଂରକ୍ଷିତ ପଦବୀ ପାଇଁ ମଧ୍ୟ ତାଙ୍କ ଯୋଗ୍ୟତା ଓ ଦକ୍ଷତା ଆଧାରରେ ପ୍ରତିଯୋଗିତା କରିପାରିବେ।

# ବିଜେଡି ଛାଡି ବିଜେପିରେ ମିଶିଲେ ବରୀ ବ୍ଲକ ଅଧ୍ୟକ୍ଷ

**ଭୁବନେଶ୍ୱର,୧୭।୮ (ମହାଭାରତ):** ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଭାରତୀୟ ଜନତା ପାର୍ଟୀ ବିଧାୟକ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ବିଜେଡି ଦଳ ପରିତ୍ୟାଗ କରି ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡୀ ତାଙ୍କ ସମର୍ଥକଙ୍କ ସହ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି।



ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନ, ଗରୀବ କଲ୍ୟାଣ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପାର୍ଟିରେ ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ।

ବରୀ ବ୍ଲକ ଅଧ୍ୟକ୍ଷ ଶ୍ରୀ ଗେଡ୍ଡୀଙ୍କ ସହ ମନ୍ଦାରୀ ପଂଚାୟତ ସରପଂଚ ଧୀରେନ୍ଦ୍ର ଜେନା, ମନ୍ଦାରୀ ପଂଚାୟତ ସଭ୍ୟ ଧୀରେନ୍ଦ୍ର ଦାସ, ଅନ୍ୟାସପୁର ପଂଚାୟତ ସଭ୍ୟ ରମେଶ ସାହୁ, କଳାମାଟିଆ ପଂଚାୟତ ସରପଂଚ ରଶ୍ମୀତା ପରିଡା, କଳାମାଟିଆ ପଂଚାୟତ ସଭ୍ୟା ପ୍ରିୟଙ୍କା ଦାସ, ଅଙ୍ଗାଳ ପଂଚାୟତ ସରପଂଚ ସକୁଂଳା ମଲ୍ଲିକ, ଅଙ୍ଗାଳ ପଂଚାୟତ ସଭ୍ୟା ସ୍ୱପ୍ନାରାଣୀ ସେଠୀ, ଅଟିରା ପଂଚାୟତ ସଭ୍ୟ ପ୍ରିତୀରନ ଜେନା, ଉଦୟନାଥପୁର ପଂଚାୟତ ସଭ୍ୟା ନିର୍ଝାରିଣୀ ସାମଲ, କିମ୍ବିରିଆପାଳ ପଂଚାୟତ ସଭ୍ୟା କାବେରୀ ମଲ୍ଲିକ, ବରୀ ପଂଚାୟତ ସଭ୍ୟ ସୀବ ଜେନା, ଗୋଳକୁଣ୍ଡ ପଂଚାୟତ ସରପଂଚ ସବିତା ବେହେରା, ଇଷାଣପୁର ପଂଚାୟତ ସରପଂଚ ମାମିନା ଦାସ, ଚନ୍ଦନପୁର ପଂଚାୟତ ସରପଂଚ ଚପଳା ମଲ୍ଲ, ବାଲିଆ ପଂଚାୟତ ସଭ୍ୟା ମାନସୀ ଦାସ, ବାଲିବିଲି ପଂଚାୟତ ସଭ୍ୟା ସୁଧାଂଶୁବାଳା ସାମଲ ପ୍ରମୁଖଙ୍କ ସମେତ ଅନେକ ନିର୍ବାଚିତ ଜନପ୍ରତିନିଧି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି।

ଏହି ମିଶ୍ରଣ ପର୍ବ ଅବସରରେ ଯାଜପୁର ସାଂସଦ ରବି ନାରାୟଣ ବେହେରା, ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର, ଜିଲ୍ଲା ସଭାପତି ଗୌତମ ରାୟ, ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର, ବରିଷ୍ଠ ନେତା ଆଶୁତୋଷ ପରିଡା ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଧାରଣା ଦେବେ ମାଧ୍ୟମିକ ଶିକ୍ଷକ ଆଶାୟୀ ସଂଘ

**ଭୁବନେଶ୍ୱର,୧୭।୮ (ମହାଭାରତ):** ଓଡ଼ିଶାରେ ୮୦ ହଜାରରୁ ଊର୍ଦ୍ଧ୍ୱ ମେଧାବୀ ଛାତ୍ର/ଛାତ୍ରୀ ଦୁଇ ବର୍ଷ ଧରି ବି.ଏଡ୍ ପାଠ ପଢି ପାସ ହୋଇ ଘରେ ବେକାର ହୋଇ ବସିଛନ୍ତି। ବି.ଏଡ୍. ପରେ ଓଏସଏସ୍ଏଟିଇଟି (ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା) ପାସ୍ କରିସାରିଛନ୍ତି। ମାଧ୍ୟମିକ ବିଦ୍ୟାଳୟ ମାନଙ୍କରେ ପ୍ରତି ବିଷୟ ଯଥା ମାତୃଭାଷା, ଇଂରାଜୀ, ଭୂଗୋଳ ଓ ଇତିହାସ, ଜୀବ ବିଜ୍ଞାନ ଓ ଭୌତିକ ବିଜ୍ଞାନ, ହିନ୍ଦୀ, ସଂସ୍କୃତ ଓ ଖେଳ ଶିକ୍ଷକ ଆଦି ପଦବୀ ଗୁଡ଼ିକ ବହୁ ମାତ୍ରାରେ ଖାଲି ପଡ଼ିଛି। ଏହି ପଦବୀ ପୂରଣ ନିମନ୍ତେ ପୂର୍ବ ସରକାର ପ୍ରକାଶ କରିଥିଲେ, ଗତବର୍ଷ ୧୩ ଫେବୃୟାରୀ ୨୦୨୩ ସେତେବେଳର ମୁଖ୍ୟମନ୍ତ୍ରୀ ମାନନୀୟ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏଲ୍.ଟି.ଆର. (ଲିଭ୍ ଟ୍ରେନିଙ୍ଗ ରିଜର୍ଭେସନ) ଘୋଷଣା ସହ ପ୍ରେସ୍ ନୋଟ୍ ମାଧ୍ୟମରେ ଓଡ଼ିଶାବାସୀଙ୍କୁ ଅବଗତ କରେଇଥିଲେ। ଛୁଟି ପ୍ରଶିକ୍ଷଣ ଓ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଅନୁପସ୍ଥିତ ଭରଣ ନିମନ୍ତେ ମୋଟ୍ ପଦବୀ ୬୦୨୫ ଗୋଟି ଓଡ଼ିଶା ସରକାର ଆଣିଥିଲେ, କିନ୍ତୁ ଦୁଃଖ ଆଉ ବିଡ଼ମ୍ବନାର ବିଷୟ ଆଜିକୁ ବର୍ଷେ ସାତ ମାସ ବିତିବାକୁ ବସିଲାଣି କିନ୍ତୁ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଏହି ପଦବୀ ଫାଇନାନ୍ସ ଡିପାର୍ଟମେଣ୍ଟରୁ ମଧ୍ୟ ଅନୁମୋଦିତ। ଶିକ୍ଷକ ଆଶାୟୀ ସଂଘ ବହୁବାର ସରକାରଙ୍କୁ ଅବଗତ କରେଇଆସୁଛନ୍ତି। ମାନ୍ୟବର ମୋହନ ସରକାରଙ୍କୁ ମଧ୍ୟ ଆଶାୟୀ ଶିକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ବାରମ୍ବାର ଜଣେଇଛନ୍ତି, ସରକାରଙ୍କ ପ୍ରତିଶ୍ରୁତି କେବଳ ପାଣିର ଗାର ଭଳି। ସାରା ଭାରତ ବର୍ଷରେ ଓଡ଼ିଶା ଆଜି ନିନ୍ଦିତ, ଛାତ୍ରଛାତ୍ରୀଙ୍କ ଅଧାରୁ ପାଠ ପଢ଼ା ଛାଡ଼ିବାକୁ ବାଧ ହେଉଛନ୍ତି, ସ୍କୁଲ୍‌ରେ ଭିତ୍ତିଭୂମି ଥାଇ ମଧ୍ୟ ଶିକ୍ଷକ ଘୋର ଅଭାବ ଅନ୍ୟ ଏକ କାରଣ। ଶିକ୍ଷକ ଅଭାବ ପାଇଁ ନିରକ୍ଷରତା ସଂଖ୍ୟା ବଢ଼ିବାରେ ଲାଗିଛି। କିଛି ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟ ଅବସର ପରେ ସେହି ଶିକ୍ଷକମାନଙ୍କୁ ପୁଣି ନିଯୁକ୍ତି ଦିଆଯାଉଅଛି ଏଥିରେ ମଧ୍ୟ ଆଶାୟୀ ମେଧାବୀ ଶିକ୍ଷକ ହତଭାଗ, ଖାଲି ପଡ଼ିଥିବା ବିଷୟରେ ନୂତନ ଶିକ୍ଷକ ନିଯୁକ୍ତି ଦେଲେ ବେରୋଜଗାରି କମ୍ ହୁଅନ୍ତା। ମାଧ୍ୟମିକ ବିଦ୍ୟାଳୟ ଏଲ୍.ଟି.ଆର. ପଦବୀ ପାଇଁ ଚାତକ ପରି ଚାହିଁ ବସିଛନ୍ତି, କିନ୍ତୁ ବିଳମ୍ବ ଏତେ ଯେ ଶେଷରେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଲେଣି। ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଅଗଷ୍ଟ ମାସ ୨୨ ତାରିଖରେ ମାଧ୍ୟମିକ ଶିକ୍ଷକ ଆଶାୟୀ ସଂଘ ତରଫରୁ ଲୋୟର ପିଏମ୍‌ଜିରେ ଧାରଣାରେ ବହୁ ଆଶାୟୀ ଯୋଗ ଦେବେ ବୋଲି ସଂଘର ସାଧାରଣ ସମ୍ପାଦକ ପ୍ରକାଶ କରିଛନ୍ତି।

# ଓଡ଼ିଶାରେ ଇଲେକ୍ରାମା ୨୦୨୫ ରୋଡ୍ ସୋ

**ଭୁବନେଶ୍ୱର,୧୭।୮ :** ଭାରତୀୟ ବୈଦ୍ୟୁତିକ ଉପକରଣ ଉତ୍ପାଦନ ଶିଳ୍ପର ସର୍ବୋଚ୍ଚ ସଂଘ ଇଣ୍ଡିଆନ୍ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରର୍ସ ଆସୋସିଏସନ୍ (ଆଇଇଇଏମ୍ଏ) ପକ୍ଷରୁ ଗୁରୁବାର ଭୁବନେଶ୍ୱରରେ ଇଲେକ୍ରାମାର ପୂର୍ବାଚଳ ପ୍ରିଭ୍ୟୁ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଳ୍ପନେତା, ଅଂଶୀଦାର ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଏକାଠି ହୋଇ ନୂଆ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ମାର୍ଟ ଗ୍ରିଡ୍ ଟେକ୍ନୋଲୋଜିର ଅଗ୍ରଗତି, ଅକ୍ଷୟ ଶକ୍ତି ପ୍ରକଳ୍ପ ଏବଂ ସ୍ଥାୟୀ ଉତ୍ପାଦନ ପ୍ରଣାଳୀ ସମେତ ରାଜ୍ୟର ପ୍ରମୁଖ ପଦକ୍ଷେପ ଉପରେ ଇକ୍ରମା ଓଡ଼ିଶା ରୋଡ୍ ସୋ' ଆଲୋକପାତ କରିଥିଲା। ଏହି ପଦକ୍ଷେପ ଗୁଡ଼ିକ ଇଲେକ୍ରାମ ୨୦୨୫ରେ ପ୍ରଦର୍ଶିତ ହେବ, ଯାହା ଓଡ଼ିଶାର ଉଦ୍ଭାବନକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଇବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ। ଏହି ରୋଡ୍ ସୋ'ରେ ଓପିଟିସିଏଲ୍ର ସିଏମ୍ଡି ଆଇଆରଟିଏସ୍ ସଞ୍ଜୟ କୁମାର ମିଶ୍ର ଓଡ଼ିଶାର ଅଭିବୃଦ୍ଧି ସମ୍ପର୍କରେ ଉଲ୍ଲେଖ କରି କହିଲେ, ଆଜି ଆମର ମିଳିତ ତାପଜ, ଜଳ ଏବଂ ଅନ୍ୟାନ୍ୟ ଅକ୍ଷୟ ଶକ୍ତି କ୍ଷମତା ପାଖାପାଖି ୫,୭୦୦ ମେଗାୱାଟ୍ ଏବଂ ସିପିଟି ପାର୍ଶ୍ୱରୁ ଅତିରିକ୍ତ ୧୨,୦୦୦ ମେଗାୱାଟ୍ ରହିଛି।

# ୮୦,୦୦୦ ଯୁବବର୍ଗ ବେଦାନ୍ତ ସେସା ଗୋଆର ଡିଜିଟାଲ ଦ୍ୱାରା ଉପକୃତ

**ଭୁବନେଶ୍ୱର,୧୭।୮ :** ଆନ୍ତର୍ଜାତୀୟ ଯୁବ ଦିବସ ୧୨ ଅଗଷ୍ଟ ୨୪ ରେ ବିଶ୍ୱସ୍ତରରେ ସ୍ୱୀକୃତ ହୋଇଛି ଏବଂ ଯୁବ ପ୍ରସଙ୍ଗ ଅନ୍ତର୍ଜାତୀୟ ସମ୍ପ୍ରଦାୟର ଦୃଷ୍ଟି ଆକର୍ଷଣ କରୁଛି। ଆଜିର ବିଶ୍ୱ ସମାଜରେ ଅଂଶୀଦାର ଭାବରେ ଯୁବପିଢ଼ିଙ୍କ ସମ୍ଭାବନାକୁ ଦୃଷ୍ଟିରେ ରଖି ଏହା ପାଳନ କରିଥାଏ। ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ଫ୍ରମ୍ କ୍ଲିକ୍ ଟୁ ପ୍ରୋଗ୍ରେସ୍: ୟୁଥ୍ ଡିଜିଟାଲ ପାଥୱେ ଫର୍ ସସଷ୍ଟେନବୁଲ୍ ଡେଭଲପମେଂଟ'। ଯାହା ଡିଜିଟାଲ ବ୍ୟବହାର କରୁଥିବା ଯୁବବର୍ଗମାନଙ୍କ ମିଳିତ ସମ୍ଭାବନାକୁ ଗୁରୁତ୍ୱ ଦେଇଛି। ଯୁବ ସଶକ୍ତିକରଣ, ବିକାଶ ଏବଂ ଦକ୍ଷତା କ୍ଷେତ୍ରରେ ବେଦାନ୍ତ ସେସା ଗୋଆ ଅଗ୍ରଭାଗରେ ରହିଆସିଛି। ଡିଜିଟାଲ ସାକ୍ଷରତା ଉପରେ ତଥା ସୁଲଭ ଆଇଟି ଶିକ୍ଷା ପ୍ରଦାନରେ ଏହା ଗ୍ରାମୀଣକ୍ଷେତ୍ରର ଯୁବବର୍ଗମାନଙ୍କ ଉପରେ ଏକ ପରିବର୍ତନଶୀଳ ପ୍ରଭାବ ପକାଇଛି ଏବଂ ଏହାର ସମାଜକୁ ଫେରାଇବା ଦର୍ଶନକୁ ଜାରି ରଖିଛି। ସମାଜ ପାଇଁ ଏବଂ ଏକ ବୈଷୟିକ ଜ୍ଞାନକୌଶଳରେ ଯୋଗଦାନ ଯୁବବର୍ଗମାନଙ୍କୁ ପ୍ରତିଷ୍ଠିତ କରାଇବାର ଲକ୍ଷ୍ୟ ରଖିଛି। ବେଦାନ୍ତ ଫାଉଣ୍ଡେସନର ତତ୍ତ୍ୱାବଧାନରେ ବେଦାନ୍ତ ସେସା ଗୋଆ ବେଦାନ୍ତ କମ୍ପ୍ୟୁଟର ଲ୍ୟାବ ଏବଂ କେନ୍ଦ୍ର ପ୍ରତିଷ୍ଠା କରିଥିଲା। ଯାହାକି ଯୁବବର୍ଗ ଏବଂ ଛାତ୍ରଛାତ୍ରୀମାନଙ୍କର ଏକ ଡିଜିଟାଲ ସଚେତନ ତଥା ସକ୍ଷମ ବିଭାଗ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

## ନବାଗତ ବିଧାୟକଙ୍କ ଜ୍ଞାନପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବିରୋଧୀଙ୍କ ବହିଷ୍କାର ପ୍ରସଙ୍ଗ

# ଅହଂକାରୀ ଓ ଦରବାରୀ ମାନସିକତାର ପରିଚୟ ଦେଇଛି ବିଜେଡି: ବିଜେପି

**ଭୁବନେଶ୍ୱର,୧୭।୮ (ମହାଭାରତ):** ବିଧାୟକମାନଙ୍କ ପାଇଁ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାରଠାରୁ ଆରମ୍ଭ ହୋଇଛି। ଏଥିରେ ନବ ନିର୍ବାଚିତ ବିଧାୟକମାନଙ୍କୁ ବିଧାନସଭା ପରିଚାଳନା ଶୈଳୀ ଓ ସେଥିରେ ସେମାନଙ୍କର ଗଠନମୂଳକ ଅଂଶଗ୍ରହଣ ସମ୍ବନ୍ଧରେ ସବିଶେଷ ତାଲିମ ଦିଆଯାଇଥାଏ। ଏହା ନୂଆ ବିଧାୟକମାନଙ୍କୁ ବିଧାନବ୍ୟବସ୍ଥାରେ ଅଧିକ ସକ୍ରିୟ ହେବା ପାଇଁ ସୁଯୋଗ ଦେଇଥାଏ। ଏହାର ସବିଶେଷ କାର୍ଯ୍ୟସୂଚୀ ଗୃହର ଅଧିଷ୍ଠାତା ବାଚସ୍ପତିଙ୍କ ଅନୁମୋଦନ କ୍ରମେ ସ୍ଥିରିକୃତ ହୁଏ। ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ବିରୋଧି ଦଳର ଅନୁଭବି ନେତା ନବୀନ ପଟ୍ଟନାୟକ, ନରସିଂହ ମିଶ୍ର, ପ୍ରଫୁଲ୍ଲ ଘଡ଼େଇ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ମଧ୍ୟ ବାଚସ୍ପତି ନିମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦଳୀୟ ବିବେଚନାରୁ ଊର୍ଦ୍ଧ୍ୱରେ ରଖିବା ପାଇଁ ବାଚସ୍ପତିଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛି। କିନ୍ତୁ ବିଜୁ ଜନତା ଦଳ ପ୍ରଶିକ୍ଷଣ ବ୍ୟବସ୍ଥାର ଏକ ସମାନ୍ତରାଳ କାର୍ଯ୍ୟକ୍ରମ ଆୟୋଜନ କରି ଶସ୍ତା ରାଜନୀତି କରୁଛି ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ସତ୍ୟବ୍ରତ ପଣ୍ଡା ଅଭିଯୋଗ କରିଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ, କୌଣସି ରାଜନୈତିକ ଦଳ ନିଜ ନବନିର୍ବାଚିତ ବିଧାୟକମାନଙ୍କୁ ନିଜସ୍ୱ ଢଙ୍ଗରେ ପ୍ରଶିକ୍ଷିତ କରିବାରେ କୌଣସି ଅସୁବିଧା ନାହିଁ। କିନ୍ତୁ ଗଣତନ୍ତ୍ରରେ ପରମ୍ପରାରେ ବିଧାନସଭାର ଏକ ମର୍ଯ୍ୟାଦାଜନକ ସ୍ଥାନ ରହିଛି।

ସେହି ପରମ୍ପରାକୁ ଭଙ୍ଗ କରି ବିଜୁ ଜନତା ଦଳ ନିଜ ଅହଂକାରୀ ଅଗଣତାନ୍ତ୍ରିକ ମନୋବୃତ୍ତିକୁ ସ୍ପଷ୍ଟ କରିଛି। 'କାଳି ଗାଈର ଅଲଗା ଗୋଠ' ଭଳି ବିଜେଡିର ଏଭଳି ପ୍ରଚେଷ୍ଟା ଅସୁସ୍ଥ ମାନସିକତାର ପରିଚୟ। ବିଧାନ ବ୍ୟବସ୍ଥାରେ ଉଭୟ ସରକାରୀ ଓ ବିରୋଧି ଦଳର ବିଧାୟକମାନେ ମିଳିତଭାବେ ପ୍ରଶିକ୍ଷିତ ହେବାର ଏହି ପରମ୍ପରାକୁ ଉଭୟ ବିଜେଡି ଓ କଂଗ୍ରେସ ସଂକୀର୍ଣ୍ଣ ଦଳୀୟ ରାଜନୀତିର ଦୃଷ୍ଟିକୋଣରୁ ପରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, କେନ୍ଦ୍ର ସଂସଦୀୟ ବ୍ୟାପର ମନ୍ତ୍ରୀ କିରଣ ରିଜିଜୁ ଓ ବରିଷ୍ଠ ସାଂସଦ ଭର୍ତୃହରି ମହତାବଙ୍କ ଦୀର୍ଘ ସଂସଦୀୟ ଅନୁଭବରୁ ଶିକ୍ଷା ଗ୍ରହଣ କରିବାର ସୁଯୋଗକୁ ହାତଛଡ଼ା କରାଇବା ନିଜ ଦଳର ବିଧାୟକମାନଙ୍କ ବୈଦ୍ଧିକ ବିକାଶ ଦିଗରେ ଏକ ଘୃଣ୍ୟ ଷଡ଼ଯନ୍ତ୍ର ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଶ୍ରୀ ପଣ୍ଡା ଅଭିଯୋଗ ଆଣିଛନ୍ତି।

ଶ୍ରୀ ପଣ୍ଡା ଆହୁରି କହିଛନ୍ତି, ଏହା ହେଉଛି ସପ୍ତଦଶ ବିଧାନସଭାର ପ୍ରଥମ ଜ୍ଞାନପ୍ରଶିକ୍ଷଣ କାର୍ଯ୍ୟକ୍ରମ। ଆଗରୁ ଏଭଳି କାର୍ଯ୍ୟକ୍ରମ ଅନେକ ଥର ହୋଇଛି। ଏଥିରେ ଦଳ ମତ ନିର୍ବିଶେଷରେ ସମସ୍ତ ବିଧାୟକମାନେ ଯୋଗ ଦେବାର ସୁସ୍ଥ ଓ ମହାନ ପରମ୍ପରା ରହିଆସିଛି। ପ୍ରଥମଥର ପାଇଁ ନବୀନ ପଟ୍ଟନାୟକ ଏହି ପରମ୍ପରାକୁ ଭାଙ୍ଗି ଗଣତାନ୍ତ୍ରିକ ମହାପାପ କରିଛନ୍ତି। ନବାଗତ ବିଧାୟକମାନଙ୍କୁ ସୁଯୋଗ ନ ଦେବା ଅଭ୍ୟାସରୁ ନିବୃତ ହେବା ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ବିଜୁ ଜନତାଦଳ ମୁଖିଆ ନବୀନ ବାବୁଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ।

# ଶରଣାର୍ଥୀ ସମସ୍ୟା

କୋଲକାତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମମତା କହିଥିଲେ ଯେ, ପଡ଼ୋଶୀ (ବାଂଲାଦେଶ)ଦେଶରେ ଯଦି କେହି ଅଭାବ, ଅସୁବିଧାରେ ଥାଆନ୍ତି, ଅସହାୟ ଏବଂ ନିରାଶ୍ରୟ ହୋଇ ଭାରତକୁ ଶରଣାର୍ଥୀ ଭାବେ ଆସନ୍ତି ତେବେ ପଶ୍ଚିମବଙ୍ଗ ସରକାର ସେମାନଙ୍କୁ ଆଶ୍ରୟ ଦେବାକୁ ପ୍ରସ୍ତୁତ । ମମତାଙ୍କ ଏହି ମନ୍ତବ୍ୟକୁ ବାଂଲାଦେଶ ସରକାର ନିନ୍ଦା କରିବା ସହିତ ଭାରତ ସରକାରଙ୍କ ନିକଟରେ ପ୍ରତିବାଦ ଜଣାଇଛନ୍ତି । ମମତାଙ୍କ ଏହି ମନ୍ତବ୍ୟ କେବଳ ବାଂଲାଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନୁହେଁ, ଏହା ସେ ଦେଶର ସ୍ୱାଭିମାନ ପ୍ରତି ଆଞ୍ଚ ଆଣିଛି । ଏମିତି ପଡ଼ୋଶୀ ଦେଶରୁ ଶରଣାର୍ଥୀଙ୍କୁ ଆଶ୍ରୟ ଦେବାର ଅଧିକାର ରାଜ୍ୟ ନୁହେଁ, କେନ୍ଦ୍ର ସରକାରଙ୍କର ରହିଛି । ମମତା କେନ୍ଦ୍ରରୁ ଅନୁଦାନ ନେଇ ଶରଣାର୍ଥୀଙ୍କୁ ପୋଷିବା ଏବଂ ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଚିନ୍ତାଧାରାକୁ ପରିତ୍ୟାଗ କରିବା ଉଚିତ । ଏମିତି ଭାରତରେ ଶରଣାର୍ଥୀଙ୍କ ସଂଖ୍ୟା ଢେର ଅଧିକ । ୧୯୭୧ ଯୁଦ୍ଧ ବେଳେ ବାଂଲାଦେଶ ବା ତତ୍କାଳୀନ ପୂର୍ବ ପାକିସ୍ତାନରୁ ଲକ୍ଷ ଲକ୍ଷ ଶରଣାର୍ଥୀ ଭାରତକୁ ଚାଲିଆସିଲେ । ସେତେବେଳେ ଏହା ଦେଶର ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିଥିଲା । ଦରଦାମ ବୃଦ୍ଧି ପାଇଥିଲା । ଏବେ ଭାରତରେ କେବଳ ବାଂଲାଦେଶୀ ଶରଣାର୍ଥୀ ବା ଅନୁପ୍ରବେଶକାରୀଙ୍କ ସଂଖ୍ୟା ପାଖାପାଖି ୧ କୋଟି ହେବ । ସେମାନଙ୍କ ମଧ୍ୟରୁ ଅଧିକାଂଶ ପୂର୍ବ ଭାରତରେ ରହୁଛନ୍ତି । ପଶ୍ଚିମବଙ୍ଗରେ ସେମାନଙ୍କ ସଂଖ୍ୟା ସର୍ବାଧିକ । ଏହା ବ୍ୟତିତ ଆସାମ, ଓଡ଼ିଶା, ତ୍ରିପୁରା, ବିହାର ଆଦି ରାଜ୍ୟରେ ମଧ୍ୟ ବାଂଲାଦେଶୀ ଶରଣାର୍ଥୀ ବସବାସ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଭାରତର ନାଗରିକତ୍ୱ ଗ୍ରହଣ କରିସାରିଲେଣି । ପ୍ରତିଦିନ ଏହି ସଂଖ୍ୟା ବଢୁଛି । ଏହା ଭାରତ ପାଇଁ ଏକ ବଡ଼ ସମସ୍ୟା ହୋଇଛି । ଏହା କେବଳ ସାମାଜିକ ଓ ଅର୍ଥନୈତିକ ପ୍ରସଙ୍ଗ ହୋଇନାହିଁ, ଏହା ମଧ୍ୟ ଏକ ରାଜନୈତିକ ପ୍ରସଙ୍ଗରେ ପରିଣତ ହୋଇଛି । ପଶ୍ଚିମବଙ୍ଗରେ ଏହା ଏକ ବଡ଼ ରାଜନୈତିକ ପ୍ରସଙ୍ଗ ହୋଇଛି । ଏଥିପାଇଁ ମମତା ସିଏଏ ଏବଂ ଏନଆରଆଇକୁ ବିରୋଧ କରୁଛି । ବିଜେପି ବାଂଲାଦେଶୀ ଅନୁପ୍ରବେଶକାରୀ ଏବଂ ରୋହିଙ୍ଗିୟାଙ୍କୁ ତଡ଼ିବାକୁ ଦାବି କରୁଥିବା ବେଳେ ମମତା ସରକାର ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ଅଧିକରୁ ଅଧିକ ଅନୁପ୍ରବେଶକାରୀଙ୍କୁ ଭାରତ ଆସିବା ଲାଗି ପ୍ରୋତ୍ସାହିତ କରୁଛି । କାରଣ ସେମାନେ ନିର୍ବାଚନରେ ବିଜେପିକୁ ପରାଜିତ କରିବା ଲାଗି ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ଦଳକୁ ଭୋଟ ଦିଅନ୍ତି । ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ଟିଏମସି ଏଥିରୁ ବେଶ ଫାଇଦା ଉଠାଉଛି । ସେମାନଙ୍କ ଭୋଟରେ ମମତା ବାରମ୍ବାର ନିର୍ବାଚନ ଜିତୁଛନ୍ତି । ତେଣୁ ସେ ବାଂଲାଦେଶୀଙ୍କୁ ଭାରତରେ ଶରଣ ନେବାକୁ ନିମନ୍ତ୍ରଣ କରୁଛନ୍ତି । ଏହା ଏକ ନିନ୍ଦନୀୟ ଏବଂ ବିପଜ୍ଜନକ ଚିନ୍ତାଧାରା । ବାଂଲାଦେଶରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନାହିଁ ଯେ, ସେଠାକାର ନାଗରିକ ଭାରତରେ ଶରଣ ନେବେ । ବାଂଲାଦେଶ ଏକ ଗରିବ ଦେଶ ହୋଇପାରେ, କିନ୍ତୁ ସେମାନଙ୍କର ବି ନିଜ ମାତୃଭୂବମି ପ୍ରତି ମମତା ଏବଂ ସମ୍ମାନ ଅଛି । ବିପଦ ବେଳେ, ସଙ୍କଟ ବେଳେ କେହି ନିଜ ମା'କୁ ଛାଡ଼ି ଯାଏନାହିଁ । ନିଜ ଗର ଛାଡ଼ି ଚାଲିଆସିବାକୁ କାହାକୁ ଉସୁକାଇବା ଏକ ଅପରାଧ । ମମତା ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ଭାରତ ପାଇଁ ମଧ୍ୟ ଏକ ଚିନ୍ତାର ବିଷୟ । ଭାରତରେ ଏମିତି ଲୋକସଂଖ୍ୟା ୧୪୦ କୋଟି ଟପିଲାଣି । ସେଥିରେ ଶରଣାର୍ଥୀ ଆସିଲେ ସମସ୍ୟା ଆହୁରି ଜଟିଳ ହେବ । ୧୪୦ କୋଟି ଲୋକଙ୍କୁ ଖାଇବାକୁ ଦେବା ପାଇଁ ଦେଶରେ ପର୍ଯ୍ୟାପ୍ତ ଖାଦ୍ୟ ଶସ୍ୟ ଉତ୍ପାଦନ ହେଉନାହିଁ । ଏଥିପାଇଁ ଭାରତକୁ ଖାଇବା ତେଲଠାରୁ ଆରମ୍ଭ କରି ଡାଲି ପର୍ଯ୍ୟନ୍ତ ଅନେକ ଖାଦ୍ୟ ସାମଗ୍ରୀ ଆମଦାନୀ କରିବାକୁ ପଡୁଛି ।

*ଆସନ୍ତୁ ଆଲୋଚନା କରିବା ପିଡିଆମାନଙ୍କ ମଧ୍ୟରେ "ରାଜା"ଙ୍କ ସମ୍ବନ୍ଧରେ । ସେ ହେଉଛି ଲିମ୍ବପିଡିଆ । ଏହା ମାଟିର ଉର୍ବରତା ବଢାଇବା ସହିତ ମାଟିରେ ଥିବା ରୋଗ, ପୋକ ଇତ୍ୟାଦି ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଲିମ୍ବପିଡିଆରେ ୨ରୁ ୫% ଯବକ୍ଷାରଜାନ୍, ୦.୫ ରୁ ୧% ଫସଫରସ୍, ୧ରୁ ୨% ପଟାସିୟମ୍, ୦.୫ ରୁ ୩% କ୍ୟାଲସିୟମ୍ ଏବଂ ୦.୩ ରୁ ୧.୦% ମ୍ୟାଗ୍ନେସିୟମ୍ ତଥା ଅନ୍ୟାନ୍ୟ ଦରକାରୀ ପୋଷକ ତ୍ୱ ଭରିରହିଥାଏ ।*

# ଇତିହାସରେ ସଂଗ୍ରାମୀ ସ୍ମୃତି ପୀଠ - କୁହୁଡ଼ି

**॥ ଅମୀୟ କୁମାର ପଟ୍ଟନାୟକ ॥**

ଭାରତର ସ୍ୱାଧୀନତା ସହିତ ବହୁ ପ୍ରସିଦ୍ଧ ଘଟଣାବଳୀ ମଧ୍ୟରୁ ୧୯୩୦ ମସିହା ଲବଣ ସତ୍ୟାଗ୍ରହ ସ୍ୱାଧୀନତା ସଂଗ୍ରାମ ଇତିହାସର ଏକ ସ୍ମରଣୀୟ ଘଟଣା । ଲୁଣର ଆବଶ୍ୟକତା ଦୃଷ୍ଟିରୁ ଅନେକ ସ୍ଥାନରେ ଚାଷ ସାଙ୍ଗକୁ ଚାଷୀଙ୍କର ଲୁଣମରା ଥିଲା ସେତେବେଳେ ସହଜାତ ବୃତ୍ତି । ତେଣୁ ଭାରତର ଅନେକ ଅଞ୍ଚଳର ଲୋକ ସମୁଦ୍ର ଜଳରୁ ଲୁଣ ଉତ୍ପାଦନ କରି ଜୀବିକା ନିର୍ବାହ କରୁଥିଲେ । ଏହା ମଧ ସେମାନଙ୍କର ବଂଶାନୁକ୍ରମିକ ବୃତ୍ତି ଥିଲା । କିନ୍ତୁ ବ୍ରିଟିଶ ସରକାର ଲୁଣ ମାରିବା ନିଷେଧ କରି ଅନ୍ୟାୟ ଭାବେ ଏହା ଉପରେ କର ବସାଇଲେ । ଯାହାଫଳରେ ସାଧାରଣ ଜନତାଙ୍କ ଉପରେ ଏହାର ବୋଝ ପଡିଲା । ଫଳରେ ୧୯୨୩ ମସିହାବେଳକୁ ଏହି କର ବଢି ଦୁଇଗୁଣା ହେଲା । ଲୋକମାନେ କର ଦେବାପାଇଁ ଅସମର୍ଥ ହେଲେ । ସେଥିପାଇଁ ସାମୂହିକ ସ୍ତରରେ ଅସନ୍ତୋଷ ବୃଦ୍ଧି ପାଇଲା । ତେଣୁ ୧୯୨୯ରେ ଲାହୋର ନଦୀ କୂଳରେ କଂଗ୍ରେସର ପୂର୍ଣ୍ଣ ସ୍ୱରାଜ ପ୍ରସ୍ତାବ ଗ୍ରହଣକୁ ଅନୁସରଣ କରି ଗାନ୍ଧିଜୀ ସାଧାରଣ ଲୋକମାନଙ୍କ ଦୁଃଖ ଲାଘବ କରିବା ଉଦେଶ୍ୟରେ ଇଂରେଜ ସରକାରର ଅନ୍ୟାୟ ଭାବେ ବସାଯାଇଥିବା କର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ୧୯୩୦ ସମିହା ମାର୍ଚ୍ଚ ୧୨ ତାରିଖ ସକାଳ ସାଢ଼େ ଛଅଟା ବେଳେ ଗୁଜୁରାଟର ବିଖ୍ୟାତ ସାବରମତୀ ଆଶ୍ରମଠାରୁ ୭୮ ଜଣ ସତ୍ୟାଗ୍ରହୀଙ୍କୁ ସାଙ୍ଗରେ ନେଇ ୨୫ ଦିନରେ ୨୪୧ ମାଇଲ୍ ପଥ ଦାଣ୍ଡି ଯାତ୍ରା କରିଥିଲେ । ସେହି ସମୟରେ ସାବରମତୀ ଆଶ୍ରମରେ ଥିବା ଓଡିଶାର ଅନ୍ୟତମ ସଂଗ୍ରାମୀ ଶ୍ରୀ ମୋତି ବାଗ୍ ଦାସ ଯୋଗ ଦେଇଥିଲେ । ଗାନ୍ଧିଜୀ ଆରବସାଗର ତଟରେ ଦାଣ୍ଡି ଅଭିମୁଖେ ଯାତ୍ରା କରି ୧୯୩୦ ମସିହା ଏପ୍ରିଲ ୬ ତାରିଖ ଭୋରୁ ଭୋରୁ ସ୍ନାନ ସାରି ପ୍ରଥମେ ମୁଠାଏ ଲୁଣ ସଂଗ୍ରହ କଲେ । ଏହିଠାରୁ ବିଧିବଦ୍ଧ ଭାବେ ଆଇନ୍ ଅମାନ୍ୟ କରି ଲବଣ ସତ୍ୟାଗ୍ରହର ଶୁଭାରମ୍ଭ କରାଗଲା । ଓଡିଶାବାସୀ ଗାନ୍ଧିଜୀଙ୍କ ଆହ୍ୱାନରେ ଅନୁପ୍ରାଣୀତ ହୋଇ ଇଞ୍ଚୁଡି, କୁଜଙ୍ଗ, ହୁମା ଓ ପୁରୀ ଜିଲ୍ଲାର ଅସ୍ତରଙ୍ଗ ନିକଟସ୍ଥ କୁହୁଡିଠାରେ ଲବଣ ସତ୍ୟାଗ୍ରହକୁ ସଫଳ କରାଇଥିଲେ । ପ୍ରାଦେଶିକ କଂଗ୍ରେସ କମିଟିର ନିଷ୍ପତ୍ତି ଅନୁଯାୟୀ ଅନେକ ନେତୃସ୍ଥାନୀୟ ବ୍ୟକ୍ତି ବିଭିନ୍ନ ସ୍ଥାନରେ ଆନ୍ଦୋଳନରେ ସାମିଲ ହୋଇଥିଲେ । ପୁରୀ ଜିଲ୍ଲାର କୁହୁଡିଠାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଲୁଣ ମରାଯାଇଥିଲା । ଲବଣ ସତ୍ୟାଗ୍ରହର ପୂର୍ବଦିନଠାରୁ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସ୍ୱେଚ୍ଛାସେବକମାନେ ଆସି ପହଞ୍ଚିଥିଲେ । ସେମାନଙ୍କ ପାଇଁ ରହିବା ଓ ଖାଇବାର ବ୍ୟବସ୍ଥା ଓଳଙ୍ଗର ଗ୍ରାମରେ କରାଯାଇଥିଲା । ସେହି ଗ୍ରାମର ମୁଖ୍ୟ ବ୍ୟକ୍ତି ସ୍ୱର୍ଗତ ଭୂବନାନନ୍ଦ ସ୍ୱାଇଁ ସମସ୍ତଙ୍କର ରହିବା ଓ ଖାଇବା ଦାୟିତ୍ୱ ତୁଲାଇଥିଲେ । ପାଟଳଦା ଗ୍ରାମର ଅସ୍ତରଙ୍ଗର ଗାନ୍ଧୀ ନାମରେ ପରିଚିତ ପୂର୍ଣ୍ଣାନନ୍ଦ ସ୍ୱାଇଁ ସତ୍ୟାଗ୍ରହ ଆନ୍ଦୋଳନର ସମସ୍ତ ପରିଚାଳନା ଦାୟିତ୍ୱ ବହନ କରି ଗ୍ରାମେ ଗ୍ରାମେ ବୁଲି ପ୍ରଚାର ଚଳାଇଥିଲେ । ତାଙ୍କ ଉପରେ ପୁଲିସ୍‌ର କଡା ଦୃଷ୍ଟି ଥିବାରୁ ସେ କ୍ୟାମ୍ପରେ ନ ରହି ବିଳମ୍ବିତ ରାତ୍ରିରେ ଓଳଙ୍ଗର କ୍ୟାମ୍ପକୁ ଯାଇ ସମସ୍ତ ବିଷୟ ବୁଝୁଥିଲେ ।

୧୯୩୦ ମସିହା ମଇ ମାସ ୨୧ ତାରିଖରେ ଲୁଣ ମରାଯିବା ପାଇଁ ପୂର୍ବରୁ ସ୍ଥିର ହୋଇଥିଲା । ପ୍ରଥମ ଦିନର ପ୍ରଥମ ସତ୍ୟାଗ୍ରହୀ ରୂପେ ଗଙ୍ଗା ନାରାୟଣପୁର ଗ୍ରାମର ମଧୁସୂଦନ ମିଶ୍ରଙ୍କ ନାମ ସ୍ଥିର ହେଲା । ଏହିଦିନ ସକାଳୁ ସକାଳୁ କୁହୁଡି ପଡିଆ ଲୋକାରଣ୍ୟ । ହଜାର ହଜାର ପୁରୁଷ ଓ ମହିଳାଙ୍କ ସମାବେଶ । ଏହି ଅହିଂସା ସଂଗ୍ରାମରେ ପ୍ରଥମ ଲକ୍ଷ୍ୟଭେଦ କରିବେ ଯୁବକ ମଧୁସୂଦନ ମିଶ୍ର । କେତେବେଳେ ମଧୁବାବୁ ଆସିବେ ଆଇନ୍ ଭାଙ୍ଗି ଲୁଣ ମାରିବେ ଦେଖିବାକୁ ଲୋକେ ଉତ୍କଣ୍ଠାରେ ଚାହିଁ ରହିଥାନ୍ତି । ଓଳଙ୍ଗର କ୍ୟାମ୍ପରୁ ତାଙ୍କୁ ହଜାର ହଜାର ଲୋକଙ୍କ ଗହଣରେ ଫୁଲମାଳ ପିନ୍ଧାଇ ଭାରତ ମାତା କି ଜୟ, ମଧୁବାବୁ କି ଜୟ ଧ୍ୱନୀରେ ସମ୍ବର୍ଦ୍ଧନା ଜଣାଇ ସତ୍ୟାଗ୍ରହ ସ୍ଥାନ କୁହୁଡି ପଡିଆକୁ ଅଣାଗଲା । କୁହୁଡି ଗ୍ରାମ ନିକଟରେ ଥିବା ଲୁଣାନଦୀରୁ ପାଣି ଆଣି ନିଆଁ ଜଳାଗଲା । ଏହା ପୂର୍ବରୁ ଶହ ଶହ ବନ୍ଧୁକ ଓ ଲାଠିଧାରୀ ପୋଲିସ ସେଠାରେ ଜଗି ରହିଥଲେ । ସମସ୍ତ ବାଧା ପ୍ରତିବନ୍ଧକକୁ ଖାତିର ନ କରି ମଧୁବାବୁ ଲୁଣ ମାରିବାକୁ ଆଗୁଆ ହେଉଥିବାବେଳେ ପୋଲିସ ଫୌଜ ତାଙ୍କୁ ଗିରଫ କରିଥିଲା । ଉପସ୍ଥିତ ଥିବା ଅନ୍ୟ ସତ୍ୟାଗ୍ରହୀମାନେ ଜଣକ ପରେ ଜଣେ ଲୁଣ ମାରିବାକୁ ଅଗ୍ରସର ହେଲାବେଳେ ପୋଲିସ ନିଷ୍ଠୁର ଭାବେ ଲାଠି ଚାଳନା କରିଥିଲେ । ଲାଠିମାଡରେ ପୁରୀର ଜଗନ୍ନାଥ ରଥଙ୍କ ବାହୁ ଖସି ପଡିଲା । ବୋଲଗଡ ଅଞ୍ଚଳରୁ ଆସିଥିବା ବାନାମ୍ବର ପରିଡା ନାମକ ଏକ ଯୁବକ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲେ । ବହୁ ଲୋକ କ୍ଷତବିକ୍ଷତ ହେଲେ । ଏଥିରେ ମହିଳା ସ୍ୱେଚ୍ଛାସେବୀମାନଙ୍କ ଉପରେ ପୁଲିସ ଆକ୍ରମଣ ଚଳାଇବାରୁ ପାଟଳଦା ଗ୍ରାମର ରାଧି ନାମଙ୍କ ଜଣେ ମହିଳା ନିଜର ପିନ୍ଧା ପିତଳ ଖଡୁ ସାହାଯ୍ୟରେ ତାହାର ପ୍ରତିଜବାବ ଦେଇଥିଲେ । ସଂଗ୍ରାମ କ୍ଷେତ୍ରରୁ ପଣ୍ଡିତ ନୀଳକଣ୍ଠ ଦାସ, ପୂର୍ଣ୍ଣାନନ୍ଦ ସ୍ୱାଇଁ, ଭୁବନାନନ୍ଦ ସ୍ୱାଇଁ, ବାଳକୃଷ୍ଣ ସ୍ୱାଇଁ, ଜଗନ୍ନାଥ ରଥ, ପୁରୁଷୋତ୍ତମ ମୁଦୁଲି ଗିରଫ ହେଲେ । ପରବର୍ତ୍ତୀ ସମୟରେ କାକଟପୁର ଅଞ୍ଚଳର ଅନ୍ୟତମ କଂଗ୍ରେସ ନେତା ଗତିକୃଷ୍ଣ ସ୍ୱାଇଁ, ବାଲେଶ୍ୱରର ଇଞ୍ଚୁଡିରୁ ଆସି କୁହୁଡିଠାରେ ଆନ୍ଦୋଳନ ଚଳାଇ ଗିରଫ ହୋଇଥିଲେ । ଏହି ସମୟରେ ଅସ୍ତରଙ୍ଗର ସ୍ୱର୍ଗତ ସୋବନୀ ଛାଟୋଇ, ଶ୍ରୀନିବାସ ମହାରଣା, ଗୋପୀ ମୁଦୁଲି, ନଟରାର ଭଗବାନ ସ୍ୱାଇଁ, ଜଗନ୍ନାଥ ପରିଡା, ନୀଳକଣ୍ଠ ସ୍ୱାଇଁ, ଗୁଡୁବଣାଇର ରାଜୀବ ନାୟକ, କୁହୁଡିର ଭାଗବତ ନାୟକ, ଆଙ୍କୁଅର କଣ୍ଠ ମହାରଣା, ଅଠତିରାର କାଙ୍ଗାଳୀ ଚରଣ ମହାନ୍ତି, ଡେରୁଣିଆର ଜୟରାମ ସେନାପତି ପ୍ରମୁଖ ଅଂଶ ଗ୍ରହଣ କରି ଗିରଫ ହୋଇଥିଲେ । କୁହୁଡି ପଡିଆ ସେଦିନ ଏକ ତୀର୍ଥଭୂମୀରେ ପରିଣତ ହୋଇଥିଲା । ଲୋକେ ସେହି ତୀର୍ଥଭୂମୀର ମାଟିକୁ ନେଇ ଶିରରେ ଲଗାଇ ନିଜକୁ ଧନ୍ୟ ମଣିଲେ । କିନ୍ତୁ ସେ ଦିନର ସ୍ମୃତି ହଜି ଯାଇଥିଲେ ମଧ ଚନ୍ଦ୍ର ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ଏହା ଚିରସ୍ମରଣୀୟ ହୋଇରହିବ । ସେହି ପ୍ରାତଃସ୍ମରଣୀୟ ପୂର୍ବସୁରୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜାତିପ୍ରୀତି ସଦାସର୍ବଦା ଦେଶମାତୃକାର ସେବା ପାଇଁ ସମସ୍ତଙ୍କର ପ୍ରେରଣାର ଉତ୍ସ ହୋଇରହିଛି ।

ସଂଗ୍ରାମୀମାନଙ୍କ ସ୍ମୃତିକୁ ଉଜ୍ଜିବୀତ କରି ରଖିବା ଓ ପୂଜ୍ୟପୂଜା ପାଇଁ କାକଟପୁର-ଅସ୍ତରଙ୍ଗ ଅଞ୍ଚଳର କେତେକ ସ୍ୱାଧୀନତା ସଂଗ୍ରାମୀ ଓ ଦେଶପ୍ରେମୀ ଯୁବକ ଉତ୍କଳ ସଂଗ୍ରାମୀ ସ୍ମୃତି କମିଟି ଗଠନ କରିଥିଲେ । ସ୍ୱର୍ଗତ ଅଭିମନ୍ୟୁ ମୁଦୁଲି, ଅର୍ଜୁନ ଦାସ, ବ୍ରହ୍ମାନନ୍ଦ କର ପ୍ରମୁଖ ଏହି କମିଟିର ପ୍ରତିଷ୍ଠାତା । ସେମାନଙ୍କ ଅବର୍ତ୍ତମାନରେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ସାଂସଦ ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନ ଏହି ବୀରମାଟିର ସୁରକ୍ଷା ପାଇଁ ଶତତ ପ୍ରଚେଷ୍ଟା କରାଯାଇଅଛି । କିନ୍ତୁ ଉଡିଯାଇଛି କର୍ପୁର, ପଡିରହିଛି କନା । ଯେଉଁଠି ମୁଠାଏ ଲୁଣ ଗୋଟାଏ ପରାକ୍ରମଶାଳୀ ବ୍ରିଟିଶ୍ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା ସେହି ଅହିଂସା ସତ୍ୟାଗ୍ରହ ଆନ୍ଦୋଳନରେ ସାମିଲ ହୋଇଥିବା ଏହି ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନ ଆମ ଅଞ୍ଚଳବାସୀଙ୍କୁ ସଦାସର୍ବଦା ବୀରତ୍ୱ ମାର୍ଗରେ ଅନୁପ୍ରାଣିତ କରିଆସୁଅଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସ୍ମାରକୀ ସଂଗ୍ରାମୀ ପୀଠର ପୁନରୁଦ୍ଧାର ଓ ପୂର୍ବ ଦାୟାଦମାନଙ୍କ ପାଇଁ ପ୍ରେରଣାର ବାର୍ତ୍ତା ବହନ ଦିଗରେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର କର୍ମକର୍ତ୍ତା ମାନେ ସରକାରଙ୍କ ସହଯୋଗ କ୍ରମେ ବିଗତ କିଛି ବର୍ଷ ହେଲା ଏଠାରେ ମଇ ୨୧ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଆୟୋଜନ କରି ଆସୁଛନ୍ତି । ଦଳମତ ନିର୍ବିଶେଷରେ ଏହି ଅଞ୍ଚଳର ଜନପ୍ରତିନିଧି ଓ ସମାଜସେବୀମାନଙ୍କ ସମ୍ମିଳିତ ଉଦ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା କ୍ରମେ ଏହି ପୀଠର ବିକାଶ ପାଇଁ ସବୁରି ସ୍ତରରେ ପ୍ରଚେଷ୍ଟା କରାଯିବା ଏକାନ୍ତ ଜରୁରୀ । ବିଶେଷ କରି ପ୍ରତି ବର୍ଷ ମେ ୨୧ ସ୍ମାରକୀ ଦିବସକୁ ସରକାରୀ ସ୍ତରରେ ପାଳନ କରାଯିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ବାର୍ଷିକ କ୍ୟାଲେଣ୍ଡର କାର୍ଯ୍ୟକ୍ରମରେ ସ୍ଥାନୀତ କରିବା, ମହାତ୍ମା ଗାନ୍ଧୀ ଓ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ, ସ୍ମୃତି ପୀଠରେ ଦିବଂଗତ ସଂଗ୍ରାମୀମାନଙ୍କ ଏକ ସୁଦୃଶ ବୃହତ୍ତ ସ୍ମୃତିସ୍ତମ୍ଭ ନିର୍ମାଣ । ଏଠାରେ ଉଚ୍ଚକୋଟୀର ଆଲୋକ ବ୍ୟବସ୍ଥା କରିବା, ସ୍ମୃତି ପୀଠର ସୁପରିଚାଳନା ପାଇଁ ଏଠାରେ ଏକ କାର୍ଯ୍ୟାଳୟଗୃହ ନିର୍ମାଣ ଓ ଜଗୁଆଳି ନିଯୁକ୍ତି, ଅସ୍ତରଙ୍ଗ ସ୍ଥିତ ଲବଣ ସମବାୟ ସମିତିର ଜାଗାରେ ସ୍ୱତନ୍ତ୍ର ଲୁଣମରା ସ୍ମୃତି ମ୍ୟୁଜିୟମ ଓ ସ୍ୱାମିଜୀ ପୂର୍ଣ୍ଣାନନ୍ଦ ସ୍ୱାଇଁ ନାମରେ ଏଠାରେ ଏକ ଟାଉନ ହଲ୍, ପାଠାଗାର ପ୍ରତିଷ୍ଠା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଲବଣ ସତ୍ୟାଗ୍ରହୀ ସ୍ୱାମିଜୀ ପୂର୍ଣ୍ଣାନନ୍ଦ ସ୍ୱାଇଁ ବିଦ୍ୟାପୀଠକୁ ଏକ ସ୍ୱତନ୍ତ୍ର ବିଦ୍ୟାପୀଠ ରୂପେ ମାନ୍ୟତା ପ୍ରଦାନ, ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ କୁହୁଡ଼ି ସ୍ମୃତି ପୀଠକୁ ସରକାରୀ ଖାତାରେ ରେକର୍ଡଭୁକ୍ତ, ବିଦ୍ୟାଳୟ ଓ କଲେଜ ସ୍ତରରେ କୁହୁଡ଼ି ଲବଣ ସତ୍ୟାଗ୍ରହ ଇତିହାସକୁ ପାଠ୍ୟପୁସ୍ତକରେ ସ୍ଥାନୀତ, କୁହୁଡ଼ି ଲବଣ ସତ୍ୟାଗ୍ରହୀ ସ୍ମୃତି ପୀଠକୁ ସରକାରଙ୍କ ପକ୍ଷରୁ ଐତିହ୍ୟ ଓ ପର୍ଯ୍ୟଟନ କେନ୍ଦ୍ର ରୂପେ ମାନ୍ୟତା, ସ୍ମୃତିପୀଠର ସୁରକ୍ଷା ପାଇଁ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ, ଉଦ୍ୟାନ ବାଟିକା, ସ୍ଥାୟୀ ହାଇମାକ୍ସ ଲାଇଟ୍ ସ୍ଥାପନ, ସ୍ୱାଧୀନତା ସଂଗ୍ରାମୀ ଶୀତତାପ ନିୟନ୍ତ୍ରିତ ଅଡିଟୋରିୟମ ନିର୍ମାଣ, ଅସ୍ତରଙ୍ଗ ବଜାରଠାରୁ କୁହୁଡି ଗ୍ରାମ ଦେଇ କୁହୁଡି ସ୍କୁଲ ପର୍ଯ୍ୟନ୍ତ ରିଙ୍ଗ ରୋଡ ନିର୍ମାଣ,ଏହି ଅଞ୍ଚଳର ପୂର୍ବସୁରୀମାନଙ୍କ ଦାୟାଦମାନଙ୍କ ପାଇଁ ସ୍ୱତନ୍ତ୍ର ସମ୍ମାନ ବ୍ୟବସ୍ଥା କରାଯିବା ପାଇଁ ସ୍ମୃତି କମିଟି ତରଫରୁ ବିଭିନ୍ନ ସ୍ତରରେ ପ୍ରସ୍ତାବ ଉପସ୍ଥାପିତ କରାଯାଇଛି । ଆଜିର ଦିନରେ ଜାତୀୟ ସଂହତି ଓ ଏକତା ପ୍ରତିଷ୍ଠା ସହ ଏହି ଐତିହାସିକ ବୀରମାଟି କୁହୁଡ଼ି ପୀଠର ସାମଗ୍ରୀକ ବିକାଶ ପାଇଁ ସମସ୍ତେ ସଂକଳ୍ପ ନେଲେ ତାହା ହିଁ ହେବ ଦିବଂଗତ ସଂଗ୍ରାମୀମାନଙ୍କ ପାଇଁ ଆମ ସମସ୍ତଙ୍କର ଶ୍ରେଷ୍ଠ ସମ୍ମାନ ।

ପୋ- ନମାରୋ, ଭାୟା- ଅସ୍ତରଙ୍ଗ, ଜି- ପୁରୀ
ଫୋନ- ୯୩୩୮୨୦୯୧୪୫

# ବୋତଲ ପାଣି କ'ଣ ଶତପ୍ରତିଶତ ଶୁଦ୍ଧ ?

**॥ ଗୋପାଳ ମହାପାତ୍ର ॥**

ଦେଶରେ ପାନୀୟ ଜଳର ଶୁଦ୍ଧତା ନାମରେ କୋଟି କୋଟି ଟଙ୍କାର ବ୍ୟବସାୟ ଚାଲିଛି । ଏ ବାବଦରେ କେହି ଅସନ୍ତୋଷ ପ୍ରକାଶ କରୁନାହାଁନ୍ତି କିମ୍ବା ଏହାକୁ ଅପରାଧ ବୋଲି ମଧ କହୁନାହାଁନ୍ତି । ଏହା ଆଶ୍ଚର୍ଯ୍ୟର ବିଷୟ ନିଶ୍ଚୟ । ଶୁଦ୍ଧ ପାନୀୟ ଜଳ (ବୋତଲରେ ବିକ୍ରି ହେଉଥିବା ପାଣି) ର ବ୍ୟବସାୟ କରୁଥିବା ଲୋକେ ଭୂତଳ ଜଳକୁ ଛାଣି ବା ଫିଲଟର କରି ବୋଲତ ଏବଂ ଜାର୍‌ରେ ଭର୍ତ୍ତି କରିଦେଉଛନ୍ତି । ଫିଲ୍‌ଟର କରାଯାଉଥିବା ଏହି ପାଣିକୁ ହାଲୁକା ନୀଳ ରଙ୍ଗ କରିବା ପାଇଁ ସେଥିରେ କେମିକାଲ୍ ମିଶାଯାଉଛି । ଦେଶରେ ବୋତଲରେ ଭର୍ତ୍ତି ହୋଇ ବିକ୍ରି ହେଉଥିବା ପାଣି ନାମରେ ମନମାନି ଚାଲିଛି । ହଜାରରୁ ଅଧିକ କମ୍ପାନୀ ଦେଶରେ ଏହି ପାଣିର ବେପାର ଚଳାଇଛନ୍ତି । ପାଉଚ (ଜରି ପ୍ୟାକେଟ୍)ରେ ପାଣି ମଧ ବିକ୍ରି କରାଯାଉଅଛି । ଏହି ପାଉଚ୍ ପାଣି କମ୍ପାନୀର ସଂଖ୍ୟା କେତେ ସେ ବାବଦରେ କୌଣସି ସୂଚନା ପ୍ରଶାସନ ବା ସରକାରଙ୍କ ପାଖରେ ନାହିଁ । କୀଟାଣୁନାଶକ ବା ଅନ୍ୟ ଅର୍ଥରେ ଶୁଦ୍ଧ ବୋଲି କହି ଏହି ବୋତଲ ପାଣିର ବିକ୍ରି ଚାଲିଛି । ବୋତଲ ବା ପାଉଚରେ ବିକ୍ରି ହେଉଥିବା ପାଣି ସ୍ୱାସ୍ଥ୍ୟପାଇଁ ହିତକର ବୋଲି କୁହାଯାଉଥିଲେ ମଧ ଅନେକ ଅଧ୍ୟୟନରୁ ଜଣାପଡିଛି ଯେ, ଶୁଦ୍ଧ ବୋଲି କୁହାଯାଇ ବିକ୍ରି କରାଯାଉଥିବା ବୋତଲ ପାଣିର ଶୁଦ୍ଧତାର ମାତ୍ରା କମ୍ ।

ଔଦ୍ୟୋଗିକ ବର୍ଜ୍ୟବସ୍ତୁ ନଦୀରେ ମିଶିବା କାରଣରୁ ନଦୀର ଜଳ ପ୍ରଦୂଷିତ ହୋଇଥାଏ ଏବଂ ଭୂତଳ ଜଳ ମଧ ପ୍ରଦୂଷିତ ହୋଇଥାଏ । ଏହାର ସମାଧାନ କରାଯିବା ପରିବର୍ତ୍ତେ ଏହାକୁ ନେଇ ବିଭିନ୍ନ ଗଣମାଧରେ ଖବର ପ୍ରସାରିତ ହେବା କାରଣରୁ ସାଧାରଣ ଲୋକଙ୍କର ସ୍ୱାସ୍ଥ୍ୟପ୍ରତି ଚିନ୍ତା ବଢୁଛି । ଏହାର ଫାଇଦା ଉଠାଇ ବୋତଲ ପାଣି ବିକ୍ରି କରୁଥିବା କମ୍ପାନୀମାନେ ବିଜ୍ଞାପନ ମାଧମରେ ସୁସ୍ଥ ରହିବା ପାଇଁ ବୋତଲ୍ ପାଣି ପିଇବାର ଆବଶ୍ୟକତା ରହିଛି ବୋଲି ପ୍ରବର୍ତ୍ତାଉଛନ୍ତି । ପ୍ରଚାର ଓ ବିଜ୍ଞାପନ କାରଣରୁ ସାଧନ ସମ୍ପର୍ଣ୍ଣ ବ୍ୟକ୍ତିମାନେ ଏହି ବୋତଲ ପାଣିର ବ୍ୟବହାର କରୁଛନ୍ତି । ମଧମବର୍ଗର ଲୋକମାନେ ମଧ ଏହାକୁ ଆପଣେଇ ନେଲେଣି । ଏଣୁ ପାଣି ପାଇଁ ପାଣି ଭଳି ଅର୍ଥ ବ୍ୟୟ କରୁଛନ୍ତି ଏ ଦେଶର ଜନସାଧାରଣ । କିନ୍ତୁ ନା ଜନସାଧାରଣ, ନା ସରକାର ନଦୀଜଳ / ଜଳଉତ୍ସ ସବୁକୁ ସଫା କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି । କିନ୍ତୁ ଏହା ହେଲେ ସମସ୍ତଙ୍କୁ ଶୁଦ୍ଧ ପାନୀୟଜଳ ମିଳିପାରନ୍ତା । ନୈତିକ ଦାୟିତ୍ୱରୁ ସମସ୍ତେ ଦୂରେଇ ଯିବା କାରଣରୁ ଏହି ବୁନିଆଦି ଆବଶ୍ୟକତା ଏବେ ବଜାରବାଦ ହାତକୁ ଚାଲିଯାଇଛି । ନିଜେ ସରକାର ମଧ ରେଲ ନୀର, ୱାର୍ଟର ଏଟିଏମ୍ ଆଦି କରି ଏହି ବ୍ୟବସାୟକୁ ଓହ୍ଲାଇଛନ୍ତି । ଦେଶର ସମସ୍ତ ଜନତାଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇଦେବା କଥା କହୁଥିବା ସରକାର ପାଣିର ବ୍ୟବସାୟ ମଧ କରୁଛନ୍ତି ।



ନ୍ୟାଚୁରାଲ୍ ରିସୋର୍ସେସ୍ ଡିଫେନ୍ସ କାଉନ୍‌ସିଲ୍‌ର ଅଧ୍ୟୟନରୁ ଜଣାପଡିଛି ଯେ ବୋତଲ ପାଣି ଓ ସାଧାରଣ ପାଣି ପ୍ରାୟତଃ ସମାନ । ମିନେରାଲ୍ ୱାଟର ନାମରେ ବିକ୍ରି ହେଉଥିବା ବୋତଲ ପାଣି ପାଇଁ ବ୍ୟବହୃତ ହେଉଥିବା ବୋତଲର ପ୍ରସ୍ତୁତି ବେଳେ ଏକ ବିଶେଷ ରସାୟନ ପେଥଲେଟସ୍ ର ବ୍ୟବହାର କରାଯାଏ । ଏହି ରସାୟନ ବୋତଲକୁ ମୁଲାୟମ ରଖିବାରେ ସାହାଯ୍ୟ କରିଥାଏ । ଏହି ରସାୟନ ସୌନ୍ଦର୍ଯ୍ୟ ପ୍ରସାଧନ ଏବଂ ଖେଳଣା ନିର୍ମାଣ ପାଇଁ ମଧ ବ୍ୟବହାର କରାଯାଇଥାଏ । ସାଧାରଣ ତାପମାତ୍ରାଠାରୁ ଅଧିକ ତାପମାତ୍ରାରେ ଏହି ରସାୟନ ପାଣିରେ ମିଶିଯାଏ ଓ ଆମ ଶରୀରକୁ ଗଲେ ଅନେକ ପ୍ରକାର ଦୁଃସ୍ପ୍ରଭାବ ଦେଖାଇଥାଏ । ଏଣ୍ଟିମନି ନାମକ ରସାୟନରୁ ପ୍ରସ୍ତୁତ ବୋତଲରେ ପାଣି ରଖାଗଲେ ପାଣି ଯେତିକି ପୁରୁଣା ହେବ ଏଣ୍ଟିମନିର ମାତ୍ରା ସେତିକି ବଢିବ । ଏଣୁ ଏହାର ବ୍ୟବହାର ଶରୀର ପାଇଁ କ୍ଷତିକାରକ । ଗୋଟିଏ କଥା ସତ୍ୟ ଯେ ମାଠିଆ ବା ସୁରେଇର ପାଣି ଠାରୁ ବୋତଲ ପାଣି ଉତ୍କୃଷ୍ଟ ନୁହେଁ । ବୋତଲ ପାଣିର ଆବଶ୍ୟକତା ଶୁଦ୍ଧତା ଏବଂ ସ୍ୱଚ୍ଛତା ପରିବର୍ତ୍ତେ ଫେସନ୍ ଏବଂ ଷ୍ଟାଟସ୍‌ର ସିମ୍ବଲରେ ପରିଣତ ହେବାରେ ଲାଗିଲାଣି । ବୋତଲ ପାଣିର ପ୍ରଥା କ୍ଷତିକାରକ । ପ୍ରତିଦିନ ଲକ୍ଷ ଲକ୍ଷ ବୋତଲ ବ୍ୟବହାର ପରେ ଫିଙ୍ଗି ଦିଆଯାଉଛି ଯାହା ପରିବେଶ ପାଇଁ ସଙ୍କଟ ସୃଷ୍ଟି କରୁଛି । କିନ୍ତୁ ଆମ ଦେଶର ସରକାର ଏ ଦିଗରେ ଆଖି ବୁଜିଦେଇଛନ୍ତି । ସେନ୍ ଫ୍ରାନ୍‌ସିସ୍କୋ ରେ ବୋତଲ ପାଣି ବିକ୍ରିକୁ ନିଷିଦ୍ଧ କରାଯାଇଛି । ସଲ୍ଟଲେକ୍ ସିଟିରେ ମଧ ଏହାର ବିକ୍ରି ନିଷିଦ୍ଧ । ପ୍ରକୃତ କଥା ହେଉଛି, ପ୍ରକୃତି ପ୍ରଦତ୍ତ ପାଣି ବା ଜଳ ଜୀବନ ପାଇଁ ଅତି ଆବଶ୍ୟକ । ଏହାର ବଜାରୀକରଣ ହେବା ଉଚିତ୍ ନୁହେଁ । ରେଳ ନୀର ବିକ୍ରି ପରିବର୍ତ୍ତେ ରେଳଷ୍ଟେସନ୍ ମାନଙ୍କରେ ଅଧିକ ସଂଖ୍ୟକ ଫିଲଟର ଲଗାଗଲେ ରେଳଯାତ୍ରୀ ଓ ସାଧାରଣ ଲୋକଙ୍କୁ ବିଶୁଦ୍ଧ ପାଣି ମିଳିପାରନ୍ତା । ବୋତଲ ପାଣିର ବିକ୍ରି ବନ୍ଦ କରାଗଲେ ପ୍ଲାଷ୍ଟିକ୍ ଆବର୍ଜନା ମଧ କମିଯାଆନ୍ତା । କେନ୍ଦ୍ର ଓ ରାଜ୍ୟସରକାରମାନେ ଚାହିଁଲେ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ପାରନ୍ତେ । ବିସଙ୍ଗତି ହେଉଛି ଲୋକେ ବୋତଲ ପାଣି କିଣିବା ପୂର୍ବରୁ ତାହାର ଶୁଦ୍ଧତା ବାବଦରେ ଜାଣିବାକୁ ଚାହୁଁନାହାଁନ୍ତି । ଖାଦ୍ୟ ପଦାର୍ଥର ମୂଲ୍ୟବୃଦ୍ଧିକୁ ନେଇ ଅନେକବେଳେ ଆନ୍ଦୋଳନ ହେଉଛି । କିନ୍ତୁ ବୋତଲ ପାଣିର ଶୁଦ୍ଧତା ଏବଂ ମୂଲ୍ୟକୁ ନେଇ ଆନ୍ଦୋଳନ ହେଉନି କାହିଁକି ? ପ୍ରକୃତରେ କ'ଣ ବୋତଲ ପାଣି ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ? ଏହା କ'ଣ ଶତପ୍ରତିଷତ ଶୁଦ୍ଧ ?

ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪

# ବାଲ୍ୟକାଳୁ ଧନ ଧର୍ମ ମୁଁ ସଞ୍ଚିବି...

**॥ ପଙ୍କଜ କୁମାର ପାଣିଗ୍ରାହୀ ॥**

ପୁନର୍ବାର ସେହି ଧନରାଶିକୁ ନିବେଶକ ଅନ୍ୟ ଏକ ଦିଗରେ ନିବେଶ କରିବା ଛଡା କୌଣସି ପ୍ରକାରେ ନିଜର ବ୍ୟବହାର ଉପଯୋଗୀ ଖର୍ଚ୍ଚ ନକରି ପୁନର୍ବାର ସେହି ନିବେଶ ଧାନକୁ କୌଣସି ପ୍ରକାରେ ଉପଭୋଗ ନକରି ଜୀବନ ଶେଷ କରୁଥିବା ଉଦାହରଣ ୯୦ ପ୍ରତିଶତରୁ ଅଧିକ ଦେଖିବାକୁ ମିଳିବ ଉପଯୁକ୍ତ ଅନୁଧାନ କଲେ । ସାଧାରଣ ମଣିଷ ଗୁଡିକ ବ୍ୟାପକ ପରିଶ୍ରମ କରି ହେଉ କିମ୍ବା ଅନୈତିକ ଉପାୟରେ ଅର୍ଜିତ ଧନର ନିଜକୁ ପ୍ରୟୋଜନ ନଥାଇ କେବଳ ସେହି ଚତୁର ବ୍ୟବସାୟୀଙ୍କୁ ପୋଷିବା ଛଡା କୌଣସି ମୂଲ୍ୟଯୁକ୍ତ ଅନୁଭବ କରିନଥାନ୍ତି । ତେଣୁ ଚତୁର ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଲୋକଙ୍କୁ ଏହି ବାର୍ତ୍ତା ପ୍ରଦାନ କରିଥାନ୍ତି ଯେ ଧନ ସଂଚୟ କଲେ ଭବିଷ୍ୟ ଉଜ୍ଜଳ ହେବ ଯାହା ଏକ ଅଲୌକିକ ବିଚାର ମଧରେ ଅସମାହିତ ଭାବେ ସମ୍ପୂର୍ଣ୍ଣ କରି ଶରୀର ତ୍ୟାଗ କରିଥାନ୍ତି ନିବେଶକ ସାଧାରଣ ମଣିଷ । ସେସବୁ ଏକ ସାମାଜିକ କୁହେଳିକା ବ୍ୟତୀତ ପ୍ରକୃତ ଧନ ଉପଭୋଗର କୌଣସି ନିଦର୍ଶନ ରଖିନଥାଏ ସାଧାରଣ ଲୋକଙ୍କ କ୍ଷେତ୍ରରେ ।

ଅନୁରୂପ ଧର୍ମ ବୋଲି କହି ଯେଉଁ ଜଡ଼ବସ୍ତୁ ଗୁଡିକୁ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥାଏ ତାହା ଏକ ପିଲାଳିଆମୀ ଛଡା ଆଉ କିଛି ନୁହେଁ ! କାରଣ ଜୀବନ ବିହୀନ ଅଦୃଶ୍ୟ, ଅସ୍ପୃଶ୍ୟ କୌଣସି ଜଡ଼ ବସ୍ତୁଟିଏ ସମ୍ମୁଖରେ କେତେ ମୁଣ୍ଡ ପିଟି ପ୍ରାର୍ଥନା କଲେ ମଧ ଫଳ ପ୍ରାପ୍ତିର କୌଣସି ନିଦର୍ଶନ ରହିନଥାଏ ଯାହା ପ୍ରାକୃତିକ ନିୟମ ସାପେକ୍ଷ । କିନ୍ତୁ ସାଧାରଣ ଲୋକଙ୍କୁ ବିଭିନ୍ନ ଭୟାବହ ସନ୍ଦେଶ ଦେଇ ଚତୁର ଧର୍ମ ପ୍ରଚାରକ ଏବଂ ସେମାନଙ୍କ ସହଯୋଗୀ ମାନେ ପୂଜା ଆରାଧନା ନାମରେ ବ୍ୟାପକ ଧନ ଆହରଣ କରୁଥିବା ବେଳେ ସେମାନଙ୍କୁ ନିଜର ବଶୀଭୂତ କରି ରଖିବା ଉଦ୍ଦେଶ୍ୟରେ ଏହିଭଳି ଅଯୌକ୍ତିକ, ଅମାନବୀୟ ପ୍ରେରଣା ଦେଇଥାନ୍ତି ଯାହା ସାଧାରଣ ନିର୍ବୋଧ କିଛି ନବୁଝି କେବଳ ଭୟରେ ସେଗୁଡିକୁ ଗ୍ରହଣ କରି ଚାଲିଥିବା ଆମ ସମାଜର ବିଭୀଷିକା ଅତ୍ୟନ୍ତ ମର୍ମସ୍ପର୍ଶୀ । ନିର୍ଦ୍ଦିଷ୍ଟ ଭାବେ ଦେଖିବାକୁ ଗଲେ ଭାରତୀୟ ସନାତନ ଧର୍ମ ଏକ ବୈଜ୍ଞାନିକ ଚେତନାଶୀଳ ଶାସ୍ତ୍ର ଯେଉଁଥିରେ କୌଣସି ମୂର୍ତ୍ତି ପୂଜା କିମ୍ବା ଭଗବାନଙ୍କ ଉପସ୍ଥିତି ବିଷୟରେ ବର୍ଣ୍ଣିତ ହୋଇନାହିଁ ! ସନାତନ ଧର୍ମ କେବଳ ମଣିଷକୁ ମଣିଷ ଭଳି ଗଢି ତୋଳିବାର ପ୍ରୟାସ କରି ଏକ ମାନବୀୟ ସତ୍ୟ ଆଧାରିତ ପ୍ରେରଣା ଦେଇଛି ଯାହା ସାଧାରଣ ଲୋକଙ୍କୁ ଆଦୌ ଗୋଚର ନାହିଁ ! କାରଣ ଚତୁର ବ୍ୟପାରୀ ଧର୍ମ ଗୁରୁ, ପ୍ରଚାରକ ସେଗୁଡିକୁ କଦର୍ଥ କରି ତାହାର ବିପରୀତରେ ବିଭିନ୍ନ ମିଥ୍ୟା ସନ୍ଦେଶ ଦେଇ ଲୁଣ୍ଠନ କରିବାରେ ବ୍ୟସ୍ତ ଆଜିର ବିଭୀଷିକାର ଅନ୍ତ ନାହିଁ । ସେମାନଙ୍କ ସେହି ଅବୈଜ୍ଞାନିକ, ଅସତ୍ୟ ବାଚାଳ ପ୍ରେରଣାରେ ଅଭିଷିକ୍ତ ହୋଇ ସାଧାରଣ ନିର୍ବୋଧ ଜୀବନର ଅନେକ କିଛି ନଷ୍ଟ କରିବା ସହିତ ସାରା ଜୀବନ ସମାନଙ୍କ ଭୃତ୍ୟ ହୋଇ ଜୀବନ ଶେଷ କରୁଥିବା ଦୃଶ୍ୟ ଅତ୍ୟନ୍ତ ଦୁଖଦଃ ମର୍ମସ୍ପର୍ଶୀ ହୋଇଥାଏ ଆମ ଦେଶ କାହିଁକି ବରଂ ପ୍ରାୟତଃ ସବୁ ଧର୍ମ ସମ୍ପ୍ରଦାୟ ସବୁ ରାଷ୍ଟ୍ରରେ ବିଶ୍ୱ ବ୍ୟାପି !

ତେଣୁ ସାଧାରଣ ମଣିଷ ମାନେ ଏହି ପିଲାଳିଆମୀ, ବାଚାଳାମି ପରିତ୍ୟାଗ କରି ସତ୍ୟର ପଥ ଉନ୍ମୋଚନ, ଅନୁସରଣ କରିବା ନଶିଖିଲେ ଏମିତି ସବୁ କଥାର ବିପରୀତମୁଖୀ ପ୍ରେରଣା ଗୁଡିକୁ ନେଇ ଜୀବନ ସାରା ପ୍ରତାରଣାର ଶିକାର ହୋଇ ନିଜ ଜୀବନକୁ ବିଭ୍ରାନ୍ତିକର, ଦୁଃଖଦ ପରିବେଶ ମଧରେ ରଖି ଜୀବନ ଶେଷ କରିବାକୁ ପଡୁଥିବ ପିଢ଼ିକୁ ପିଢ଼ି । ସବୁ ବର୍ଗର ସାଧାରଣ ମଣିଷ ମାନେ କ୍ଷୁଦ୍ର ରାସ୍ତାରେ ଅଧିକ ଲାଭ ପାଇବା ଆଶା ଛାଡି ପ୍ରକୃତ ବାସ୍ତବ ପଥରେ ଅତିକ୍ରମ କରିବା ଶିକ୍ଷା ନକରିବା ପର୍ଯ୍ୟନ୍ତ ଏହି ଦୁଃସ୍ବୃତ କେଳେଙ୍କାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜକୁ ଏମିତି ଲୁଟୁଥିବେ ଏବଂ ସାଧାରଣ ଲୋକେ ସେମାନଙ୍କ ପ୍ରତାରଣାର ଶିକାର ହୋଇ ଚାଲିଥିବେ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି ବ୍ୟକ୍ତ କରିବେ ବୋଲି ଅନୁରୋଧ ପୂର୍ବକ ରହିଲି...

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

## ଅସମୟରେ ବିହନ ଯୋଗାଣକୁ ନେଇ ଚର୍ଚ୍ଚାରେ ହିନ୍ଦୋଳ କୃଷି

- ବିଭାଗ ବିହନ ନପାଇ ଫେରିଲେ ଚାଷୀ
- ଛୁଟିରେ ହିନ୍ଦୋଳ କୃଷି ଅଧୀଦର୍ଶକ

**ହିନ୍ଦୋଳ,(ମହାଭାରତ) :** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ଲୋକମାନେ ସାଧାରଣତଃ ଚାଷ ଉପରେ ନିର୍ଭର କରିଥାନ୍ତି ।କିନ୍ତୁ ସରକାର ଉର୍ନ୍ନତମାନର ବିହନ ଯୋଗାଇ ଚାଷୀଙ୍କ ଆୟ ବୃଦ୍ଧି କରିବାର ଲକ୍ଷ୍ୟ ରଖିଥିବାବେଳେ ଏହାକୁ ସଠିକ ସମୟରେ ଚାଷୀଙ୍କ ପାଖରେ ପହଞ୍ଚାଇବାରେ ବିଫଳ ହିନ୍ଦୋଳ କୃଷି ବିଭାଗ । ଛୁଟିରେ ହିନ୍ଦୋଳ କୃଷି ଅଧୀଦର୍ଶକ ହିରଣ୍ୟମୟୀ ବେହେରା ।ଉପଖଣ୍ଡ ସହକାରୀ କୃଷି ଅଧିକାରୀ ରାମେଶ୍ୱର ଜେନା ଅଫିସରେ ନଥିବାରୁ ବିହନ ନପାଇ ଫେରିଲେ ଚାଷୀ । ଓଡ଼ିଶା ସରକାର 'କନକ ବାୟୋ ସାଇନ୍ସ ଆଣ୍ଡ ରିସର୍ଚ୍ଚ' ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ଧାନ ବିହନ ବଣ୍ଟନ କାର୍ଯ୍ୟ ହାତକୁ ନେଇଥିବାବେଳେ ହିନ୍ଦୋଳରେ 'ବୀର ବିରସା ଫାର୍ମର ପ୍ରଡ଼ିଉସର କମ୍ପାନୀ ଲିମିଟେଡ'ବିହନ ବଣ୍ଟନ ଦାୟିତ୍ୱ ନେଇଥିବା ବେଳେ ଅଗଷ୍ଟମାସର ୧୪ତାରିଖରେ ଚାଷୀଙ୍କୁ ଧାନ ବିହନ ବଣ୍ଟନ କରିବା କେତେଦୂର ଯଥାର୍ଥ । କୃଷି ଅଧିଦର୍ଶକ ହୀରଣ୍ୟମୟୀ ବେହେରା ଛୁଟିରେ ଥିବାରୁ ଚାଷୀମାନେ ଧାନ ନପାଇ ଫେରୁଥିବାର ଦେଖିବାକୁ ମିଳିଥିଲା ।ଆଗକୁ ଦେଖିବାକୁ ବାକି ରହିଲା ଚାଷୀ ଉର୍ନ୍ନତମାନର ବିହନ ନେଇ ଚାଷ କରୁଛନ୍ତି ନା ଫଟୋ ଉଠାଇ କାଗଜ କଲମରେ ସରକାରଙ୍କୁ ରିପୋର୍ଟ୍ ଦେଉଛନ୍ତି ଉପଖଣ୍ଡ ସହକାରୀ କୃଷି




ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷ । ଚାଷ ଜମିଗୁଡିକ ତିନି ଭାଗରେ ବିଭକ୍ତ ହୋଇଛି ଯଥା- ଉଚ୍ଚ,ମଧ୍ୟମ,ଓ ନିମ୍ନ । ସେଥିମଧ୍ୟରୁ ଧାନକ୍ଷେତ୍ର ହେଉଛି ୧୫ହଜାର ୮୭୫ ହେକ୍ଟର ଚାଷ ଜମିରେ ।ଉଚ୍ଚଜମି ୪୧୭ ହେକ୍ଟର,ମଧ୍ୟମ ଜମି ୭୮୨୦ ହେକ୍ଟର,ନିମ୍ନ ଜମି ୭ହଜାର ୬୩୮ ହେକ୍ଟର ଜମିରେ ଚାଷ ହେଉଛି ।

## ଦେଶ ସ୍ୱାଧୀନ ପଛରେ ପାଇକମାନଙ୍କ ତ୍ୟାଗ, ବୀରତ୍ୱ ଓ ବଳିଦାନ ଅବର୍ଣ୍ଣନୀୟ: ମନ୍ତ୍ରୀ

**ଖୋର୍ଦ୍ଧା,(ମହାଭାରତ) :** ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ୭୮ ତମ ଜିଲ୍ଲା ସ୍ତରୀୟ ସ୍ୱାଧିନତା ଦିବସ ସମାରୋହ ସ୍ଥାନୀୟ ବିଜେବି ହାଇସ୍କୁଲ ପଡିଆରେ ପାଳିତ ହୋଇଯାଇଛି । ଏଥିରେ ଓଡ଼ିଶା ସରକାରଙ୍କୁ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ଡଃ. ପ୍ରଦିପ ବଳସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଆଜିର ଦିନ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଆତ୍ମ ସମୀକ୍ଷାର ଦିନ, ସ୍ୱପ୍ନ ଓ ସଙ୍କଳ୍ପର ଦିନ ବୋଲି ନିଜ ଅଭିଭାଷଣରେ କହିବା ସହିତ ଓଡିଶା ସରକାରଙ୍କ ଜନହିତକର କାର୍ଯ୍ୟ ବିଷୟରେ ଉପସ୍ଥିତ ଜନତାଙ୍କୁ ଅବଗତ କରାଇଥିଲେ ଏବଂ ସେ ତାଙ୍କ ବକ୍ତବ୍ୟରେ ଶତ ଶହୀଦର ପୁଣ୍ୟ ଶୋଣିତରେ ଭିଜା ଖୋର୍ଦ୍ଧା ପାଇକ ବୀରଙ୍କ ଅବଦାନ ଅବର୍ଣ୍ଣନୀୟ ଓ ଅତୁଳନୀୟ କହିଥିଲେ । ରାଜା ମୁକୁନ୍ଦ ଦେବ, ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ ଆଦି ବୀର ସନ୍ତାନମାନଙ୍କ ସ୍ମୃତିଚାରଣ କରିବା ସହ ଗୋଦାବରୀଶ ମହାପାତ୍ର, ଗୋଦାବରୀଶ ମିଶ୍ର, ସଚ୍ଚି ରାଉତରାୟଙ୍କ ଭଳି ଅନେକ ଯଶସ୍ୱୀମାନଙ୍କୁ ଜନ୍ମ ଦେଇ ଏହି ମାଟି ଆଜି ଆନ୍ତର୍ଜାତୀୟ ସ୍ତରରେ ମହାନ ହୋଇପାରିଛି । ଏହି ଅବସରରେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ପଦ୍ମବିଭୂଷଣ ସୁଦର୍ଶନ ସାହୁ, ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଅରୁଣା ମହାନ୍ତି, ପ୍ରଭାକର ମହାରଣା ଓ ବିନୋଦ ମହାରଣାଙ୍କୁ ସମ୍ମାନୀତ କରାଯାଇଥିଲା । ଏହା ସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ୟାରେଡରେ ଭାଗ ନେଇଥିବା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ନଅ ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ କରାଯାଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ତିନି ଜଣଙ୍କୁ ଏବଂ ଦୁଇଗୋଟି ପ୍ରଜ୍ଞାପନ ମେଢକୁ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ , ଜିଲ୍ଲାପାଳ ଶ୍ରୀଯୁକ୍ତ ଚଞ୍ଚଳ ରାଣା, ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପ-ଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ, ଜିଲ୍ଲା ପରିଷଦର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା, ଡେପୁଟି କଲେକ୍ଟର ଅନନ୍ୟା ମିଶ୍ର, ଶ୍ରୀତପା ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ଛାତ୍ରଛାତ୍ରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।




## କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣୀ ଶିବିର

**ଉଦଳା,(ମହାଭାରତ) :** ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ଅଗଷ୍ଟ ମାସ ପାଇଁ ଆସନ୍ତା ତା ୨୦.୦୮.୨୦୨୪ ରିଖ ତୃତୀୟ ମଙ୍ଗଳବାର ଦିନ ପୂର୍ବାହ୍ନ ୧୦ ଘଟିକା ସମୟରେ କପ୍ତିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିର ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ । ଏହି ଶିବିରରେ ଉପଖଣ୍ଡ ତଥା ବ୍ଲକ ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଉପସ୍ଥିତିରେ ଶୁଣାଣୀ କରାଯାଇ ଉତଥାପିତ ଅଭିଯୋଗ ଗୁଡିକର ଯଥା ସମ୍ଭବ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ । ସରକାରୀ ଯୋଜନା ର କାର୍ଯ୍ୟକାରୀତା, ଦୁର୍ନୀତି, ଜନ କଲ୍ୟାଣ, ସାମାଜିକ ସୁରକ୍ଷା ଆଦି ସମ୍ବଳିତ ବ୍ୟକ୍ତିଗତ ବା ସାମୂହିକ ସମସ୍ୟା ନେଇ ଏହି ଜନଶୁଣାଣୀରେ ଅଭିଯୋଗ ଉପସ୍ଥାପନ କରିବାକୁ ଇଚ୍ଛୁକ ଜନସାଧାରଣ ନିର୍ଦ୍ଧାରିତ ସମୟ ପୂର୍ବରୁ ଏଠାରେ ପହଞ୍ଚି ନିଜ ଦରଖାସ୍ତକୁ ପଞ୍ଜୀକୃତ କରାଇ ପାରିବେ ।

## ସାମ୍ବାଦିକ ଭବନରେ ଜିଲ୍ଲା ପ୍ରେସକ୍ଲବ ପକ୍ଷରୁ ଉଡିଲା ଜାତୀୟ ପତାକା



**ଖୋର୍ଦ୍ଧା,(ମହାଭାରତ) :** ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ଜିଲ୍ଲା ପ୍ରେସ କ୍ଲବ୍ ପକ୍ଷରୁ ୭୮ ତମ ସ୍ୱାଧୀନତା ଦିବସ ପାଳନ କରା ଯାଇଅଛି । ପ୍ରେସ କ୍ଲବର ଉପଦେଷ୍ଟା ତପନ କୁମାର ନାୟକ ପତାକା ଉତ୍ତୋଳନ କରିଥିବା ବେଳେ ନିଜ ଅଭିଭାଷଣରେ ୧୯୪୭ ମସିହାରେ ବ୍ରିଟିଶ ଶାସନରୁ ସମ୍ପୂର୍ଣ୍ଣ ଭାରତକୁ ସ୍ୱାଧିନତା ମିଳିବାର ଖୁସି ସହିତ ଦେଶ ମାତୃକା ସେବାରେ ନିଜକୁ ଉତ୍ସର୍ଗ କରିଥିବା ମହାପୁରୁଷଙ୍କ ସ୍ମୃତିରେ ଆଜି ସାରା ଦେଶ ହର୍ଷ ଉଲ୍ଲାସର ସହିତ ସ୍ୱାଧିନତା ଦିବସକୁ ମହା ଆଡ଼ମ୍ବରରେ ପାଳିତ କରୁଛି କିନ୍ତୁ ବର୍ତ୍ତମାନ ସାମ୍ପ୍ରତିକ ବିଦ୍ୱେଷ ଦେଶ ପାଇଁ ଶୁଭଙ୍କର ନୁହେଁ ବୋଲି କହିଥିଲେ । ଏହି ଅବସରରେ ପ୍ରେସ କ୍ଲବ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ମହସିନ ଖାନଙ୍କୁ ପ୍ରେସ କ୍ଲବ ପକ୍ଷରୁ ସମ୍ମାନିତ କରାଯାଇଥିଲା ଏବଂ ଏହା ସହିତ କ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ ସ୍ୱାଧିନତା ଦିବସକୁ ନେଇ ନିଜ ମତବ୍ୟକ୍ତ କରିଥିଲେ । ସମ୍ପାଦକ ଦିଲ୍ଲିପ ପଟ୍ଟନାୟକ, ସହ ସମ୍ପାଦକ ପ୍ରବୀଣ ଭଞ୍ଜ ଏ୍ଂ କାର୍ଯ୍ୟକାରୀ ସଦସ୍ୟ ସୟଦ୍ ଲିୟାକତ୍ ଅଲ୍ଲୀ, ପ୍ରକାଶ ହାତୀ, ପ୍ରଭାତ ପାଣିଗ୍ରାହୀଙ୍କ ସମେତ ରାଜେଶ ମହାନ୍ତି, ଈଶ୍ୱର ଚନ୍ଦ୍ର ମଙ୍ଗରାଜ, ମୋତାହାର ୟୁସୁଫ, ଅର୍ଶାଦୁଲ୍ ହକ୍, ରାଜୀବ ମହାପାତ୍ର, ଅୟସ ମହାନ୍ତି, ଗୋପାଳ ଦାସ, ଦୁର୍ଗାପ୍ରସାଦ ଷଡଙ୍ଗୀ, ଗୋପାଳ ପ୍ରଧାନ, ଅବ୍ରାରଲ ହକ, ଆକାଶ ବିଶ୍ୱାଳ, କେଦାର ସାହୁ, ମନୋଜ ସାହୁ, ସୁବ୍ରତ ରଣା, କୁତୁବଦ୍ଦିନ ଖାନ, ଏସ୍. କେ ଜାଫର ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ଜାତୀୟ ସଙ୍ଗୀତ ଗାନ କରିଥିଲେ ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦଲାଲ ସନ୍ଦେହରେ ଜଣେ ଅଟକ

**ଅନୁଗୋଳ,(ମହାଭାରତ) :** ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆଜି ଜଣେ ଯୁବକକୁ ଦଲାଲ ସନ୍ଦେହରେ ସୁରକ୍ଷାକର୍ମୀ ଧରି ପୁଲିସ ର ଜିମା ଦେଇଛନ୍ତି । ସୂଚନା ଯେ , ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିନକୁ ଦିନ ଦଲାଲଙ୍କ କାର୍ଯ୍ୟ ବଢୁ ଥିବା ଅଭିଯୋଗ ହେଉଛି । କିଛି ଦିନ ହେବ ଜଣେ ଯୁବକ ପ୍ରସୂତି ବିଭାଗକୁ ଯାଇ ବିଭିନ୍ନ ଲୋକଙ୍କ ସହ କଥା ବାର୍ତ୍ତା ହେଉଥିବା ସୁରକ୍ଷାକର୍ମୀ ଏବଂ ସୁରକ୍ଷାକର୍ମୀ ସୁପରଭାଇଜରଙ୍କ ନଜରରେ ଆସିଥିଲା । ଆଜି ଜଣେ ଯୁବକ ଜଣଙ୍କ ପ୍ରସୂତି ବିଭାଗ ଅଞ୍ଚଳରେ ବୁଲୁଥିବା ବେଳେ ସୁରକ୍ଷାକର୍ମୀ ସୁପରଭାଇଜରଙ୍କ ଲିପୁନ ଏବଂ ସୁଶିଲ ଯୁବକ ଜଣଙ୍କୁ ଧରି କଣ ପାଇଁ ଏହି ଅଞ୍ଚଳରେ ବୁଲୁଛ ବୋଲି ପଚାରି ଥିଲେ । ଯୁବକ ଜଣଙ୍କ ସାଙ୍ଗ ଠାରୁ ପଇସା ନେବାକୁ ଅପେକ୍ଷା କରିଛି ବୋଲି କହିଥିଲେ । ସୁରକ୍ଷାକର୍ମୀ ସୁପରଭାଇଜର ମାନେ ପୁଲିସ କୁ ଖବର ଦେବାକୁ କହିବାରୁ ଯୁବକ ଜଣଙ୍କ ଗର୍ଭବତୀ ମହିଳାଙ୍କୁ ଏକ ଘରୋଇ ନର୍ସିଂ ହୋମ୍ କୁ ନେବାପାଇଁ ପ୍ରବର୍ତ୍ତାଉ ଥିବା କଥା ମାନି ଯାଇଥିଲେ । ସୁରକ୍ଷାକର୍ମୀ ସୁପରଭାଇଜର ମାନେ ଯୁବକଙ୍କୁ ଚିକିତ୍ସାଳୟ ଫାଣ୍ଡି ଜିମାରେ ଦେଇଥିଲେ । ଯୁବକ ଜଣଙ୍କ ଟାଉନ୍ ଥାନା ଅନ୍ତର୍ଗତ ଶଙ୍କର ସିନେମା ରୋଡ ଅଞ୍ଚଳର ବୋଲି ଜଣା ପଡିଛି ।

## ହରସେନା ପକ୍ଷରୁ ସ୍ୱାଧିନତା ଦିବସ ପାଳିତ

**ଗଞ୍ଜାମ,(ମହାଭାରତ) :** ୭୮ତମ ସ୍ୱାଧିନତା ଦିବସ । ଏହି ଦିବସରେ ଆଜି ସାରା ବିଶ୍ୱ ଉଚ୍ଛବ ମୁଖର ହୋଇଉଠିଥିବା ବେଳେ ସମସ୍ତ ସ୍ଥାନରେ ଉଡିଛି ଜାତୀୟ ପତକା । ସବୁଠେ ସୁଭିଛି ଭାରତ ସ୍ୱାଧିନତା ଦିବସର କଥା । ତେବେ ଏହି ଅବସରରେ ମଧ ଗଂଜାମ ଜିଲ୍ଲା କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନ ମଣ୍ଡଳୀର କୋଦଳା ଠାରେ ହରସେନା ପକ୍ଷରୁ ବଡ ଧୂମଧାମର ସହ ସ୍ୱାଧିନତା ଦିବସ ପାଳିତ ହୋଇଯାଇଥିବା ବେଳେ ବରିଷ୍ଠ ବିଜେଡି ନେତା ତଥା କୋଦଳା ର ପୂର୍ବତନ ନଗରପାଳ ତଥା ହରସେନା ର ଅଧକ୍ଷ ହର ପ୍ରସାଦ ସାହୁ ଯୋଗଦେଇ ପତକା ଉତ୍ତୋଳନ କରିବା ସହ ଭାରତର ଏକତା ଓ ଅଖଣ୍ଡତାର ସୁରକ୍ଷା ସଫଳତା ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଏଥିସହ ପବିତ୍ର ସ୍ୱାଧିନତା ଦିବସରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଥିଲେ ଶ୍ରୀ ସାହୁ । ଏହି କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରେ ଥିବା ହରସେନା ର ସଦସ୍ୟ ମାନେ ମଧ ଯୋଗ ଦେଇଥିଲେ ।

## ରାଇଘର ଗଣ୍ଡା ସମାଜ ତରଫରୁ ସ୍ୱାଧୀନତା ଦିବସ ପାଳିତ



**ରାଇଘରବ୍ଲକ , (ମହାଭାରତ) :** ଠାରେ ଚବିଶଗୋଟି ପଞ୍ଚାୟତର ଗଣ୍ଡା ସମାଜର ସମସ୍ତ ସଦସ୍ୟ ତଥା ସମାଜର ବୟଜ୍ୟେଷ୍ଠ ସମାଜ ପ୍ରେମୀ ବିଦ୍ୟାସାଗର ଦୁର୍ଗା, ବ୍ଲକ ସଭାପତି ରାଜେନ୍ଦ୍ର ନାଗେସ, ନାରାୟଣ ସୁନାନୀ, ସମ୍ପାଦକ ସୁରେଶ କୁଲଦୀପ, ଶୁକରାମ ସୁନାନୀ, ଲଳିତ ସୁନାନୀ, ଗଣେଶ ସୁନା, ସଦନ ହରିଜନ, ଲକ୍ଷ୍ମଣ ନାଗ, ସୁବାସ ହରିଜନ, ଉପେନ୍ଦ୍ର ଡଙ୍ଗରି, ନରସିଂହ ବାଗ, ଦେବପ୍ରସାଦ ନାଗ , ମଞ୍ଜିତ୍ ସୁନାନୀ, ଗୋବର୍ଦ୍ଧନ ହରିଜନ ଯୁବସଙ୍ଘ, ଛାତ୍ରଛାତ୍ରୀ, ଓ ମା ଭଉଣୀ ଉପସ୍ଥିତ ରହି ଅଠସ୍ତରୀତମ ସ୍ୱାଧୀନତା ଦିବସ ପାଳନ କରିଥିଲେ । ଆଜି ସମସ୍ତଙ୍କ ମନରେ ଏକ ଉତ୍ସାହର ଲୋହରୀ ଖେଳିଯାଇଥିଲା ଦେଶ ସ୍ୱାଧୀନ ହେବାର ଅଠସ୍ତୁରୀ ବର୍ଷପରେ ଆଜି ପ୍ରଥମଥର ପାଇଁ ରାଇଘର ବ୍ଲକବାସି ଗଣ୍ଡା ସମାଜ ଜାତୀୟ ପତାକା ତଳେ ଏକତ୍ରିତ ହୋଇଥିବାରୁ ବହୁତ ଖୁସି ଅନୁଭବ କରୁଥିଲେ କ୍ଷ ଆଜି ଏଠାରେ ସମସ୍ତଙ୍କ ମନରେ ଉତ୍ସାହ ଓ ଉଲ୍ଲାସ ପରିଲକ୍ଷିତ ହୋଉଥିଲା କ୍ଷ ଉଦବୋଧନରେ ବକ୍ତା ମାନେ ଆଗାମୀ ଦିନରେ ରାଇଘର ବ୍ଲକର ସମସ୍ତ ଗଣ୍ଡା ସମାଜର ଭାଇ ଭଉଣୀ ଏକତ୍ରିତ ହୋଇ ନିଜର ହକ ପାଇଁ ଲଢ଼ିବା ସହ ସମାଜର ଉନ୍ନତି ତଥା ବିକାଶପାଇଁ ପ୍ରଚେଷ୍ଟା କରିବେ ବୋଲି ଅଭିଭାଷଣ ରଖିଥିଲେ କ୍ଷ ଦେଶ ସ୍ୱାଧୀନ ହେବାର ଅଠସ୍ତୁରୀ ବର୍ଷ ପରେ ମଧ୍ୟ ଆମ ସମାଜ ଆଜି ଶୋଷିତ, ନିଷ୍ପେସିତ ଓ ଲାଂଛିତ ହୋଇ ଆସୁ ଅଛି । ଆମ ଲୋକଙ୍କ ଏ ପ୍ରଯ୍ୟନ୍ତ ଦୋଖଲ ଜମିର ପଟା ମିଳିପାରିନାହିଁ । ଅନ୍ୟ ସାମ୍ପ୍ରଦାୟର ଲୋକମାନେ ଆମ ସଂରକ୍ଷଂଣ ବ୍ୟବସ୍ଥାକୁ ହଡପ କରିସାରିଲେଣି । ଏ ବିଷୟରେ ସରକାରଙ୍କୁ ବାରମ୍ବାର ଅଭିଯୋଗ ସ୍ୱତ୍ୱେ କର୍ଣ୍ଣପାତ କରୁନାହାନ୍ତି । ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ଆବାସ ଗୃହ ଗୁଟେ ମିଳିପାରୁନାହିଁ । ଏପରି ବହୁତ ସରକାରଙ୍କ ଯୋଜନାରୁ ଆମ ସମାଜ ବଂଚିତ ହେଇଆସୁଅଛି କ୍ଷ ଆଗାମୀ ଦିନରେ ଏଇ ସବୁ ସମସ୍ୟାର ସମଧାନ ନିମନ୍ତେ ସମାଜ ନିଷ୍ଟତ ଭାବରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ । ଏପରି ଭାବରେ ବିଶେଷ ଆଲୋଚନା ପରେ ସମ୍ପାଦକ ସନ୍ତୁରାମ ନାଗ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଆଜିର ଏହି ସ୍ୱାଧୀନତା ଦିବସ ପାଳନକୁ ସଭାସାଙ୍ଗ କରିଥିଲେ ।

## ଜିଲ୍ଲାସ୍ତରୀୟ ସ୍ୱାଧିନତା ଦିବସ ପାଳିତ

**ଦେବଗଡ଼,(ମହାଭାରତ) :** ୧୫ ଅଗଷ୍ଟ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ୭୮ ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ସାହୁ ଜିଲ୍ଲାର ବିକାଶ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ସାମୁହିକ ବିକାଶ ନିମନ୍ତେ ଜିଲ୍ଲା ବାସୀ ମିଳିତ ଭାବେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସରଜେଣ୍ଟ ସମ୍ପିରା ସୋରେନ୍, ସେକେଣ୍ଡ ଇନ୍ କମାଣ୍ଡ ହରମାନ ପିୟୁସ ସରେଙ୍ଗ ନେତୃତ୍ୱରେ ଆୟୋଜିତ ପ୍ୟାରେଡ଼ରେ ପୋଲିସ ବାହିନୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ମୋଟ ୩୪ ଦଳ ଅଂଶଗ୍ରହଣ କରିଥିବା ବେଳେ ୪ ର୍ଥ ଆଇ ଆର ବାଟାଲିୟନ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ପରିବେଷଣ କରାଯାଇଥିଲା । ମଞ୍ଚ ଉପରେ ଜିଲ୍ଲାପାଳ ଶ୍ରୀ ସାହୁ, ଆରକ୍ଷୀ ଅଧିକ୍ଷକ ଅନୁପମା ଜେମସ୍ ଥିବା ବେଳେ ଅନ୍ୟାନ୍ୟ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ୟାରେଡ଼ ପ୍ରତିଯୋଗିତାରେ ୟୁନିଫର୍ମ ବିଭାଗରେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ସ୍କାଉଟ, ସିଭିଲିଆନ ସିନିୟର୍ କେନ୍ଦ୍ରୀୟ ବିଦ୍ୟାଳୟ ସ୍କାଉଟ ଏଣ୍ଡ ଗାଇଡ ଓ ସିଭିଲିଆନ ଜୁନିଅର ରେ ବାଲ ଭାରତୀ ଇଂଲିଶ ମିଡିୟମ ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ । ବିଭିନ୍ନ ଶିକ୍ଷାନୁଷ୍ଠାନର ସୟାନୀ ଶ୍ରେୟାଶିଂ, କେନ୍ଦ୍ରୀୟ ବିଦ୍ୟାଳୟ, ଚିନ୍ମୟ ବିଦ୍ୟାଳୟ, ଆଦର୍ଶ ମହାବିଦ୍ୟାଳୟ, ଏକଲବ୍ୟ ଉଚ୍ଚ ମାଧମିକ ବିଦ୍ୟାଳୟ କଳାମାଟି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦେବଗଡ଼, ନୋଟରି ଡେମ ଏକାଡେମୀ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଓ ଆପରାଇଜ ଗୃପ ଅଫ୍ ଇନଷ୍ଟିଚ୍ୟୁଟ ଦେବଗଡ଼ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପରେ ପରେ ସ୍ୱାଧୀନତା ଦିବସ ଉପଲକ୍ଷେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଉପ କାରାଗାର ଦେବଗଡ଼ କଏଦୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମିଷ୍ଟାନ୍ନ ବଣ୍ଟନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନ୍ତବାସୀ ରୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ, ଜିଲ୍ଲା ରେଡ଼କ୍ରସ ବ୍ଲଡ଼ ବ୍ୟାଙ୍କ ଓ ଗାୟତ୍ରୀ ପରିବାର ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।



## ପାଟଣା ଷ୍ଟାଡିୟମରେ ୭୮ତମ ସ୍ୱାଧିନତା ଦିବସ ପାଳିତ

**ପାଟଣା,(ମହାଭାରତ) :** ପାଟଣା ଷ୍ଟାଡିୟମ ରେ ୭୮ତମ ସ୍ୱାଧିନତା ଦିବସ ପାଳିତ ହୋଇ ଛି । ପାଟଣା ବିଡ଼ିଓ ବିଡ଼ିଓ ଶିବ ପ୍ରସାଦ ମୁର୍ମୁଙ୍କ ସଭାପତିତ୍ୱ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । କାର୍ଯ୍ୟକ୍ରମ ରେ ଅତିରିକ୍ତ ବିଡ଼ିଓ ଚିତ୍ତରଞ୍ଜନ ନାଏକ,ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଳେଇ,ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ,ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ ଉପସ୍ଥିତ ଥିଲେ । ଏହି ସ୍ୱାଧୀନତା ଦିବସ ରେ ପାଟଣା ଅଞ୍ଚଳ ର କଲେଜ,ସ୍କୁଲ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା । ପ୍ୟାରେଟ ପ୍ରତିଯୋଗିତାକୁ ମୂଲ୍ୟାନ କରିବା ପାଇଁ ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ, ବନାଞ୍ଚଳ ଅଧିକାରୀ ବନ ବିହାରୀ ସର୍ଦାର, ଅତିରକ୍ତ ଥାନା ଅଧିକାରୀ ଲକ୍ଷ୍ମଣ ମାଝୀ ବିଚାରକ ମଣ୍ଡଳୀ ଭାବେ ଉପସ୍ଥିତ ଥିଲେ । ପ୍ୟାରେଟ ରେ ଅଂଶ ଗ୍ରହଣ କରିଥିବା କଲେଜ, ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପାଟଣା ସେଣ୍ଟ ଜାଭିୟର ସ୍କୁଲ କୁ ଚମ୍ପିଆନ ଭାବେ ଅନିରୁଦ୍ଧ ପୃଷ୍ଟି ମେମରିୟା ଟ୍ରଫି ପ୍ରଦାନ କରାଯାଇଛି । ଏହି ପରିପେକ୍ଷିରେ କଲେଜ, ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସାସ୍କୃତିକ କାର୍ଯ୍ୟକ୍ରମରେ ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟକୁ ପ୍ରଥମ ସ୍ଥାନ ଗ୍ରହଣ କରି ମୁଖ୍ୟ ଅତିଥି ପାଖ ରୁ ପୁରସ୍କାର ଗ୍ରହଣ କରି ଛନ୍ତି । କାର୍ଯ୍ୟକ୍ରମକୁ ସୁଚାର ରୂପେ ଶିକ୍ଷକ ପ୍ରାର୍ଥ ସାରଥୀ ବେଜ, କମଳାକାନ୍ତ ପତି ସଂଯୋଜନା କରିଥିଲେ । ସି.ରା.ସି ସନ୍ତୋଷ ନାଏକ, ଜ୍ୟୋତ୍ରୀମୟ ତ୍ରିପାଠୀ,ପ୍ରମୋଦ ମହାନ୍ତ,ବ୍ଲକ କର୍ମଚାରୀ ଅଭୟ ଚରଣ ଦେହୁରୀ, ଚନ୍ଦ୍ର ଶେଖର ମାନସିଂ, ଲକ୍ଷ୍ମୀଧର ମହାନ୍ତ କାର୍ଯ୍ୟକ୍ରମ କୁ ସଂପୂର୍ଣ୍ଣ ସହଯୋଗ କରିଥିଲେ ।



## ନାଲକୋନଗରରେ ହର ଘର୍ ତ୍ରିରଙ୍ଗା କାର୍ଯକ୍ରମ



**ଅନୁଗୋଳ,(ମହାଭାରତ) :** ଭାରତର ଯସ୍ୱଶୀ ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସାରା ଭାରତ ରେ ଅଗଷ୍ଟ ନଅ ତାରିଖ ଠାରୁଅଗଷ୍ଟ ପନ୍ଦର ତାରିଖ ପର୍ଯ୍ୟନ୍ତ ଘରେ ଘରେ ତ୍ରିରଙ୍ଗା କାର୍ଯକ୍ରମ ଅନୁଷ୍ଠିତ ହେଉଛି । ତେବେ ଏଥିରୁ ବାଦ୍ ପଡ଼ିନାହିଁ ନାଲକୋ ନଗର । ଆଜି ସ୍ୱାଧୀନତା ଦିବସ ଅବସରରେ ସ୍ୱାଧୀନ ଭାରତର ପତାକା ଉତ୍ତୋଳନ ପରେ ନାଲକୋ ଆଲୁମିନିୟମ ମଜଦୂର ସଂଘ ପକ୍ଷରୁ ପୂର୍ବାହ୍ନ ୧୦.୩୦ ମିନିଟ ସମୟରେ ଆରମ୍ଭ ହୋଇଥିଲା ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ । ଏହି ଶ୍ରମିକ ସଂଗଠନ ସହିତ ଜଡ଼ିତ ସମସ୍ତ କର୍ମଚାରୀ ମାନେ ଏକାଠି ହୋଇ ଭାରତ ମାତା ର ଜୟ ଗାନ ରେ ତ୍ରିରଙ୍ଗା ପତାକା ଧରି ଏ.ଏମ.ଏସ ଅଫିସ ଠାରୁ ଏକ ବାଇକ୍ ଶୋଭାଯାତ୍ରା ରେ ସମଗ୍ର ନାଲକୋ ନଗର ପରିକ୍ରମା କରିଥିଲେ । ପ୍ରଧାନ ମନ୍ତ୍ରୀ ଙ୍କ ବିକଶିତ ଭାରତ ର ଜୟକାର କରିବା ସହିତ ଭାରତ ର ପ୍ରଗତି ପାଇଁ ସର୍ବଦା ଚେଷ୍ଟା କରିବା ସହିତ , ଭାରତକୁ ଆର୍ଥିକ ଭାବରେ ଅଗ୍ରସର କରିବାକୁ ନାଲକୋ ର ଅବଦାନ କୁ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଏ.ଏମ.ଏସ ସଭାପତି ମୁନା ସାମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ, ସମ୍ପାଦକ ବିନୋଦ ସାମଲ ଓ ସମସ୍ତ ସଭ୍ୟ ସାହାଯ୍ୟ ଓ ସହଯୋଗ କରିଥିଲେ ।

## ଉପଖଣ୍ଡ ସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ

**ରାଇରଙ୍ଗପୁର,(ମହାଭାରତ) :** ବାମନଘାଟି ସଦରମହକୁମା ରାଇରଙ୍ଗପୁର ଠାରେ ୭୮ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ପବିତ୍ର ଦିବସ ପାଳନ ଅବସରରେ ସକାଳ ଘ.୦୯-୧୫ ମିନିଟ ସମୟରେ ସ୍ଥାନୀୟ କଚେରୀ ପଡିଆ ଠାରେ ଆୟୋଜିତ ଉପଖଣ୍ଡ ସ୍ତରୀୟ ଆନୁଷ୍ଠାନିକ ଉତ୍ସବ ରେ ଶ୍ରୀଯୁକ୍ତ ସରୋଜ କୁମାର ଦାଶ, ଓ. ପ୍ର. ସେ. (ଏସ), ସମ୍ମାନୀୟ ଉପଜିଲ୍ଲାପାଳ, ବାମନଘାଟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରିଥିଲେ । ଅନୁଷ୍ଠିତ ପ୍ୟାରେଡରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନସିସି, ସ୍କାଉଟ -ଗାଇଡ୍, ରେଡ଼କ୍ରସ ଓ ସିଭିଲିଆନ ଦଳକୁ ମିଶାଇ ମୋଟ ୨୬ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ପ୍ୟାରେଡ଼ ପ୍ରତିଯୋଗିତା ରେ ଏନସିସି ଦଳ , ସ୍କାଉଟ ଗାଇଡ଼ ଓ ରେଡ କ୍ରସ ଦଳ ଏବଂ ସିଭିଲିଆନ ଦଳ ର ଶ୍ରେଷ୍ଠ ପ୍ରଥମ ଓ ଦ୍ୱିତୀୟ ବିବେଚିତ ଦଳଙ୍କୁ ଙ୍କୁ ମୁଖ୍ୟ ଅତିଥି ସିଲଡ଼ ପ୍ରଦାନ କରି ପୁରସ୍କୃତ କରିଥିଲେ । ପ୍ୟାରେଡ ଦଳର ପ୍ରଥମ ପୁରସ୍କାର ଗୁଡିକ ରାଇରଙ୍ଗପୁର ଡାକ ମଣ୍ଡଳଙ୍କ ସୌଜନ୍ୟ ରୁ ପ୍ରଦାନ କରାଯାଇଥିଲା । ସେହିପରି ୨୦୨୩-୨୪ ଶିକ୍ଷା ବର୍ଷ ରେ ବି.ଏସ. ଇ. ଓ., ସି. ବି. ଏସ. ଇ ଓ ଆଇ. ସି. ଏସ. ଇ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ରେ ବାମନଘାଟି ଉପଖଣ୍ଡ ରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୩ ଜଣ ବିଦ୍ୟାର୍ଥୀ ଯଥାକ୍ରମେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ବୁଦ୍ଧେଶ୍ୱର ମୁର୍ମୁ, କେନ୍ଦ୍ରୀୟ ବିଦ୍ୟାଳୟ ର ଜାସ୍ମିନ ସାହୁ ଓ କେରଳା ପବ୍ଲିକ ସ୍କୁଲ ର ଈଶାନ୍ତ ଢଣଢଣିଆଙ୍କୁ ପୁଷ୍ପଗୁଚ୍ଛ,ମାନପତ୍ର ଓ ପୁରସ୍କାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ୭୮ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ର କୃତୀ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ଓ ପ୍ରସଂଶା ପତ୍ର ପ୍ରଦାନ କରିବା ସହ ବାମନଘାଟି ସଦର ମହକୁମା ରାଇରଙ୍ଗପୁର ଠାରେ ସରକାରୀ କାର୍ଯ୍ୟାଳୟ ଗୃହ ଆଲୋକୀକରଣ ପାଇଁ ରାଇରଙ୍ଗପୁର ତହସିଲ କାର୍ଯ୍ୟାଳୟ ଶ୍ରେଷ୍ଠ ବିବେଚିତ ହୋଇଥିବାରୁ ତହସିଲଦାର ଶ୍ରୀ ବିଶ୍ୱନାଥ ବିଶ୍ୱାଳଙ୍କୁ ମୁଖ୍ୟ ଅତିଥି ପୁଷ୍ପ ଗୁଚ୍ଛ ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ପରେ ପରେ ମୁଖ୍ୟ ଅତିଥି ଙ୍କ ସହ ରାଇରଙ୍ଗପୁର ପୌରପାଳିକା ଅଧକ୍ଷ ଶ୍ରୀ ଅଭିଷେକ ପଟ୍ଟନାୟକ ଓ ଅଧକ୍ଷା ଶ୍ରୀମତୀ ମମିତା ଚୌଧୁରୀ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ର ରୋଗୀ ମାନଙ୍କୁ ଏବଂ ରାଇରଙ୍ଗପୁର ଉପକାରାଗାର ର ଅନ୍ତେବାସୀ ମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ପ୍ୟାରେଡ ରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀ ଙ୍କୁ ମିଷ୍ଟାନ୍ନ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା । ଦିବସ ପାଳନ ଅବସରରେ ପ୍ରତ୍ୟୁଷ ରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଡାକବାଜିଯନ୍ତ୍ର ଜରିଆରେ ସହର ରେ ରାମଧୂନ ପରିବେଷଣ ସହ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ ଅନୁଷ୍ଠିତ ହୋଇଥିଲା । ଆଜିର ଅନୁଷ୍ଠିତ କାଯ୍ୟକ୍ରମରେ ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ଗୋକୁଳା ନନ୍ଦ ସାହୁ, ରାଇରଙ୍ଗପୁର ଟାଉନ ଥାନା ଆଇ ଆଇ ସି, ଶ୍ରୀ ସୁଚନ୍ଦ୍ର ମହାଳିକ, ରାଇରଙ୍ଗପୁର ପୌର ପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପିତାମ୍ବର ନାୟକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଦିଲୀପ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ସହର ର ମାନ୍ୟ ଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ଗଣ ମାଧମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ସହକାରୀ ଶିକ୍ଷକ ଶ୍ରୀ ରଞ୍ଜନ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳ ଙ୍କ ତତ୍ୱାବଧାନ ରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ ଏବଂ ଉକ୍ତ କାର୍ଯ୍ୟାଳୟର ଗ୍ରନ୍ଥାଗାରିକ ଶ୍ରୀ ହରିଶ ଚନ୍ଦ୍ର ମହାପାତ୍ର ଓ ସଂଗ୍ରାମ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



## ସାମ୍ବାଦିକ ସଂଘ ପକ୍ଷରୁ ନୂତନ ଥାନା ଅଧିକାରିଣୀଙ୍କୁ ସମ୍ବର୍ଦ୍ଧନା



କୋକସରା,(ମହାଭାରତ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସୀମାନ୍ତ ଆମପାଣି ଥାନା ଅଞ୍ଚଳ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ଏହି ଥାନାରେ ନୂତନ ଥାନା ଅଧିକାରିଣୀ ଭାବେ ବିଜୟଲକ୍ଷ୍ମୀ ହିକ୍ କା ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କୋକସରା ବ୍ଲକ ସାମ୍ବାଦିକ ସଂଘ (କେବିଏସ୍ଏସ) ପକ୍ଷରୁ ଶନିବାର ନୂତନ ଆମପାଣି ଥାନା ଅଧିକାରିଣୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂଘର ସଭାପତି ଚକ୍ରଧର ବେଶ୍ରାଙ୍କ ନେତୃତ୍ୱରେ ସାମ୍ବାଦିକ ଜଗଦୀଶ ନାଏକ, ହିରଣ୍ୟ ବେହେରା, ବସନ୍ତ ସରାବୁ, ତୁଳାରାମ ବେହେରା, ପରେଶ ପଟ୍ଟନାୟକ, ଗଣେଶ ଭାଟି,ବରିଷ୍ଠ ସାମ୍ବାଦିକ ବିଜୟ କୁମାର ପଣ୍ଡା, ବଂଶିଧର ବେଶ୍ରା, ଦେବେନ୍ଦ୍ର ସାଗର, ଗଜିନ୍ଦ୍ର ନାଗ ପ୍ରମୁଖ ସମ୍ବିଧାନ ପ୍ରଣେତା ଡଃ. ବାବାସାହେବ ଆମ୍ବେଦକରଙ୍କ ଫଟୋଚିତ୍ର ସହ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏବଂ ଅଞ୍ଚଳର ଆଇନ୍ ଶୃଙ୍ଖଳା ଉପରେ ଆଲୋଚନା କରିଥିଲେ଼। ଆମପାଣି ଥାନା ଅଞ୍ଚଳର ଆଇନ୍ ଶୃଙ୍ଖଳା ରକ୍ଷା, ବେଆଇନ କାରବାର, ଚୋରା ଚାଲାଣ ଆଦି ଆଭିମୁଖ୍ୟ ଗ୍ରହଣ କରିବା ସହ ଆମପାଣି ଥାନା ପୁଲିସ ଅଞ୍ଚଳର ଲୋକଙ୍କ ସହିତ ଭାଇଚାରା ସମ୍ପର୍କ ସ୍ଥାପନ କରିବ ବୋଲି ନୂତନ ଥାନା ଅଧିକାରିଣୀ କହିଛନ୍ତି।

## ଅଙ୍ଗନୱାଡି କେନ୍ଦ୍ରରେ ପୋଷାକ ବିତରଣ କାର୍ଯ୍ୟକ୍ରମ



ଅନୁଗୋଳ,(ମହାଭାରତ): ଅନୁଗୋଳ ବ୍ଲକ ସମ୍ମିଳନୀ କକ୍ଷ ଠାରେ ମାଳତୀ ଦେବୀ ପ୍ରାକ ବିଦ୍ୟାଳୟ ପରିଧାନ ଯୋଜନା ଅନ୍ତର୍ଗତ ଅଙ୍ଗନବାଡି ଶିଶୁ ମାନଙ୍କୁ ପୋଷାକ ବିତରଣ କାର୍ଯକ୍ରମ ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମାନ୍ୟବର ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଙ୍ଗନବାଡି ଶିଶୁ ମାନଙ୍କୁ ପୋଷାକ ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନ୍ୟତମ ଅତିଥି ଭାବେ ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ମଧ୍ୟ ଯୋଗ ଦେଇଥିଲେ ଯ। ନୂଆମୌଜା ପଂଚାୟତ ଅନ୍ତର୍ଗତ ଲିଙ୍ଗରାଜୋଡି ଓ ଖଲାରୀ ଗ୍ରାମର ୩୦ ଜଣ ଅଙ୍ଗନୱାଡି ଶିଶୁମାନଙ୍କୁ ୨ ହଳ ଲେଖାଏଁ ୟୁନିଫର୍ମ ପୋଷାକ ବିତରଣ କରାଯାଇଛି ।ଏଥି ସହିତ ବ୍ଲକର ୨୬୩ ଟି ଅଙ୍ଗନୱାଡି କେନ୍ଦ୍ରରେ ସମସ୍ତ ୭୪୬୭ ଜଣ ଶିଶୁଙ୍କୁ ପୋଷାକ ବଣ୍ଟନ ଏବଂ ଜିଲ୍ଲାର ସମସ୍ତ ୧୬୮୫ ଟି ଅଙ୍ଗନୱାଡି କେନ୍ଦ୍ରର ୪୭୧୧୯ ଜଣ ଶିଶୁଙ୍କୁ ଏହି ପୋଷାକ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି ଯ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ରାଜଶ୍ରୀ ସାହୁ, ପଞ୍ଚାସମିତି ଉପାଧକ ଶ୍ରୀ ପ୍ରକାଶ ଚନ୍ଦ୍ର ପ୍ରଧାନ,ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧୁକାରୀ ଡଃ ବିଶ୍ୱ ଭୂଷଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ସିଡିପିଓ ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ ଙ୍କୁ ସାମ୍ବାଦିକ ସ୍ୱାଗତ ସମ୍ବର୍ଦ୍ଧନା

କରଞ୍ଜିଆ, (ମହାଭାରତ) କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକଙ୍କ ଠାକୁରମୁଣ୍ଡା ବ୍ଲକ ପ୍ରତିନିଧି ଭାବରେ ତାରାକାନ୍ତ ପଟ୍ଟନାୟକ ଦାୟିତ୍ୱ ପାଇଛନ୍ତି । ଏହି ମର୍ମରେ ସାଂସଦ ତାଙ୍କର ନିଯୁକ୍ତି ପତ୍ରକୁ ପଠାଇଥିବା ଜଣାପଡିଛି । ଭାଜପାର ବରିଷ୍ଠ ନେତା ତାରାକାନ୍ତ ପଟ୍ଟନାୟକଙ୍କୁ ସାଂସଦ ପ୍ରତିନିଧି ଭାବେ ଠାକୁରମୁଣ୍ଡା ବ୍ଲକ ପାଇଁ ବାଛିବା ପରେ ସବୁ ମହଲରେ ସ୍ୱାଗତ କରାଯାଇଛି ।୧୬ ତାରିଖରେ ଠାକୁରମୁଣ୍ଡା ପ୍ରେସ କ୍ଲବ ତରଫରୁ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି । ତାରାକାନ୍ତ ପଟ୍ଟନାୟକ ଦୀର୍ଘ ୨୮ ବର୍ଷ ହେଲା ସାମ୍ବାଦିକ ଭାବରେ କାର୍ଯ୍ୟ ମଧ୍ୟ କରି ଆସୁଛନ୍ତି । ଦଳ ପକ୍ଷରୁ ମଧ୍ୟ ଏହି ନିଯୁକ୍ତି କୁ ସ୍ୱାଗତ କରାଯାଇଛି ।

## ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଜଳିଗଲା ତିନି ବଖରା



ବରୀ,(ମାହାଭାରତ);ତା ୧୬,୮,୨୦୨୪ସୁଦଶା ବ୍ରତ ଗୁରୁବାର ଭଳି ପବିତ୍ର ଦିନରେ ବରୀ କିମିରିଆପାଳରେ ଘଟିଛି ଅଘଟଣ। ବରୀ ବ୍ଲକ ଅଧିନସ୍ଥ କିମିରିଆପାଳ ପଂଚାୟତ ଉଦୟପୁର ଗ୍ରାମରେ ଗୌତମ ଭାରତୀ ,ଗିରିଶ ଭାରତୀ ଓ ଗୌରାଙ୍ଗ ଭାରତୀଙ୍କ ଘର ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ସମ୍ପୁର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଛି। ସେମାନେ ଅତ୍ୟନ୍ତ ଗରିବ ଖ୍ରେଣୀର ଲୋକ ଅଟନ୍ତି। ପର ବିଲରେ କାମ କରି ନିଜ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ପେଟକୁ ନଖାଇ ଝିଅ ବାହାଘର ପାଇଁ ସୁନା ,ରୁପା ଟଙ୍କା ପଇସା ଲୁଗା ପଟା ଆଦି ସଂଚୟ କରି ରଖିଥିଲେ। ଏଥି ସହିତ ଧାନ ଚାଉଳ ଆସବାବପତ୍ର ଆଦି ସମ୍ପୁର୍ଣ୍ଣ ଜଳି ପୋଡି ପାଉଁଷ ହୋଇଯାଇଛି। ଖବର ପାଇ ବରୀ ଦମକଳ ବାହିନୀ ଘଟଣା ସ୍ଥଳର ପେହଂଚି ନିଆଁକୁ ଆୟତ କରିଥିଲେ ହେଁ ବିଳମ୍ବରେ ପହଂଚିବା କାରଣରୁ ସମ୍ପୁର୍ଣ୍ଣ ଜଳି ପୋଡି ପାଉଁଷ ହୋଇଯାଇଥିଲା। ସେମାନଙ୍କ ପିଲାଛୁଆ ଏବେ ରହିବାକୁ ବାସଗୃହ ଖଣ୍ଡେ ନାହିଁ କି ପିନ୍ଧିବାକୁ ଲୁଗା ଖଣ୍ଡେ ନାହିଁ। ଖବର ପାଇ ସ୍ଥାନୀୟ ସରପଂଚ ପ୍ରତିନିଧି ଅଭିମନ୍ୟୁ ସାହୁ ଘଟଣା ସ୍ଥଳରେ ପହଂଚି ସରକାରୀ ସୁବିଧା ନିମନ୍ତେ ବରୀ ତହସିଲଦାରଙ୍କ ସହିତ ଆଲୋଚନା କରିବା ସହିତ ବାସଗୃହ ହରାଇଥିବା ପରିବାର ବର୍ଗଙ୍କୁ ଯଥାଶିଘ୍ର ଘର ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ଘୁମୁସର ଜିଲ୍ଲା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି




ବିଭିନ୍ନ ବ୍ଲକର ଯୁବ ଗୋଷ୍ଠୀ ଙ୍କୁ ନେଇ ଗଢି ଉଠିଥିବା 'ଘୁମୁସର ବାହିନୀ' ଚିଠି ଲେଖା ଏବଂ ଦସ୍ତଖତ ଅଭିଯାନ କରି ଆସୁଛି। ଗୁରୁବାର ଭଞ୍ଜନଗର ବସଷ୍ଟାଣ୍ଡ ନିକଟରେ ଆୟୋଜିତ ଚିଠି ଲେଖା ଅଭିଯାନରେ ଅଞ୍ଚଳବାସୀ ଙ୍କ ସମର୍ଥନ ଦେଖିବାକୁ ମିଳିଥିଲା।

ଭଞ୍ଜନଗର,(ମହାଭାରତ) : ସ୍ୱାଧୀନତା ଦିବସ ଅବସରରେ ଘୁମୁସର ଜିଲ୍ଲା ଗଠନ ନିମନ୍ତେ ନୂତନ ସରକାର ଙ୍କୁ ଚିଠି ଲେଖା ଅଭିଯାନ ଆରମ୍ଭ ହୋଇଛି। ଭଞ୍ଜନଗର ଉପଖଣ୍ଡର ଆଠ ବ୍ଲକ ଓ ପାଞ୍ଚ ଗୋଟି ଏନଏସି କୁ ନେଇ ସ୍ୱତନ୍ତ୍ର ଘୁମୁସର ଜିଲ୍ଲା ଗଠନ ନିମନ୍ତେ ଦୀର୍ଘ ୩ ଦଶନ୍ଧି ରୁ ଉର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ସଙ୍ଗଠନ ଏହି ପ୍ରସ୍ତାବ ନେଇ ସ୍ୱର ଉତ୍ତୋଳନ କରିବା ସହ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଉପଖଣ୍ଡର ଜନସାଧାରଣ ଙ୍କ ଆନ୍ତରିକତା ଓ ସମସ୍ୟା ଙ୍କୁ ହୃଦୟଙ୍ଗମ କରି ସରକାର ସ୍ୱତନ୍ତ୍ର ଘୁମୁସର ଜିଲ୍ଲା ଘୋଷଣା କରିବା ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅଞ୍ଚଳବାସୀ ଅନୁରୋଧ କରିଛନ୍ତ। ପ୍ରାୟ ୨୧୦ ଖଣ୍ଡ ଚିଠି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଙ୍କୁ ଲେଖା ଯାଇଛି। ଏହାକୁ ଘୁମୁସର ବାହିନୀ ସମ୍ପାଦକ ନଚିକେତା ପ୍ରଧାନ ପରିଚାଳନା କରିଥିବା ବେଳେ ଗୋବିନ୍ଦ ଗୌଡ଼,ନିଲୁ ବିଷୋୟୀ, ଅରକ୍ଷିତ ପରିଚ୍ଛା ପ୍ରମୁଖ ସହଯୋଗ କରିଥିଲେ।

## ଦେବଗଡ ରେ କୁଶଳୀ ରଥର ଉଦଯାପନୀ ସମାରହ

ଦେବଗଡ଼ (ମହାଭାରତ): ଦୀର୍ଘ ଚାରି ଦିନ ଧରି ଚାଲିଥିବା କୌଶଳ ରଥ କାର୍ଯ୍ୟକ୍ରମ ଗତକାଲି ଗୁରୁବାର ଦିନ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପ୍ରାଙ୍ଗଣରେ ଉଦଯାପିତ ହୋଇଯାଇଛି। ରାଜ୍ୟ ସରକାର ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ଏହା ୧୫ ଜୁଲାଇ ରେ ବିଶ୍ୱ ଦକ୍ଷତା କେନ୍ଦ୍ର ଭୁବନେଶ୍ୱରରେ ଲୋକାର୍ପିତ ହୋଇଥିଲା । ଚାରି ଦିନରେ କୌଶଳ ରଥ ତିନୋଟି ବ୍ଲକରେ ୧୪ଟି ଶିକ୍ଷାନୁଷ୍ଠାନ ଏବଂ ଗୋଟିଏ ଚାଇଲ୍ଡ କେଆର ଇନଷ୍ଟିଚ୍ୟୁସନ୍ (ସି ସି ଆଇ) ରେ ୨୪୦୦ ରୁ ଉର୍ଦ୍ଧ୍ୱ ପିଲାଙ୍କୁ ଏଇ ବିଷୟରେ ସଚେତନ କରିପାରିଛି। ରଥ ଟି ତିଲେଇବଣୀ, ରିଆମାଳ ତଥା ବାରକୋଟ ବ୍ଲକ ର ବିଭିନ୍ନ ଶିକ୍ଷାନୁଷ୍ଠାନ ରେ ବୁଲି ନବମ, ଦଶମ ଏବଂ +୨ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କୁ ଏହି ଦିଗରେ ସଚେତନ କରିଥିଲା। କାର୍ଯ୍ୟକ୍ରମର ଶେଷ ଦିନରେ ଗତ କାଲି ସକାଳେ କୌଶଳ ରଥ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଶୁଳିଆପଦା, ଚାଇଲ୍ଡ କେଆର ଇନଷ୍ଟିଚ୍ୟୁସନ୍ (ସି ସି ଆଇ), ବଡପଡ଼ିଆ, ସରକାରୀ ପଲିଟେକ୍ନିକ୍, ଦେବଗଡ଼ ହୋଇ ଅପରାହ୍ନରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ପହଞ୍ଚିଥିଲା। ସମସ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ/ଅଧ୍ୟକ୍ଷା, ପ୍ରଧାନଶିକ୍ଷକ/ଶିକ୍ଷୟତ୍ରୀ, କର୍ମଚାରୀ ତଥା ଛାତ୍ର ଛାତ୍ରୀ ମାନେ ଉତ୍ସାହର ସହ ନୃତ୍ୟ ଗୀତ ବାଦ୍ୟ ମାଧ୍ୟମରେ କୌଶଳ ରଥ କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ ଓ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥୀ ସୃଷ୍ଟି ଅବିନାଶ ପୁରୀ ପ୍ରମୁଖ ଯୋଗ ଦେଇ ପିଲାମାନେ କିଭଳି ବେକାର ହୋଇ ନ ବସି ବୈଷୟିକ ଶିକ୍ଷ୍ୟା ପ୍ରତି ଆକୃଷ୍ଟ ହୋଇ ରୋଜଗାରକ୍ଷମ ଏବଂ ଆତ୍ମନିର୍ଭରଶୀଳ ହୁଅନ୍ତୁ ସେ ନେଇ ପ୍ରେରଣା ଦେଇଥିଲେ। ଉଦଯାପନୀ ଉତ୍ସବରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଶ୍ରୀ ଉପାଧ୍ୟାୟ ଜିଲ୍ଲା ପ୍ରଶାସନ, ପୋଲିସ, ଶିକ୍ଷା ବିଭାଗ ଙ୍କୁ ଧନ୍ୟବାଦ୍ ଜଣାଇ ପରିଶେଷରେ ପାଲଲହଡ଼ା ସୀମା ରେ କେଉଁଝର ଜିଲ୍ଲା ଦକ୍ଷତା ବିକାଶ ମିଶନ୍ ଟିମ୍ ଙ୍କୁ କୌଶଳ ରଥ ହସ୍ତାନରିତ କରିଥିଲେ।

## ବିଶ୍ୱ ହିନ୍ଦୁ ପରିଷଦ ଦ୍ୱାରା ବାଙ୍ଗଲାଦେଶୀ ବିତାଡିତ କରିବା ପାଇଁ ଥାନାରେ ଦାବୀ ପତ୍ର ପ୍ରଦାନ




ଆସିକା(ମହାଭାରତ)ବିଶ୍ୱହିନ୍ଦୁ ପରିଷଦ ଆସିକା ଶାଖା ପକ୍ଷରୁ ବାଙ୍ଗଲାଦେଶୀ ଅନୁପ୍ରବେଶ କାରୀଙ୍କୁ ଶୀଘ୍ର ଚିହ୍ନଟ କରି ଅଞ୍ଚଳରୁ ବିତାଡିତ କରିବା ପାଇଁ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ଙ୍କୁ ଆସିକା ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଙ୍କ ଜରିଆରେ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । ଏହି ଅଭିଯୋଗ ପତ୍ର ଅନୁସାରେ ଆସିକା ତଥା ଆଖ ପାଖ ଅଞ୍ଚଳରେ ବସବାସ କରୁଥିା ବାଙ୍ଗଲାଦେଶୀ ଅନୁପ୍ରବେଶକାରି ମାନଙ୍କୁ ଯଥା ଶୀଘ୍ର ଚିହ୍ନଟ କରି ଆସିକା ଅଞ୍ଚଳରେ ରହି ବହୁ ପ୍ରକାର ଅସାମାଜିକ କାର୍ଯ୍ୟ ତଥା ଚୋରି,ଡକାୟତି , ରାହାଜାନି ଓ ଦେଶଦ୍ରୋହୀ ଭଳି କାର୍ଯ୍ୟରେ ଲିପ୍ତରହୁଛନ୍ତି, ଯାହାକି ଆମ ସମାଜ ପ୍ରତି ବହୁତ କ୍ଷତିକାରକ ଅଟେ, ଆଧାରକାର୍ଡ, ଭୋଟ ଭୋଟର କାର୍ଡ ଓ ଗାଡିର ରେଜିଷ୍ଟ୍ରେସନ ପରିପ୍ରେଖରେ ସେମାନଙ୍କର ନମ୍ବର ର ତଦାରଖ ଓ ଯାଞ୍ଚ କରିବା ସଙ୍ଗେ ସଙ୍ଗେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଲିଖିତ ଅଭିଯୋଗ କରିଥିଲେ । ବିଶ୍ୱ ହିନ୍ଦୁ ପରିଷଦ ର ନାରାୟଣ ରଥ ଙ୍କ ନେତୃତ୍ୱ ରେ କାଳୁ ଚରଣ ପ୍ରଧାନ,ଅରୁଣ କୁମାର ଉପାଧ୍ୟାୟ,ଦିଲ୍ଲୀପ ଶତପଥୀ, ସୁବାଷ ସେନାପତି,ସନାତନ ଜେନା,ବିମ୍ବାଧର ପାତ୍ର,ଯୋଗେନ୍ଦ୍ର ନାଥ ପ୍ରଧାନ, ବୃନ୍ଦାବନ ବେହେରା, ଗିରିଜା ଦାସ, ସିମାଞ୍ଚଳ ଦାସ,ତେଜେଶ୍ୱର ପାତ୍ର,ବିଷ୍ଣୁ ପ୍ରିୟା ସ୍ୱାଇଁ,ଭେଙ୍କଟରମଣ ପାତ୍ର, ସରୋଜ ଭଞ୍ଜ,ତେଜେଶ୍ୱର ପାତ୍ର,ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ତ୍ରୀ ପଥର ମାଡ଼ରେ ସ୍ୱାମୀ ମୃତ

ପାଟଣା-(ମହାଭାରତ) କେନ୍ଦୁଝରେ ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟ ସ୍ଥିତ କାଶୀବେଡା ଗ୍ରାମରେ ଘଟିଛି ଅଘଟଣ ସ୍ତ୍ରୀ ର ପଥର ମାଡ଼ ରେ ସ୍ୱାମୀ ର ମୃତ ଘଟି ଛି। ମୃତ ସ୍ୱାମୀ ସୁନାରାମ ମୁଣ୍ଡା ବୋଲି ଜଣାପଡି ଛି। ସୂଚନ ରୁ ପ୍ରକାଶ ସନ୍ଧ୍ୟା ରେ ସ୍ତ୍ରୀ ସୁକୁମତି ଓ ସ୍ୱାମୀ ସୁନାରାମ ଙ୍କ ମଧ୍ୟରେ କୌଣସି କାରଣ ରୁ ବଚସା ହୋଇ ଥିଲା ଯ। କିଛି ସମୟ ପରେ ସୁନାରାମ ନିଜ ଘରୁ ଲାଗି ପଡିଆ ନିକଟରେ ରେ ଶୋଇ ଥିବା ସମୟରେ ସ୍ତ୍ରୀ ଉତ୍ତୀକିତ ହୋଇ ସ୍ୱାମୀ ର ମୁଣ୍ଡ କୁ ଏକ ପଥରେ ମୁଣ୍ଡ କୁ ଛେଚି ମାରି ଦେଇ ଥିଲା । ଫଳରେ ସୁନାରାମ ର ମୁଣ୍ଡ ରେ ଗଭୀର ଆଘାତ ଲାଗିଥିଲା । ପରିବାର ଲୋକେ ଗୁରୁତର ଅବସ୍ଥାରେ ସୁନାରାମ କୁ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ସୁନାରାମ ଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ମୃତ୍ୟୁ ର ସତ୍ୟତା ଜାଣିବା ପାଇଁ ସ୍ତ୍ରୀ ସୁକୁମତି କୁ ପଚାରିବାରୁ ସ୍ତ୍ରୀ ପଥର ଛେଚି ହତ୍ୟା କରିଥିବା ସ୍ୱୀକାର କରିଛି। ଏନେଇ ପୋଲିସ ସୁନାରାମ ଙ୍କ ସ୍ତ୍ରୀ ସୁକୁମତି କୁ ଗିରଫ କରିବା ସହ ଘଟଣା ର ଅଧିକ ତଦନ୍ତ ଚଳାଇଛ।

## ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନେରୀ ରେ ୭୮ ତମ ସ୍ୱାଧୀନତା ଦିବସ ସମାରୋହରେ ପାଳିତ



ପାରାଦୀପ (ମହାଭାରତ): ପାରାଦୀପ ରିଫାଇନେରୀ ରେ ୭୮ ତମ ସ୍ୱାଧୀନତା ଦିବସ ଦେଶପ୍ରେମ ପରିବେଶ ଓ ଉତ୍ସାହ ଉଦ୍ଦୀପନା ସହିତ ପାଳିତ ହୋଇଯାଇଛି ।ଏହି ଅବସରରର ପାରାଦୀପ ରିଫାଇନେରୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ପ୍ରମୁଖ କୌଶିକ ବସୁ, କର୍ପୋରେଟ୍ ଅଫିସ୍ ଏବଂ ଇଣ୍ଡିଆନଅଏଲର ସମସ୍ତ ୟୁନିଟ୍ ସହିତ ଏକଜୁଟ ହୋଇ ପାରାଦୀପ ରିଫାଇନେରୀ ଟାଉନସିପ୍ ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମସ୍ତ ଇଣ୍ଡିଆନ୍ ଅଏଲ୍ ପରିବାର ସହିତ ମିଳିତ ଭାବରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ବସୁ , ମହାନ ନେତା ତଥା ସ୍ୱାଧୀନତା ସଂଗ୍ରାମୀ, ଯେଉଁମାନେ ଆମ ଦେଶ ପାଇଁ ସ୍ୱାଧୀନତା ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଶ୍ରୀ କୌଶିକ ବସୁ ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟବହାର ପାଇଁ ୧ ୧୦ ଟି ଇ-ରିକ୍ସା ପ୍ରଦାନ କରିଥିଲେ ଯାହା ପାରାଦୀପରେ ପ୍ରଦୂଷଣକୁ ହ୍ରାସ କରିବା ସହିତ ବେକାର ସ୍ଥାନୀୟ ଯୁବକମାନଙ୍କୁ ବିକଳ୍ପ ନିଯୁକ୍ତି ସୁଯୋଗ ପ୍ରଦାନ କରିବ । ଡିପିଏସ୍ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଚିଲିଗୁଡ଼ା ଫାଣ୍ଡିରେ ଆମ ପୁଲିସ ସମିତି କାର୍ଯ୍ୟକ୍ରମ

ଜୁନାଗଡ଼ ( ମହାଭାରତ ) ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲିଗୁଡ଼ା ଫାଣ୍ଡିରେ ଆଜି ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଚିଲିଗୁଡ଼ା ଫାଣ୍ଡି ଅଧିକାରୀ ସୁବୋଧ କୁମାର ଫୁଲ ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ଜୁନାଗଡ଼ ଆଇ ଆଇ ସି ଉଲ୍ଲାସ ଚନ୍ଦ୍ର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦାନ କରି ଉପସ୍ଥିତ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ନୂତନ ଆଇନ ସମ୍ବନ୍ଧିୟ ବିଷୟରେ ଲୋକଙ୍କୁ ବାର୍ତ୍ତା ଦେଇଥିଲେ ।ଏଥିରେ ଅଞ୍ଚଳର ଲୋକମାନେ ପେଟ୍ରୋଲିଂ , ଗାଡି ଯାଞ୍ଚ ,ମଦ ,ବିଷୟରେ କଡ଼ା କଡ଼ି କରିବା ପାଇଁ ଅଭିଯୋଗ କରିଥିଲେ ।ଏପରିକି ଚିଲିଗୁଡ଼ା ଫାଣ୍ଡିରେ କର୍ମଚାରୀ ର ଘୋର ଅଭାବ ଦେଖାଦେଇଥିବାରୁ ତାହା ଯେମିତି ପୂରଣ ହୋଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା ଏବଂ ପେଟ୍ରୋଲିଂ ପାଇଁ ଗାଡି ଯୋଗାଇ ଦେବାକୁ ଲୋକେ ଅନୁରୋଧ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ସ ଆଇ ସୋନୁ ଖାଲ କୋ , ଏ ଏସ ଆଇ ଶାନ୍ତି ଲତା ବାରିକ ,ଏ ଏସ ଆଇ ମୁକୁନ୍ଦ ଖେମଣ୍ଡ ,କନେଷ୍ଟବଳ ଖଗେଶ୍ୱର ପାନ ,ଉଦ୍ଧବ ମାଝି ,କାର୍ତ୍ତିକ ନୟଏକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ଅଞ୍ଚଳର ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଥିଲେ ଯଶେଷରେ ଫାଣ୍ଡି ଏ ଏସ ଆଇ ସୁବୋଧ ଫୁଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଣାଗାଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ଅନୁଗୋଳ,(ମହାଭାରତ): ଅନୁଗୋଳ ସଦର ଥାନା ଅନ୍ତର୍ଗତ ବେଣାଗାଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ରୁ ବିଳମ୍ବିତ ରାତିରେ ଚୋରି ହୋଇଛି। ସୂଚନା ଯେ, ଆଜି ସକାଳ ୬ ଟା ସମୟରେ ପଞ୍ଚାୟତ କାର୍ଯ୍ୟାଳୟ ଦେଇ ଗାଁ ଲୋକ କାମ କୁ ଯାଉଥିବା ବେଳେ ଦେଖିଲେ କି ପଞ୍ଚାୟତ କାର୍ଯ୍ୟାଳୟ ଖୋଲା ଯାଇଛି। ସଙ୍ଗେ ସଙ୍ଗେ ସକାଳୁ କଣ ପାଇଁ ଖୋଲା ହୋଇଛି ବୋଲି ସରପଞ୍ଚ ଙ୍କୁ ପଚାରି ଥିଲେ। ସଙ୍ଗେ ସଙ୍ଗେ ସରପଞ୍ଚ ଆସି ଦେଖିଲା ବେଳକୁ ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭଙ୍ଗା ଯାଇଛିୟ। ଏବଂ କାର୍ଯ୍ୟାଳୟ ଭିତରେ ଥିବା ଗଡରେଜ ଭାଙ୍ଗି ଭିତରେ ଥିବା ଜିନିଷ ପତ୍ର ନେଇ ଯାଇଛନ୍ତି। ତା ସହିତ ଲ୍ୟାପଟପ୍, ଏଲିଡି ଟିଭି, ଅନ୍ୟ କାଗଜ ପତ୍ର ଚୋରି ହୋଇଛ।

## ପାରାଦୀପ ଇଫକୋ ପକ୍ଷରୁ ୭୮ ତମ ସ୍ୱାଧୀନତା ଦିବସ ପାଳିତ



ପାରାଦୀପ(ମହାଭାରତ)ଷପାରାଦୀପ ସ୍ଥିତ ଇଫକୋ ସାର କାରଖାନା ପକ୍ଷରୁ ଦେଶର ୭୮ ତମ ସ୍ୱାଧୀନତା ଦିବସ ଅଗଷ୍ଟ ୧୫ ତାରିଖ ଦିନ ଏହାର ପରିସରରେ ଆନନ୍ଦ ଉଲ୍ଲାସ ସହିତ ପାଳିତ ହୋଇଯାଇଛି ।ଏହି ଅବସରରେ ଇଫକୋ ର ସମସ୍ତ ବରିଷ୍ଠ ଅଧିକାରୀ, କର୍ମଚାରୀ, କର୍ମଚାରୀ ସଂଘ ଏବଂ ଅଧିକାରୀ ସଂଘର ପ୍ରତିନିଧୀ ତଥା ଟାଉନସିପ୍ ବାସିନ୍ଦା ଏକତ୍ରିତ ହୋଇ ବିଶାଳ ସମାରୋହ ତଥା ଚମତ୍କାର ପରେଡ ପ୍ରଦର୍ଶନୀ କୁ ଉପଭୋଗ କରିଥିଲେ ।ଏହି ଅବସରରେ ଇଫକୋ ପରିଚାଳନା ନିର୍ଦ୍ଦେଶକ ଡ଼ଃ.ଉଦୟ ଶଙ୍କର ଅଓ୍ୱସ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରାଦୀପ ୟୁନିଟ ର ନିର୍ଦ୍ଦେଶକ କେ.ଜେ. ପଟେଲ ଙ୍କ ଉପସ୍ଥିତି ରେ ଜାତୀୟ ପତାକା ଉତ୍ତୋଳନ କରି ସମାବେଶକୁ ସମ୍ବୋଧିତ କରିଥିଲେ । ନିଜ ଅଭିଭାଷଣରେ ମୁଖ୍ୟ ଅତିଥି ଡ଼ଃ. ଅଓ୍ୱସ୍ତି ପ୍ରତ୍ୟେକ କର୍ମଚାରୀଙ୍କୁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ ଏବଂ ଇଫକୋ ର ଅଭିବୃଦ୍ଧି ଦିଗରେ ସେମାନଙ୍କର ଅବଦାନକୁ ପ୍ରଶଂସା କରିଥିଲେ। ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଦେଶର ୭୮ତମ ସ୍ୱାଧୀନତା ଦିବସରେ ଭାରତର ସଫଳତା ଉପରେ ଆଲୋକପାତ କରିଥିଲେ। ଏତଦବ୍ୟତୀତ ଇଫକୋ ର ନାନୋ ୟୁରିଆ ଏବଂ ନାନୋ ଡିଏପି ମାଟିର ଉର୍ବରତା ରକ୍ଷା କରିବାରେ ଏବଂ ପ୍ରଦୂଷଣକୁ ହ୍ରାସ କରିବାରେ ସାହାଯ୍ୟ କରେ ବୋଲି ଶ୍ରୀ ଅଓ୍ୱସ୍ତି ସୂଚନା ଦେଇଥିଲେ ।ଏହି ଅବସରରେ ଇଫକୋ ସୁରକ୍ଷା କର୍ମୀ,ଏସଆଇଏସ ସିକୁରିଟି ଗାର୍ଡ, ଡିଏଭି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ମୁଖ୍ୟ ଅତିଥି ଡକ୍ଟର ଉଦୟ ଶଙ୍କର ଅଓ୍ୱସ୍ତି ଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ । ଏଥିସହିତ ଇଫକୋ ଡିଏଭି ପବ୍ଲିକ୍ ସ୍କୁଲର ପିଲାମାନେ ଏବଂ ଜ୍ୟୋତି ଲେଡିଜ୍ କ୍ଲବ ସଦସ୍ୟା ମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।ସେହିପରି ବିଭିନ୍ନ ପ୍ରତିଯୋଗିତା ରେ କୃତି କର୍ମଚାରୀ ଓ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଇଫକୋ ଅଫିସର୍ସ ଆସୋସିଏସନ ର ସଭାପତି ସୁଶାନ୍ତ କୁମାର ଜେନା, ସାଧାରଣ ସମ୍ପାଦକ ସତ୍ୟଜିତ ଖୁଣ୍ଟିଆ, କର୍ମଚାରୀ ସଂଘର ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ତୃପ୍ତି ରଞ୍ଜନ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କମ୍ପାନୀର ଯୁଗ୍ମ ସାଧାରଣ ପରିଚାଳକ (ପି ଆଣ୍ଡ ଏ) ଧନ୍ୟବାଦ ଅର୍ପଣ କରିଥିଲେ।

## ରାୟଗଡ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ

ରାୟଗଡ଼(ମହାଭାରତ):ଜିଲ୍ଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ରାୟଗଡ ଜିଲ୍ଲା ସଦର ମହକୁମାର ସ୍ଥାନୀୟ ଜି.ସି.ଡି ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି ଯ ।ଏହି ଉତ୍ସବରେ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମାନ୍ୟବର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ବୈଷୟକ ଶିକ୍ଷା ବିଭାଗ, ଓଡିଶା,ମୁଖ୍ୟ ଅତିଥି ଭାବେ ଯୋଗଦେଇ ସକାଳ ଘ.୯.୧୫ମି ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସଙ୍ଗ ସଙ୍ଗେ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ ଓ ଜିଲ୍ଲାବାସୀଙ୍କ ଉଦେଶ୍ୟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଉଦବୋଧନ ଦେଇ କହିଥିଲେ ଯେ ଦେଶର ସ୍ୱାଧୀନତା ପାଇଁ ଅନେକ ସଂଗ୍ରାମୀଙ୍କୁ ଆତ୍ମ ବଳିଦାନ ଦେବାକୁ ପଡିଛି। ସେହି ଦେଶ ଭକ୍ତ ମାନଙ୍କୁ ସ୍ମୃତିଚାରଣ କରିଥିଲେ । ବାଣ ପାହାଡ଼ ଘେରା ରାୟଗଡ ଜିଲ୍ଲାର ନିରୀହ ଅଦବାସୀ ମାନେ ଦେଶ ମାତୃକା ପାଇଁ ପ୍ରାଣ ବଳି ଦେବାକୁ ଆଗେଇ ଆସିଥିଲେ । ଏହା ହିଁ ଥିଲା ପ୍ରକୃତ ଓଡ଼ିଆ ଅସ୍ମିତା । ଅସ୍ମିତା ଏକ ଜାତିର ସ୍ୱାଭିମାନର ଆତ୍ମ ପରିଚୟ । ତାର ଭାଷା ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଗାରିମାମୟ ପରିଚିତ । ଅସ୍ମିତାକୁ ନେଇ ବଂଚିବା ଆମର ଗର୍ବ ଗୌରବ। ପ୍ରାଚୁର୍ଯ୍ୟଭରା ରାୟଗଡ ଜିଲ୍ଲାରେ ଅନେକ ଶିଳ୍ପ ସଂସ୍ଥା ଗଢି ଉଠିଛି କ୍ଷ ଯାହାକି ଜାତୀୟ ଓ ସ୍ଥାନୀୟ ନିଯୁକ୍ତିଭିତିରେ ସ୍ଥାନୀୟ ଯୁବକ୍ୟୁବତୀ ମାନଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ଜିଲାରୁ ଦାଦନ ସମସ୍ୟା କ୍ରମଶଃ ହ୍ରାସ ପାଉଛି ବୋଲି କହିଥିଲେ ।ମାନ୍ୟବର ମନ୍ତ୍ରୀ ନିଜ ବକ୍ତବ୍ୟରେ ବର୍ତମାନ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦ୍ଧକ୍ଷେପ ସମ୍ବନ୍ଧରେ ଉଲ୍ଲେଖ କରିବାକୁଯାଇ କହିଲେ ଜେ ଶ୍ରୀମନ୍ଦିର ପାଇଁ ୫ଶହ କୋଟି ତାଙ୍କର କରପସ ଫଣ୍ଡ ଗଠନ, ଓଡ଼ିଆ ଅସ୍ମିତାର ପୁନରୁଦ୍ଧାର ନିମନ୍ତେ ୨ଶହ କୋଟିର ସତନ୍ତ୍ର ବ୍ୟବସ୍ଥା, ବିକଶିତ ଓଡିଶା ଗଠନ ପାଇଁ ଭିଜନ ଡକୁମେଣ୍ଟ -୨୦୩୬ ଏବଂ ୨୦୪୭ ପ୍ରସ୍ତୁତ,। ମୁଖ୍ୟମନ୍ତ୍ରୀ ମହୋନ ଚରଣ ମକ୍ଷଝିଙ୍କ ଲୋକଙ୍କ ସରକାର ଓ ଲୋକାଭିକୁଖୀ ସରକାର, କଥା କହିଥିଲେ । କୃଷକ ସଶକ୍ତିକରଣ, ମହିଳା ସଶକ୍ତିକରଣ ନିମନ୍ତେ ସୁଭଦ୍ରା ଯୋଜନା, ମା ପାଇଁ ଗଛଟିଏ, ସ୍ୱାସ୍ଥ୍ୟ ଓ ପରିବକ୍ଷର କଲ୍ୟାଣ ଯୋଜନାକ୍ଷ, ଶିକ୍ଷା, ଶିଳ୍ପ ଆଦି ବିଭିନ୍ନ ଯୋଜନା ଉପରେ ଆଲୋକ ପକ୍ଷତ କରିଥିଲେ ।



# ମହାଭାରତ ଏଇ ପୃଥିବୀରେ...



ପ୍ରତିଟି ଖବର ହାତ ପାହାନ୍ତାରେ




## ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ



**ଖୋର୍ଦ୍ଧା,(ମହାଭାରତ) :** ଓଡିଶା ପ୍ରସିଦ୍ଧ ଗଣେଶ ପୂଜା ପାଇଁ ଜଟଣୀ ପୌରପରିଷଦ ପକ୍ଷରୁ ଆଜି ରେଲୱେ ଅଫିସର କ୍ଲବଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ପୌରପରିଷଦ ଅଧ୍ୟକ୍ଷ,ଉପାଧ୍ୟକ୍ଷା, ନିର୍ବାହୀ ଅଧିକାରୀ,ସଂସାଦ ପ୍ରତିନିଧି,ତହସିଲଦାର, ପୋଲିସ୍ ବିଭାଗ ଅଧିକାରୀ, କାଉନସିଲରଙ୍କ ସମେତ ସମସ୍ତ ବଜାର କମିଟି ସଭାପତି, କମିଟି ସଦସ୍ୟ, ସାମ୍ବାଦିକ ମାନେ ଉପସ୍ଥିତ ଥିଲେ ଓ ଚଳିତ ବର୍ଷ ଗଣେଶ ପୂଜାରେ ଜଟଣୀ ଏବଂ ବାହାରୁ ଆସୁଥିବା ଜନସାଧାରଣ ମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ କମିଟି ପକ୍ଷରୁ ମାର୍କେଟରେ ଥିବା ସମସ୍ତ ଅସୁବିଧାକୁ ବୈଠକରେ ଆଲୋଚନା କରାଯାଇଥିଲା, ମୁଖତଃ ଟ୍ରାଫିକ ସମସ୍ୟା, ରୋଡ଼ ସମସ୍ୟା ଏବଂ ପରିମଳ ସମସ୍ୟା ପ୍ରତି ଅଧିକ ଗୁରୁତ୍ୱ ଦେବା ପାଇଁ ଦାବୀ ରହିଥିବା ବେଳେ ଏହି ଯୁଦ୍ଧ କାଳୀନ ପରିସ୍ଥିତି ରେ ସବୁ ସମସ୍ତ ସମସ୍ୟା ର ସମାଧାନ କରାଯିବ ବୋଲିଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ପ୍ରତିଶ୍ରୁତି ଦେଇଛନ୍ତି ।

## ମନରେଗା ଯୋଜନାରେ ମହା ଦୁର୍ନିତି

**ପାଟଣାଗଡ଼,(ମହାଭାରତ) :** ଆପଣ ମାନେ ଅନେକ ଦୁର୍ନିତି ଅଭିଯୋଗ ଗୁଡ଼ିକ ମୁଖ୍ୟତଃ ଦେଖି ଆସିଛନ୍ତି କିନ୍ତୁ ଏ ଭଳି ଏକ ଦୁର୍ନିତି ମୂଳକ କାର୍ଯ୍ୟ ଆପଣ ମାନେ କେବେ ହେଲେ ନିଜ ଆଖିରେ ଟେରା ପକାଇ ଦେଖି ନ ଥିବେ । ଦୃଶ୍ୟ ଟି ହେଉଛି ଏମିତି, ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଉଲବା ଗ୍ରାମ ପଞ୍ଚାୟତ ସ୍ଥିତ ସରମୁହାଣ ଏବଂ ଉଲବା ଗ୍ରାମର ମୁଖ୍ୟ ଘ ଐ ରୋଡ ରାସ୍ତା ରେ ଥିବା ଏକ ପୋଲ ନାଲା ର କଥା । ଯେଉଁ ନାଲା ରେ ମନରେଗା ଯୋଜନା ରେ କାର୍ଯ୍ୟ ହୋଇଅଛି, ସେହି ନାଲାଟି ବର୍ତ୍ତମାନ ପୂର୍ବ ଅବସ୍ଥା କୁ ଫେରି ଆସି ଗଲାଣି । ଯେଉଁଠି ମନରେଗା ଯୋଜନାରେ ମାଟି ବୋହି ହିଡ଼ ରେ ଦିଆ ଯାଇଥିଲା , ସେହି ମାଟି ପୁଣି ନାଲା ଭିତର କୁ ପଶି ଗଲାଣି , ଆଉ ନାଲାର ହିଡ଼ ଗୁଡ଼ିକ ଆବଡ଼ ଖାବଡ଼ ହୋଇ ଚାଷିଙ୍କ ଯାତାୟତ ରାସ୍ତାକୁ ଖରାପ କରି ବସିଲାଣି । ଏଠି ପ୍ରଶ୍ନ ବାଚି ସୃଷ୍ଟି ହେଉଛି , ସୂଚନା ଫଳକ ଲାଗିଛି ସତ , ହେଲେ ଆରମ୍ଭ ଶେଷ ମଧ୍ୟ ଲେଖା ହୋଇ ଅଛି କିନ୍ତୁ କେବେ ଆରମ୍ଭ ହୋଇଥିଲା ଆଉ କେବେ ଶେଷ ହୋଇ ଥିଲା, ତାର ସଠିକ୍ ତାରିଖ ଲେଖା ହୋଇ ନାହିଁ କାହିଁକି ? ବାକି ରହିଲା ଗାଡୁଆଲ୍ କଥା ତାକୁ ବା କିଏ ନଜର ଦେଉଛି । କଥାରେ ଅଛି ସରକାର୍ କା ମାଲ୍ ଦରିଆ ମୈ ଡାଲ୍ , ଏ କଥା ଆମେ କହୁ ନାହୁଁ , ବାଟରେ ଯିବା ଆସିବା କରୁଥିବା ଲୋକ ହିଁ କହୁଛନ୍ତି । ତେବେ ଦେଖିବାକୁ ବାକି ରହିଲା ତଦାରଖ ର କଥା ? ତଦାରଖ କେବେ ହେଉଛି , ହେବ ନା ନାହିଁ , କି କାଗଜ କଲମରେ ସ୍ଥଗିତ ହୋଇ ରହି ଯିବ । ସୂଚନା ଫଳକ କହୁଛି କଥା । କାଉ ଖାଇବ ପଣସ ତ ବଗ




ମୁଣ୍ଡରେ ଅଠା । ତେବେ ଘଜଏଝ ଯୋଜନାରେ ଯେଉଁ ମାଟି କାମ ହୋଇଛି ସେହି ସୂଚନା ଫଳକ ରେ ଲେଖା ଅଛି , ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ର ଅଟକଳ ପରିମାଣ ଅଛି ପୁରା ୧୦ ଲକ୍ଷ ଟଙ୍କା । ଏ ଖବର ପ୍ରକାଶିତ ହେଲା ପରେ ଆଗକୁ କେଉଁ ମୁଡ ନେଉଛି ଦେଖିବାକୁ ବାକି ରହିଲା ।

## ଏସଜି କଲେଜରେ ସ୍ୱାଧୀନତା ଦିବସ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



**ଦଶରଥପୁର,(ମହାଭାରତ) :** ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ତ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ (ଏସଜି କଲେଜ ) ରେ ୭୮ ତମ ସ୍ୱାଧୀନତା ଦିବସ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନିକୁଞ୍ଜ ବିହାରୀ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିବା ସହ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜର ଅଭିଭାଷଣ ରଖିଥିଲା ବେଳେ ଅଧ୍ୟାପକ, ଅଧ୍ୟାପିକା ମାନେ ସ୍ୱାଧୀନତା ଦିବସ ଉପରେ ଆଲୋକପାତ କରିଥିଲେ । ପତାକା ଉତୋଳନ ପରେ ପରେ ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ସମେତ ଛାତ୍ର ଛାତ୍ରୀ ମାନେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହାପରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ମାନଙ୍କ ସମେତ ୫୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

## ସୀମାନ୍ତରେ ଓଡ଼ିଆ ଭାଷା ପ୍ରତି ବିପଦ

**ଝାଡ଼ଖଣ୍ଡ,(ମହାଭାରତ) :** ସ୍ୱାଧିନତାର ଦୀର୍ଘ ସାତ ଦଶନ୍ଧି ପରେ ଓ ବିଜେଡି ସରକାର ର ଚବିଶ ବର୍ଷ ସ୍ଥାୟୀ ଶାସନ ରେ ସୀମାନ୍ତରେ ବିକାଶ ଅପହଞ୍ଚ। ଏଠାରେ ଫେଲ୍ ମାରିଛି ନବୀନ ସରକାରଙ୍କ ମା କୁ ସମ୍ମାନ ଗାଁ କୁ ପକ୍କା ରାସ୍ତା। ପକ୍କା ରାସ୍ତା ଓ ସ୍କୁଲ୍ ଅଙ୍ଗନୱାଡ଼ି ପାଇଁ ଓଡ଼ିଶା ଛାତ୍ର ଛାତ୍ରୀ ମୁହାଁଉଛନ୍ତି ଝାଡ଼ଖଣ୍ଡ ରାଜ୍ୟକୁ। ଓଡ଼ିଆ ଛାଡ଼ି ହିନ୍ଦୀକୁ ଆପଣାଇ ଛନ୍ତି ଓଡ଼ିଆ ଛାତ୍ର ଛାତ୍ରୀ। ଏପରି ଏକ ଲଜ୍ଜାଜନକ ଓ ଚିନ୍ତା ଜନକ ଚିତ୍ର ଦେଖିବାକୁ ମିଳିଛି ଓଡ଼ିଶାର ସୀମାନ୍ତ ଗାଁର ଛାତ୍ର ଛାତ୍ରୀ ମାନଙ୍କ ପାଖରେ।ଓଡ଼ିଆ ବିଦ୍ୟାଳୟରେ ପାଠପଢ଼ାରୁ ମୁହଁ ଫେରାଉଛନ୍ତି। ଘରଠାରୁ ବିଦ୍ୟାଳୟ ଦୂରରେ ଥିବାରୁ ପ୍ରାଥମିକ,ମାଧ୍ୟମିକ,ଉଚ୍ଚ ମାଧମିକ, ଶିକ୍ଷା ପାଇଁ ଅଳ୍ପ ଦୂର ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟକୁ ମୁହାଁଉଛନ୍ତି । କେବଳ ଏତିକି ନୁହେଁ, ମାତୃଭାଷା ଓଡ଼ିଆରେ ଶିକ୍ଷା ଗ୍ରହଣ ବଦଳରେ ହିନ୍ଦୀକୁ ଆପଣେଇ ନେଉଛନ୍ତି। ଫଳରେ ସୀମାନ୍ତ ଗାଁରେ ଓଡ଼ିଆ



ଭାଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଏପରି ଚିତ୍ର ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ୍ ମୋରଣ୍ଡା ପଞ୍ଚାୟତର ମରଣ୍ଡା ଗ୍ରାମର କୁଦର ସାହି ଠାରେ। ଯେଉଁଠି ମୋଟ ୨୦ଟି ଆଦିବାସୀ ସୀମାନ୍ତ ପରିବାର ବସବାସ କରନ୍ତି। ୩ କିମି ଦୂର ମୋରଣ୍ଡା ଯିବା ବଦଳରେ ୫ ଶହ ମିଟର ଦୂରରେ ଥିବା ଝାଡ଼ଖଣ୍ଡର ମନଝରୀ ଥାନା ଅନ୍ତର୍ଗତ କାଠଭାରି ସ୍କୁଲକୁ ପଢ଼ିବାକୁ ଯାଉଛନ୍ତି କୁଦରସାହିର ଛାତ୍ରଛାତ୍ରୀ ।ଏବେ ୧୦ ରୁ ଅଧିକ ଜଣ ଆଦିବାସୀ ଛାତ୍ରଛାତ୍ରୀ କାଠଭାରି ବିଦ୍ୟାଳୟରେ ପଢୁଛନ୍ତି। ଝାଡ଼ଖଣ୍ଡ ସ୍କୁଲକୁ ଯାଉଥିବା ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ଅଧିକ ଦୂରତା ଓ କାଦୁଅ ପଚ ପଚ ରାସ୍ତାକୁ ଦାୟୀ କରିଛନ୍ତି। ଏନେଇ ଆମ୍ଭେ କାଠଭାରି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର କେଶରୀ ପାତ୍ର କହିଛନ୍ତି, ଅତୀତରେ ଏଠାରୁ ମାଟ୍ରିକ୍ ପାସ କରି ଓଡ଼ିଶାର ବହୁ ପିଲା ଉଚ୍ଚଶିକ୍ଷା ଲାଭ କରିଛନ୍ତି। ଏବେ ବି ତାଙ୍କ ବିଦ୍ୟାଳୟକୁ ଓଡ଼ିଆ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଆସୁଥିବା ସେ ପ୍ରକାଶ କରିଛନ୍ତି । ଚଳିତବର୍ଷ କୁଦରସାହିର ୨ ଜଣ ଛାତ୍ର ଝାଡ଼ଖଣ୍ଡର ନବୋଦୟ ବିଦ୍ୟାଳୟରେ ପାଠ ପଢ଼ିବାର ସୁଯୋଗ ପାଇଛନ୍ତି। ବିଜେଡି ସରକାର ଙ୍କୁ ବାରମ୍ବାର ଦାବି ଉପସ୍ଥାପନ କରିଥିବା ବେଳେ ଅଣଦେଖା ର ଶିକାର ହୋଇ ଛନ୍ତି। ବର୍ତ୍ତମାନ ନୂତନ ସରକାରଙ୍କୁ ଗ୍ରାମ ବାସୀ କୁଦରସାହିକୁ ପକ୍କା ରାସ୍ତା ନିର୍ମାଣ ସହିତ ଏଠାରେ ମିନି ଅଙ୍ଗନବାଡ଼ି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି। ତେବେ ଏହି ଖବର ପ୍ରସାରଣ ପରେ ଦେଖିବାକୁ ବାକି ରହିଲା ସ୍ଥାନୀୟ ପ୍ରଶାସନ ଓ ବିଜେପି ସରକାର ଏଥିପ୍ରତି କେତେ ଶୀଘ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି।

## ରାତ୍ରିତମାମ କଡା ପେଟ୍ରୋଲିଙ୍ଗରେ ମେରାଇନ୍ ପୋଲିସ

**ଅସ୍ତରଙ୍ଗ,(ମହାଭାରତ) :** ବର୍ତ୍ତମାନ ବାଂଲାଦେଶ ରେ ଦଙ୍ଗାର ପ୍ରଭାବରେ ଭାରତ ରେ ଅନୁପ୍ରବେଶ କାରି ଙ୍କୁ ରୋକ ଲଗେଇବା ସହ ଉପକୂଳ ସାମୁଦ୍ରିକ ପଥକୁ ସମ୍ପୂର୍ଣ୍ଣ ସୁରକ୍ଷା ଭିତରେ ରଖିବାକୁ ସରକାର ସମସ୍ତ ଉପକୂଳ ଓଡିଶା ର ଥାନା କୁ ସମ୍ପୂର୍ଣ୍ଣ ରୂପେ ଆଲର୍ଟ ରଖିଛନ୍ତି, ଏହାକୁ ଦୃଷ୍ଟିରେ ରଖି ଅସ୍ତରଙ୍ଗ ମେରାଇନ୍ ପୋଲିସ ୨୪ ଘଣ୍ଟା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଅସ୍ତରଙ୍ଗ ଉପକୂଳ ରେ ସୁରକ୍ଷା ବ୍ୟବସ୍ଥା କୁ କଡାକଡି କାର୍ଯ୍ୟ କରିବା ସହ ସମ୍ପୂର୍ଣ୍ଣ ତତପର ରହିଛି, ଅନେକ ସମୟ ରେ ଅସ୍ତରଙ୍ଗ ଉପକୂଳ ସମୁଦ୍ର ତଟରେ ଅନେକ ଅନୁପ୍ରବେଶ କାରି ଆସି ବୋଟ ହେଉ କିମ୍ବା ଯାଅଁଳ ବ୍ୟବସାୟ ରେ ଲିପ୍ତ ରହୁଥିବା ବେଳେ, ବର୍ତ୍ତମାନ ଅସ୍ତରଙ୍ଗ ମେରାଇନ ପୋଲିସ ର କଡା ପେଟ୍ରୋଲିଙ୍ଗ ଦ୍ୱାରା ଅନୁପ୍ରବେଶକାରୀଙ୍କ ମନରେ ଭୟ ସୃଷ୍ଟି ହୋଇଛି, ଯାହାକୁ ନେଇ ଉପକୂଳ ଅଞ୍ଚଳ ର ଅନେକ ସାଧାରଣ ଲୋକ ମତାମତ ପ୍ରଦାନ କରିଛନ୍ତି, ସନ୍ଧ୍ୟା ହେବା ମାତ୍ରେ ସମ୍ପୂର୍ଣ୍ଣ ମେରାଇନ ପୋଲିସ ଫୋର୍ସ ଥାନା ଅଧିକାରୀ ଶ୍ରୀଯୁକ୍ତ ଅଚ୍ୟୁତାନନ୍ଦ ବେହେରା ଙ୍କ ନେତୃତ୍ୱ ରେ ସ୍ୱତନ୍ତ୍ର ଭାବେ ସମୁଦ୍ର ପଥରେ ମେରାଇନ ବୋଟ ରେ ପେଟ୍ରୋଲିଙ୍ଗ କରୁଛନ୍ତି ଓ ଆଉ କିଛି ଫୋର୍ସ ସମୁଦ୍ର ଉପକୂଳ ରେ ବିଭିନ୍ନ ପ୍ରାନ୍ତ ରେ ପଇଁତରା ମାରି ବାଂଲାଦେଶୀ ଅନୁପ୍ରବେଶ କାରୀ ଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ।



## ଭବାନୀପାଟଣାରେ ଜିଲ୍ଲାସ୍ତରୀୟ ସ୍ୱାଧିନତା ଦିବସ ମହାସମାରୋହରେ ପାଳିତ

**ଭବାନୀପାଟଣା,(ମହାଭାରତ) :** ଭବାନୀପାଟଣା ସହର ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ ମହାଉଲ୍ଲାସ ରେ ଜିଲ୍ଲା ସ୍ତରୀୟ ୭୮ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି।'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଏହି ଜାତୀୟ ଦିବସ ପାଳନ କୁ ଆହୁରି ଋଦ୍ଧିମନ୍ତ କରିଛି ।ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ରୂପେ ଯୋଗ ଦେଇ ସକାଳ ଘ ୯.୧୫ ମି ସମୟରେ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ସମବେତ ପ୍ୟାରେଡ ର ଅଭିବାଦନ ଗ୍ରହଣ କରି ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ୧୪ ତାରିଖ ମଧ୍ୟ ରାତ୍ର ସମୟରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସହରରେ ମଶାଲ ଶୋଭାଯାତ୍ରା ,ପ୍ରାତଃ ଘ ୪.୩୦ମି ସମୟରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ଦ୍ୱାରା ରାମଧୂନ୍ ପରିବେଷଣ , ସକାଳ ଘ ୬.୩୦ ମିନଟ ସମୟରେ ସହର ର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଙ୍କ ଠାରେ ସ୍କୁଲ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ, ସକାଳ ୭.୩୦ ମି ସମୟରେ ସହର ର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ମୁଖ୍ୟଅତିଥୀ ନିଜ ବକ୍ତବ୍ୟରେ ଭାରତର ସ୍ୱାଧୀନତା ଆନ୍ଦୋଳନରେ କଳାହାଣ୍ଡି ଜିଲ୍ଲାର ସୁଯୋଗ୍ୟ ସନ୍ତାନ ସହିଦ ରେଣ୍ଡୋ ମାଝୀ ଙ୍କ ତ୍ୟାଗ ଓ ମହାନତା କୁ ସ୍ମରଣ କରି 'ବିକଶିତ ଓଡ଼ିଶା ବିକଶିତ ଭାରତ'କୁ ପାଥେୟ କରି କଳାହାଣ୍ଡିଜିଲ୍ଲାକୁ ସମୃଦ୍ଧ ଜିଲ୍ଲା ତଥା ରାଜ୍ୟର ବିକାଶର ଅଗ୍ରଗତି ସହିତ ତାଳ ଦେଇ ଜିଲ୍ଲା ର ସ୍ୱାସ୍ଥ୍ୟ, କୃଷି, ଗମନାଗମନ,ଜଳସେଚନ,ଶ୍ରମିକ କଲ୍ୟାଣ, ତୁରନ୍ତ ଅଭିଯୋଗ ସମାଧାନ ଉପରେ ଉଲ୍ଲେଖ କରି ରାଜ୍ୟ ସରକାରଙ୍କର ସବୁ କ୍ଷେତ୍ରରେ ବଜେଟ ବୃଦ୍ଧି,ସୁଭଦ୍ରା ଯୋଜନା ଭଳି ଅନେକ କଲ୍ୟାଣକାରୀ ଯୋଜନା ଉପସ୍ଥାପନ କରି ଲୋକଙ୍କ ଜୀବନ ମାନଦଣ୍ଡ ଆହୁରି ବୃଦ୍ଧି କରିବାକୁ ରାଜ୍ୟ ସରକାର ଦୃଢ଼ ପ୍ରତିଜ୍ଞ ଅଛନ୍ତି ବୋଲି କହିଥିଲେ ।ପତାକା ମଞ୍ଚରେ ମୁଖ୍ୟ ଅତିଥୀ ଙ୍କ ସହ ଜିଲାପାଳ ସଚିନ ପାୱାର ଏବଂ ଆରକ୍ଷୀ



ଅଧିକ୍ଷକ ଅଭିଳାଷ ଜି ଉପସ୍ଥିତ ଥିଲେ । ପ୍ୟାରେଡ ପଡ଼ିଆ ରେ ମୋଟ ୪୨ ଟି ଶିକ୍ଷାନୁଷ୍ଠାନ ଓ ପୋଲିସ ପ୍ଲାଟୁନ୍ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଙ୍କଠାରୁ ପ୍ୟାରେଡ ପ୍ରତିଯୋଗିତା ର ବିଜୟୀ ଦଳ ରନିଂ ସିଲ୍ଡ ଓ କପ୍ ଗ୍ରହଣ କରିଥିଲେ। ସିନିଅର ଏନ୍ ସି ସି ରେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ (ନାଭାଲ), ଜୁନିଅର ଏନ୍ ସି ସି ରେ ସରସ୍ୱତୀ ବିଦ୍ୟା ମନ୍ଦିର ବ୍ରଜବୀହାର , ସ୍କାଉଟ ରେ ମାଣିକେଶ୍ୱରୀ ହାଇସ୍କୁଲ ,ଗାଇଡ ରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଜୁନିଅର ରେଡକ୍ରସ ରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର,ସିନିୟର୍ ସିଭିଲିଏନ୍ ରେ ହାଇଟେକ୍ ପବ୍ଲିକସ୍କୁଲ୍ ,ଜୁନିଅର ସିଭିଲିଏନ୍ ରେ ବିମଳା କନଭେଣ୍ଟ ସ୍କୁଲ, ବେଷ୍ଟ ପ୍ଲାଟୁନ କମାଣ୍ଡର ରେ ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟ (କନିଷ୍ଠ ଏନ୍ ସି ସି)ର କମାଣ୍ଡର ରନିଂ ଶିଲ୍ଡ ଓ ଟ୍ରଫି ପୁରସ୍କାର ମୁଖ୍ୟ ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। ଶିକ୍ଷା ଓ ପ୍ରତିଯୋଗିତା କ୍ଷେତ୍ରର ଉତ୍କୃଷ୍ଟତା ଲାଭ କରିଥିବା ବିଦ୍ୟାର୍ଥୀ /ବ୍ୟକ୍ତିବିଶେଷ ଙ୍କୁ ସମ୍ମାନିତ କରାଯାଇଥିଲା। ବି ଏସ ଇ ହାଇସ୍କୁଲ ଦଶମ ବାର୍ଷିକ ପରୀକ୍ଷା ୨୦୨୪ ରେ ସର୍ବୋଚ୍ଚ ମାର୍କ ରଖିଥିବା ପଞ୍ଚାୟତ ହାଇସ୍କୁଲ୍ ମେଦିନୀପୁର ର ଛାତ୍ର ଯଜ୍ଞରାଜ୍ ସାହୁ ଙ୍କୁ ,ସେଭଳି ସି ବି ଏସ ଇ ଦଶମ ବୋର୍ଡ଼ ରେ ବିକାଶ ଆବାସିକ ବିଦ୍ୟାଳୟରର ପୁରବ ବେହେରା ,ଆଇ ସି ଏସ ଇ ଦଶମ ବୋର୍ଡ ରେ ବିମଳା କନଭେଣ୍ଟ ର ଅନୁତ୍ତମ୍ ପାଣିଗ୍ରାହୀ ,ସରକାରୀ ଏସ ଏସ ଡି ହାଇସ୍କୁଲ୍ ମଧ୍ୟରେ ବି ଏସ ଇ ଦଶମ ବୋର୍ଡ ରେ ସର୍ବୋଚ୍ଚ ମାର୍କ ରଖିଥିବା ଗୋପାଳପୁର ଏସ ଏସ ଡି ହାଇସ୍କୁଲ୍ ଛାତ୍ରୀ ସୁପ୍ରଭା ନାଏକଙ୍କୁ ଜିଲ୍ଲା ପ୍ରଶାସନ ପ୍ରଦତ୍ତ ପ୍ରଶଂସା ପତ୍ର କଳାହାଣ୍ଡି ପେଶାଦାର ସାମ୍ବାଦିକ ସଂଘ ଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି କୁ ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ପୁରବ ବେହେରାଙ୍କୁ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଯୋଗୁଁ ପେଶାଦାର ସାମ୍ବାଦିକ ସଂଘ ତରଫରୁ ନଗଦ ପୁରସ୍କାର,ଆଇ ସି ଏସ ଇ ଦଶମ ବୋର୍ଡ ସର୍ବୋଚ୍ଚ ଅନୁତ୍ତମ ପାଣିଗ୍ରାହୀ ଙ୍କୁ ସ୍ୱର୍ଗତ ମହେଶ୍ୱର ନାୟକ ସ୍ମୃତି ଟ୍ରଫି ପ୍ରଦାନ କରାଯାଇଥିଲା ।ଦଶମ ବୋର୍ଡ ମାତୃଭାଷା ଓଡ଼ିଆ ରେ ଛାତ୍ର ମାନଙ୍କ ମଧ୍ୟରେ ରଶ୍ମି ରଞ୍ଜନ ମହାରଣା ଓ ଛାତ୍ରୀ ମାନଙ୍କ ମଧ ରେ ନିରୁପମା ବାଗ ଙ୍କୁ ପ୍ରଶାସନ ପ୍ରଶଂସା ପତ୍ର ସହ ସୁପର ଗ୍ୟାସ ପ୍ରଦତ୍ତ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା ।ସେଭଳି ସି ଏଚ ଏସ ଇ +୨ ବାର୍ଷିକ ପରୀକ୍ଷା ରେ ସର୍ବୋଚ୍ଚ ମାର୍କ ରଖିଥିବା ବିଜ୍ଞାନ ବିଭାଗରେ ପ୍ରଗତି ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟ ର ଛାତ୍ର ଇଶା ନେସ୍ୱର ନେଗି ,ବାଣିଜ୍ୟ ରେ ବିକାଶ ଆବାସିକ ବିଦ୍ୟାଳୟର କେଶବ ଅଗ୍ରୱାଲ, କଳା ବିଭାଗରେ ସରକାରୀ ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟ ର ସୁହାନି ଚଲାନ ଓ ସି ବି ଏସ ଇ+୨ବୋର୍ଡ ବିଜ୍ଞାନ ବିଭାଗରେ ପ୍ରଗତି କନସେପ୍ଟ ସ୍କୁଲର ଦେବାଶିଷ ମିଶ୍ର , ସି ବି ଏସ ଇ+୨ ବାଣିଜ୍ୟ ବିଭାଗରେ ହାଇଟେକ୍ ପବ୍ଲିକ ସ୍କୁଲ ର ଶ୍ରଦ୍ଧା ଅଗ୍ରୱାଲ ଙ୍କୁ ପ୍ରଶାସନ ପ୍ରଶଂସା ପତ୍ର ଏବଂ ଜିଲ୍ଲା ପରିଷଦ ଅଧକ୍ଷ ପ୍ରଦତ୍ତ ସ୍ୱର୍ଗତ କିରଣ ଚନ୍ଦ୍ର ସିଂହ ଦେଓ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ବେଲଖଣ୍ଡି ର ସହିଦ ଯବାନ ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ଦୋରା ଙ୍କ ମରଣୋତ୍ତର ମାନପତ୍ର ତାଙ୍କ ସମ୍ପର୍କୀୟ ଙ୍କୁ ପ୍ରଦାନ ସହ ସହିଦଙ୍କ ସ୍ମୃତିରେ ମାଣିକେଶ୍ୱରୀ ହାଇସ୍କୁଲ ର ଏନ୍ ସି ସି ଛାତ୍ର ମହେଶ ଛତ୍ରିଆଙ୍କୁ ରନିଂ ଟ୍ରଫି ପ୍ରଦାନ କରାଯାଇଥିଲା। ସେଭଳି ଆଦିବାସୀ ଛାତ୍ରୀ ମାନଙ୍କ ମଧ୍ୟରେ ସର୍ବୋଚ୍ଚ ମାର୍କ ରଖିଥିବା ଥୁଆମୁଲ ରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ରମ୍ଭା ମାଝୀ ଙ୍କୁ ଅର୍ଚ୍ଚନା କାଲେଶ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା ।ପ୍ୟାରେଡ଼ ପଡ଼ିଆରେ ପ୍ୟାରେଡ୍ ମାର୍ଚ୍ଚର ସଂଚାଳନ ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ ମୁଣ୍ଡ କରିଥିଲେ। ପ୍ୟାରେଡ ବିଚାରକ ରୂପେ ଶ୍ରୀ ଦୂର୍ଗା ପ୍ରସାଦ ମିଶ୍ର,ଶ୍ରୀ ଅଜୟ ମିଶ୍ର,ଶ୍ରୀ କାଳି ମାଝୀ ପ୍ରମୁଖ ଯୋଗ ଦେଇଥିଲେ ।ପ୍ୟାରେଡ ପଡିଆ କାର୍ଯ୍ୟକ୍ରମପରେ ମୁଖ୍ୟ ଅତିଥି କର୍ମଚାରୀ ଭବନ ରେ ଅନୁଷ୍ଠିତ ରକ୍ତଦାନ ଶିବିର ର ଉଦ୍ଘାଟନ,ମୁଖ୍ୟ ଡାକ୍ତରଖାନା ର ଜେନେରାଲ ୱାର୍ଡ,ଶିଶୁ ୱାର୍ଡ,ଜିଲ୍ଲା କାରାଗାର ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ ।ଏହାପରେ ମୁଖ୍ୟ ଅତିଥି ଭବାନୀପାଟଣା ନିକଟସ୍ଥ ପାଲ୍ଲିପଡ଼ା ଠାରେ ରାଜସ୍ୱ କାର୍ଯ୍ୟାଳୟ ର ଶୁଭ ଉଦ୍ଘାଟନ ଏବଂ ୫୦ ଜଣ ଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ ।ଅପରାହ୍ନ ଘ ୩.୩୦ ମି ସମୟରେ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ରେ ଜିଲ୍ଲାପାଳ ଏକାଦଶ ଓ ଜିଲ୍ଲା ସାମ୍ବାଦିକ ଏକାଦଶ ମଧ୍ୟରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଜିଲ୍ଲାପାଳ ଏକାଦଶ ୧–୦ରେ ବିଜୟୀ ହୋଇଥିଲା। ସେଭଳି ଟାଉନ୍ ହଲ୍ ଠାରେ ସଂଧ୍ୟା ୬.୦୦ ଘ ସମୟରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗତ ୨୯.୮.୨୦୨୪ ରେ ଅନୁଷ୍ଠିତ ସ୍କୁଲ ଓ କଲେଜ ସ୍ତର ପ୍ରବନ୍ଧ, ବକ୍ତୃତା,ଚିତ୍ରାଙ୍କନ,ସଙ୍ଗୀତ, କୁଇଜ୍ ପ୍ରତିଯୋଗିତାର ଉତିର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥି ଗଣ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ ।ପ୍ୟାରେଡ୍ ଗ୍ରାଉଣ୍ଡ ଓ ଟାଉନ୍ ହଲର ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମନୋଜ ବେହେରା ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ର ମଞ୍ଚ ସଂଚାଳନ ଶିକ୍ଷକ ବିରଞ୍ଚି ମୁଣ୍ଡ କରିଥିଲେ। ପ୍ୟାରେଡ୍ ଗ୍ରାଉଣ୍ଡ ର ପୁରସ୍କାର ବିତରଣ ରେ ଶିକ୍ଷକ ରବି କାନୁନଗୋ, ଶୁଭେନ୍ଦୁ ଶେଖର ବେହେରା , ଡି ପି ଇ ରୂପ ସିଂ ରାଉତ ପ୍ରମୁଖ ସହଯୋଗ କରିଥିଲେ।ସାଂସ୍କୃତିକ କାର୍ଯ୍ୟକ୍ରମରେ ମୋଟ ୧୫ଟି ସାଂସ୍କୃତିକ ଅନୁଷ୍ଠାନ ନିଜର କଳା ପ୍ରଦର୍ଶନ କରିଥିଲେ ।

## ନିଜ କାର୍ଯ୍ୟାଳୟରେ ଜିଲ୍ଲାପାଳ ଉଡ଼ାଇଲେ ତ୍ରିରଙ୍ଗା



**ଖୋର୍ଦ୍ଧା,(ମହାଭାରତ) :** ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ୭୮ ତମ ଜିଲ୍ଲା ସ୍ତରୀୟ ସ୍ୱାଧିନତା ଦିବସ ସମାରୋହ ସମଗ୍ର ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପାଳନ କରା ଯାଇଅଛି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ୭୮ ତମ ସ୍ୱାଧିନତା ଦିବସ ପାଳିତ ହୋଇ ଯାଇଅଛି। ଜିଲ୍ଲାପାଳ ଶ୍ରୀଯୁକ୍ତ ଚଞ୍ଚଳ ରାଣା ନିଜ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀ ଏଂ କର୍ମଚାରୀଙ୍କ ଗହଣରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରାତଃ ସମୟରେ ସହର ବ୍ୟାପୀ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ ପରିବେଷଣ କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଅବସ୍ଥାପିତ ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା ଏବଂ କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଏବଂ ବିଭିନ୍ନ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଫଳବଣ୍ଟନ କରାଯାଇଥିଲା।

## ପାଟଣା ପ୍ରେସ୍ କ୍ଲବ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ପ୍ରେସ୍ କ୍ଲବ ପକ୍ଷ ରୁ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇନଛି। ପାଟଣା ପ୍ରେସ୍ କ୍ଲବ ର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ନୃସିଂହନାଥ ସିଂ ଙ୍କ ସଂଯୋଜନା ରେ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି । ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ପାଟଣା ଥାନା ଅଧିକାରୀ ବିବସ୍ୱ କୁମାର ପ୍ରଧାନ, ପାଟଣା ତହସିଲଦାର ସୁଶ୍ରୀ ଲୀଳାବତୀ ନାୟକ,ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବଶଙ୍କର ମୁର୍ମୁ,ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ,ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର,ପାଟଣା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତ ରଞ୍ଜନ ନାଏକ, ବନପାଳ ଅଧିକାରୀ ପିଅନ ନାଏକ, ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ, ବଡପାଟଣା



ସରପଞ୍ଚ ବିନତୀ ବାନରା,ବରିଷ୍ଠ ସମାଜ ସେବୀ ଇଂ ବିଦ୍ୟାଧର ଦାଶ, ଅଜୟ କୁମାର ଦାଶ,ତୁଷାର କାନ୍ତି ତ୍ରିପାଠୀ, ଜତିନ୍ଦ୍ର କୁମାର ଦାଶ, ପ୍ରଶାନ୍ତ କୁମାର ଭଞ୍ଜଦେଓ, ଶିକ୍ଷାବିତ୍ ଭରତ ଚନ୍ଦ୍ର ସାହୁ,ପାଟଣା ବଣିକ ସଙ୍ଘର ସଭାପତି ବୁଲୁ ଭଞ୍ଜ,ଲକ୍ଷ୍ମଣ କୁମାର ଦାଶ,କମଳାକାନ୍ତ ଦାଶ ଯୋଗ ଦେଇଥିଲେ। ଏହି ସ୍ୱାଧୀନତା ଦିବସ ରେ ଜାତୀୟ ସଙ୍ଗୀତ ପାଟଣା ସରକାରୀ ବାଳିକା ବିଦ୍ୟାଳୟ ଓ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ମାନେ ଶିକ୍ଷକ ପାର୍ଥସାରଥି ବେଜଙ୍କ ତତ୍ତ୍ୱାବଧାନରେ ଜାତୀୟ ସଙ୍ଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମ ରେ ପାଟଣା ପ୍ରେସ୍ କ୍ଲବ ର ସଭାପତି କିଶୋର ଚନ୍ଦ୍ର ମହାନ୍ତ, ସମ୍ପାଦକ ବିଜୟରତ୍ନ ପତି ପ୍ରମୁଖ ଯୋଗଦାନ ଦେଇ ସ୍ୱାଧୀନତା ଦିବସ ଉପରେ ଅଭିଭାଷଣ ରଖିଥିଲେ । ଏହି ସ୍ୱାଧୀନତା ଦିବସ ଅ୍ସର ରେ ପାଟଣା ପ୍ରେସ୍ କ୍ଲବ ର ଉପଦେଷ୍ଟା ଅଭିମନ୍ୟୁ ରାଉତ, ଉପସଭାପତି ଅଞ୍ଜନ କୁମାର ରଣା ,ରଞ୍ଜନ କୁମାର ବାରିକ୍, ସହ ସମ୍ପାଦକ କାମିନୀ କାନ୍ତ ଦ୍ୱିବେଦୀ, କୋଷାଧକ୍ଷ ଚିରଞ୍ଜିବୀ ଦାଶ, କାର୍ଯ୍ୟାଳୟ ସମ୍ପାଦକ ବିଜୟ କୁମାର କାରୁଆ, ନିଶିକାନ୍ତ ବେହେରା,ଉଗ୍ରସେନ ପୃଷ୍ଟି, ରବିନ୍ଦ୍ର କୁମାର ପୃଷ୍ଟି ,ଦଶରଥ ବାରିକ, ଦେବାନନ୍ଦ ମହାନ୍ତ,ପ୍ରଭାତ କୁମାର ସାହୁ,ରଞ୍ଜିତ ବେହେରା,ବିରଞ୍ଚି ମହାନ୍ତ ଓ ସୁଜିତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ପାଟଣା ପ୍ରେସ୍ କ୍ଲବ ର ସମ୍ପାଦକ ବିଜୟ ରତ୍ନ ପତି ଉପସ୍ଥିତ ଅତିଥି ମାନ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁରୁଣାଘାଟି ରାଇରଙ୍ଗପୁରର ସ୍ୱାଧୀନତା ଦିବସ ପାଳନ

**ରାଇରଙ୍ଗପୁର,(ମହାଭାରତ) :** ସରସ୍ୱତୀ ଆବାସିକ ଶିଶୁ ବିଦ୍ୟା ମନ୍ଦିର ପୁରୁଣାଘାଟି ରାଇରଙ୍ଗପୁର ତରଫରୁ ୭୮ତମ ସ୍ୱାଧୀନତା ଦିବସ ପାଳନ। ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସହର ର ପୁରୁଣାଘାଟି ସରସ୍ୱତୀ ଆବାସିକ ଶିଶୁ ବିଦ୍ୟା



ମନ୍ଦିର ରେ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥିଲା। ଏହି ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମୟୁରଭଞ୍ଜ ଲୋକସଭା ସାଂସଦ ଶ୍ରୀ ଯୁକ୍ତ ନବ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସ୍ୱାଧୀନତା ଦିବସ ପାଳନ ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଦେଶ ପ୍ରେମ ଜାଗ୍ରତ କରିବା ସହିତ ବିକଶିତ ଓଡିଶା, ବିକଶିତ ଭାରତ ଗଠନ କରିବା ନିମନ୍ତେ ଉଦବୋଧନ ଦେବା ସହିତ ଉପସ୍ଥିତ ଥିବା ଛାତ୍ର ଛାତ୍ରୀ ତଥା ବିଦ୍ୟାଳୟ ର ସମସ୍ତ ଗୁରୁଜୀ ଓ ଗୁରୁମାଆ ଏବଂ ଉପସ୍ଥିତ ଥିବା ଓଥିତି ବୃନ୍ଦ ମାନଙ୍କୁ ଦେଶ ଗଠନ ନିମନ୍ତେ ବତୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଓ ରାଇରଙ୍ଗପୁର ହାଇସ୍କୁଲ ର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଯୁକ୍ତ ଦିଲ୍ଲୀପ କୁମାର ମହାନ୍ତ ବିଦ୍ୟାଳୟ ରେ ଉପସ୍ଥିତ ସମସ୍ତ ଙ୍କୁ ୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବ ଶେଷରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଓ ଗୁରୁଜୀ, ଗୁରୁମାଆ ମାନଙ୍କ ତରଫ ରୁ ଏକ ସଭା ଅନୁଷ୍ଠିତ ହୋଇ ଦେଶକ୍ଷମ୍ୱୋବଧ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସର୍ବ ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଶ୍ରୀ ଯୁକ୍ତ ବିକାଶ ଚନ୍ଦ୍ର ମହାନ୍ତ , ସମ୍ପାଦକ ଶ୍ରୀ ଯୁକ୍ତ ସପନ କୁମାର ମହାନ୍ତ ଓ କୋଷାଧ୍ୟୟ ଶ୍ରୀ ଯୁକ୍ତ ଲଳିତମୋହନ ମହାନ୍ତଙ୍କ ତରଫରୁ ସମସ୍ତ ଙ୍କ ସହଜଗ ନିମନ୍ତେ ଧନ୍ୟବାଦ ପ୍ରଦାନ କରି ସଭା କାର୍ଯ୍ୟ ଭଙ୍ଗ କରିଥିଲେ।

### ଭାରତ ଫେରିଲେ ଭିନେଶ ଫୋଗଟ

# ଫ୍ୟାନଙ୍କ ସମର୍ଥନ ଦେଖି କାନ୍ଦି ପକାଇଲେ

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):** ଦିଲ୍ଲୀ ବିମାନ ବନ୍ଦରରେ ପୂର୍ବତନ କୁସ୍ତି ଯୋଦ୍ଧା ଭିନେଶ ଫୋଗାଟଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା। ପ୍ୟାରିସ ଅଲିମ୍ପିକ୍ସ ପରେ ଆଜି ଭାରତ ଫେରିଛନ୍ତି ଫୋଗାଟ। ଦିଲ୍ଲୀ ଇନ୍ଦିରା ଗାନ୍ଧି ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଁଚିବା ପରେ ଭିନେଶଙ୍କୁ ବିପୁଳ ସଂଖ୍ୟାରେ ସମର୍ଥକ ସ୍ୱାଗତ ଜଣାଇଛନ୍ତି।



ଜଣେ ଗୋଲ୍ଡ ମେଡାଲିଷ୍ଟଙ୍କୁ ଯେପରି ସ୍ୱାଗତ କରାଯାଏ, ଭିନେଶଙ୍କୁ ଠିକ୍ ସେହିପରି ସ୍ୱାଗତ କରାଯାଇଛି। ଫ୍ୟାନଙ୍କ ଏ ଭଲ ପାଇବା ଏବଂ ସମର୍ଥନ ଦେଖି ଭାବୁକ ହୋଇ ପଡିଛନ୍ତି ଭିନେଶ। ସେ ଏହି ସମୟରେ କାନ୍ଦି ପକାଇଥିବା ଦେଖିବାକୁ ମିଳିଛି।

ମୁଁ ସମସ୍ତ ଦେଶବାସୀଙ୍କୁ ଧନ୍ୟବାଦ ଜଣାଉଛି, ମୁଁ ଖୁବ୍ ଭାଗ୍ୟବାନ ବୋଲି ଭିନେଶ ଫୋଗାଟ କରିଛନ୍ତି। ବିମାନବନ୍ଦରରେ ଭିନେଶଙ୍କୁ ସ୍ୱାଗତ ଜଣାଇବା ପାଇଁ ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଏବଂ ତାଙ୍କ ପରିବାର ବର୍ଗ ମଧ୍ୟ ଉପସ୍ଥିତ ଥିଲେ।

ପ୍ୟାରିସ ଅଲିମ୍ପିକ୍ସ ରେସଲିଂର ୫୦ କେଜି ବର୍ଗରେ ଭାଗ ନେଇଥିଲେ ଭିନେଶ ଫୋଗାଟ। ସମସ୍ତ ପ୍ରାରମ୍ଭିକ ମ୍ୟାଚରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲେ। ଫଳରେ ରେସଲିଂରୁ ଭାରତକୁ ରୌପ୍ୟ ନଚେତ ସ୍ୱର୍ଣ୍ଣ ମିଳିବା ନେଇ ଭିନେଶଙ୍କ ସମେତ ଦେଶବାସୀ ଆଶାବାଦୀ ରହିଥିଲେ। ମାତ୍ର ଫାଇନାଲ ମ୍ୟାଚ୍ ଦିନ ସବୁ କିଛି ବଦଳି ଯାଇଥିଲା। ୫୦ କେଜି ଓଜନରୁ ଭିନେଶ ୧୦୦ ଗ୍ରାମ ଅଧିକ ଥିବାରୁ ତାଙ୍କୁ ପ୍ୟାରିସ ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷିତ କରାଯାଇଥିଲା।

ଏ ଖବର ସମସ୍ତଙ୍କୁ ବିସ୍ମିତ କରିଥିଲା। କିଛି ଘଣ୍ଟା ପରେ ଭିନେଶ ରେସଲିଂରୁ ଅବସର ଘୋଷଣା କରିଥିଲେ। ଏସବୁ ସତ୍ତ୍ୱେ ଭିନେଶ ଓ ଭାରତୀୟ ଅଲିମ୍ପିକ୍ସ ଆସୋସିଏସନ ଅଯୋଗ୍ୟ ନିଷ୍ପତ୍ତି ବିରୋଧରେ କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଫର୍ ସ୍ପୋର୍ଟ ରେ ଆବେଦନ କରି ଯୁଗ୍ମ ରୌପ୍ୟ ପଦକ ପାଇଁ ଦାବି କରିଥିଲେ। କିନ୍ତୁ କୋର୍ଟ ଭିନେଶଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ଏହାପରେ ଆଜି ଭାରତ ଫେରିଛନ୍ତି ଭିନେଶ। ସେ ପ୍ୟାରିସ ଅଲିମ୍ପିକ୍ସରେ କୌଣସି ପଦକ ଜିତି ନଥିଲେ ମଧ୍ୟ ଜଣେ ବିଜେତା ଯେପରି ସ୍ୱାଗତର ହକଦାର ତାଙ୍କୁ ଠିକେ ସେହିପରି ବିମାନବନ୍ଦରରେ ସ୍ୱାଗତ କରାଯାଇଛି, ଯେଉଁଥି ପାଇଁ ଭାବବିହ୍ୱଳ ହୋଇ ପଡ଼ିଛନ୍ତି ଭିନେଶ।

# ବଲାଙ୍ଗୀର ସ୍ୱାଧୀନତା କ୍ରିକେଟ କପ -୨୦୨୪ ଅନୁଷ୍ଠିତ

**ବଲାଙ୍ଗୀର,୧୭।୮ (ମହାଭାରତ):** ବଲାଙ୍ଗୀର ସ୍ଥିତ ଖୁଜେନପାଲି ପଡ଼ିଆ ଠାରେ ଅଗଷ୍ଟ ୧୪ ଓ ୧୫ ଦୁଇ ଦିନ ଧରି ୩ୟ ସ୍ୱାଧୀନତା କ୍ରିକେଟ୍ କପ୍-୨୦୨୪ ଆୟୋଜନ ହୋଇଯାଇଛି। ଏଥିରେ ୧୬ଗୋଟି ଟିମ୍ ଅଂଶଗ୍ରହଣ କରିଥିଲାବେଳେ ଫାଇନାଲ ମ୍ୟାଚ୍ ସିଦ୍ଧି ବିନାୟକ ଏବଂ ସମଲେଶ୍ୱରୀ ଟାଇଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଦ୍ଧି ବିନାୟକ ଫାଇନାଲ ମ୍ୟାଚ୍ ବିଜୟୀ ହୋଇ ୨୫ ହଜାର ଟଙ୍କା ସହିତ ଟ୍ରଫି ଏବଂ ସମଲେଶ୍ୱରୀ ଟାଇଗର ୧୫ହଜାର ସହିତ ଟ୍ରଫି ସହ ରନର ଅପ୍ ହୋଇଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରପରିଷଦର ଅଧ୍ୟକ୍ଷା ଲିକା ସାହୁ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିବାବେଳେ ସମ୍ମାନୀୟ ଅତିଥି ଭାବେ ରିକନ୍ ମହାନ୍ତି, ବିଶ୍ୱଭୂଷଣ ଭୋଇ, ବିକାଶ ସା ଉଭୟ ଦଳ କୁ ମେନ୍ ଅଫ ଦ ମ୍ୟାଚ୍, ମେନ୍ ଅଫ ସିରିଜ୍, ବେଷ୍ଟ ବେଟସ୍ମେନ୍, ବେଷ୍ଟ ବୋଲର, ବେଷ୍ଟ ଆମ୍ପାୟାର ଅନେକ ପୁରସ୍କାର ଦେଇଥିଲେ। ଏହି ଟୁର୍ଣ୍ଣାମେଂଟରେ ମୁଖ୍ୟ ବିଜୟ କୁମାର ମିଶ୍ର ପରିଚାଳନା କରିଥିବାବେଳେ ଏଥିରେ କୁଳମଣି ସୁନା, କୁନାଲ ଖାନ୍, ମହାବୀର ପ୍ରସାଦ, ଅଭିରାମ ମହାନ୍ତି, ସଂଗ୍ରାମ ସାହୁ, ବିକାଶ ବେହେରା, ବିଜ୍ଞାନ ମିଶ୍ର, ମହେନ୍ଦ୍ର ଚନ୍ଦନ, ଆନନ୍ଦ ସାହୁ, ଅଜୁ ସାହୁ, ରିଂଟୁ ମହାଲିଙ୍ଗ, ଅରବିନ୍ଦ ସିଂହ, ଦାମୋଦର ଶାଣ୍ଡେ, ଶୋଭନ ବାରିକ, ରାହୁଲ ଟପୋ, କରଣ କୁମାର ପାଣ୍ଡେ, ବିଭୂତି ପୋଢ଼, କାନହା ଖମାରୀ ଏବଂ ଅର୍ଗାନାଇଜରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଟୁର୍ଣ୍ଣାମେଂଟକୁ ସୁରଥ ଦାସ ୟୁଟ୍ୟୁବ୍ ଲାଇଭ ଯୋଗେ ପ୍ରସାର କରିଥିଲେ।

# ସେପ୍ଟେମ୍ବର ୧୧ରୁ ବଲାଙ୍ଗୀର ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଂଟ

**ବଲାଙ୍ଗୀର,୧୭।୮(ମହାଭାରତ):** ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗୀର ଠାରେ ଆଜି କ୍ରୀଡ଼ା ସଂସଦର କାର୍ଯ୍ୟକାରୀ କମିଟି, ଟୁର୍ଣ୍ଣାମେଂଟ ଓ ଟ୍ରାନ୍ସଫର କମିଟି, ଚୟନ କମିଟି ଓ ଅମ୍ପାୟାର କମିଟି ବୈଠକଗୁଡ଼ିକ ଅନୁଷ୍ଠିତ ହୋଇଯାଇଛି। ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୁଜାରିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ବୈଠକରେ ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସେହି ପରି କ୍ରୀଡ଼ା ସଂସଦର କୋଷାଧ୍ୟକ୍ଷ ତଥା ଫୁଟବଲ ଟୁର୍ଣ୍ଣାମେଂଟ କମିଟି ଅଧ୍ୟକ୍ଷ ପ୍ରଭାତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଟୁର୍ଣ୍ଣାମେଂଟ କମିଟି ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ଆସନ୍ତା ସେପ୍ଟେମ୍ବର ୧୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଖେଳ ପଡ଼ିଆରେ ଆୟୋଜନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଛି। ଆଗ୍ରହୀ ଅଂଶଗ୍ରହଣକାରୀ ଦଳ ଅଗଷ୍ଟ ୩୦ ତାରିଖ ସୁଦ୍ଧା ତାଙ୍କ ଆବେଦନ ଫର୍ମ ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟାଳୟରେ ଦାଖଲ କରିବାକୁ ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି। ଉକ୍ତ ବୈଠକରେ ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ଶତ୍ରୁଘନ ସିଂହ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ, ଫୁଟବଲ ସଂପାଦକ ହେମନ୍ତ କୁମାର ବେହେରା, କ୍ରୀଡ଼ା ସଂପାଦକ ବିଭୁତି ଭୂଷଣ ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ରାଜେନ୍ଦ୍ର କୁମାର ପୁରୋହିତ, ଶିଶିର କୁମାର ବହିଦାର, ସୁଧିର ଚନ୍ଦ୍ର ପଣ୍ଡା, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର, ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ଶରତ କୁମାର ନନ୍ଦ, ନରେଶ ଅଗ୍ରୱାଲ, ସୁନିଲ ଚନ୍ଦ୍ର ବିଶ୍ୱାଲ, ଭୁପେନ୍ଦ୍ର ପ୍ରସାଦ ସିଂ, ଶ୍ରୀକାନ୍ତ ରାଉତ, ନିସାରକାନ୍ତ ନାଗ, ନରସିଂସ୍ୱାମୀ ନାଇଡୁ ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ ସଂସଦର ଯୁଗ୍ମ ସଂପାଦକ ଶତୃଘନ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ବିରାଟ କୋହଲି ବିଶ୍ୱ କ୍ରିକେଟର କିଙ୍ଗ୍

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):** ବର୍ତ୍ତମାନର କ୍ରିକେଟରେ ବିରାଟ କୋହଲିଙ୍କୁ କିଙ୍ଗ୍ ବୋଲି କୁହାଯାଉଛି। ସମସ୍ତେ ବିରାଟଙ୍କୁ ବିଶ୍ୱ କ୍ରିକେଟର ରାଜା ବୋଲି କହୁଛନ୍ତି। ଏହା ସତ୍ତ୍ୱେ ବି କିଛି ଲୋକମାନେ କୋହଲି ଏବଂ ବାବର ଆଜାମଙ୍କ ମଧ୍ୟରେ କିଏ କିଙ୍ଗ୍? ଏନେଇ ଅନେକ ସମୟରେ ବିତର୍କ କରିଥାନ୍ତି। ଏହି ବିତର୍କ ଉପରେ ଅନେକ ବରିଷ୍ଠ କ୍ରିକେଟର ଅତୀତରେ ନିଜର ମତ ଦେଇଛନ୍ତି। ବର୍ତ୍ତମାନ ବିଶ୍ୱ କ୍ରିକେଟର ପ୍ରକୃତ କିଙ୍ଗ୍ କିଏ ବୋଲି ପାକିସ୍ତାନର ପୂର୍ବତନ ଅଧିନାୟକ ତଥା ବୋଲର ୱସିମ ଅକ୍ରମ ଏକ ବଡ଼ ବିବୃତି ଦେଇଛନ୍ତି। ମୀର ମିଡିଆ ପ୍ରଡକ୍ସନକୁ ଦେଇଥିବା ଏକ ସାକ୍ଷାତକାରରେ ଯେତେବେଳେ ୱସିମଙ୍କୁ ବିଶ୍ୱ କ୍ରିକେଟର କିଙ୍ଗ୍ କିଏ ବୋଲି ପଚରାଯାଇଥିଲା, ପୂର୍ବତନ ଅଧିନାୟକ ୱସିମ କହିଥିଲେ, ଦେଖ, କୋହଲି ହେଉଛନ୍ତି କିଙ୍ଗ୍। ଏଥିରେ କେଣସି ସନ୍ଦେହ ନାହିଁ। ବାବରଙ୍କ ବିଷୟରେ କହିବାକୁ ଗଲେ ତାଙ୍କୁ ଆହୁରି ଅନେକ କିଛି କରିବାକୁ ହେବ। କୋହଲିଙ୍କ ଲିଗରେ ଯୋଗଦେବା ପାଇଁ ବାବରଙ୍କୁ କ୍ରମାଗତ ଭାବରେ ଭଲ ଖେଳିବାକୁ ପଡିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାବରଙ୍କୁ ବଡ଼ ଦଳ ବିପକ୍ଷରେ ରନ୍ ସ୍କୋର କରିବାକୁ ପଡ଼ିବ। ଆମକୁ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ। ଭଳି ଦଳ ବିପକ୍ଷରେ ବଡ଼ ସିରିଜ୍ ଖେଳିବାକୁ ପଡ଼ିବ। ୫-୫ଟି ମ୍ୟାଚର ଟେଷ୍ଟ ସିରିଜ୍ ଖେଳିବାକୁ ପଡିବ। କେବଳ ସେତେବେଳେ ଯାଇ ବାବର ନିଜକୁ ବିଶ୍ୱ କ୍ରିକେଟର ଶୀର୍ଷକୁ ନେଇପାରିବ। ଆମେ ଛୋଟ ଦଳ ବିପକ୍ଷରେ ବହୁତ ଖେଳୁଛୁ, ତେଣୁ ଏହା ସମ୍ଭବ ନୁହେଁ।




### ଆଇପିଏଲ ନିଲାମ ପୂର୍ବରୁ ଅଡୁଆରେ ପ୍ରୀତିଙ୍କ ଦଳ

# ସେୟାରକୁ ନେଇ ମାଲିକମାନଙ୍କ ମଧ୍ୟରେ ଲାଗିଲା ଝଗଡା

ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ର ମେଗା ନିଲାମ ପୂର୍ବରୁ ଫ୍ରାଞ୍ଚାଇଜ୍ ପଞ୍ଜାବ କିଙ୍ଗ୍ସରେ ଏକ ନୂଆ ବିବାଦ ସୃଷ୍ଟି ହୋଇଛି। କେପିଏଚ୍ ଡ୍ରିମ୍ କ୍ରିକେଟ୍ ପ୍ରାଇଭେଟ ଲିମିଟେଡର ସହ-ମାଲିକ ଅଭିନେତ୍ରୀ ପ୍ରୀତି ଜିଣ୍ଟା କମ୍ପାନୀର ସହ-ମାଲିକ ମୋହିତ ବର୍ମନଙ୍କ ବିରୋଧରେ ଚଣ୍ଡୀଗଡ଼ ଜିଲ୍ଲା କୋର୍ଟରେ ଆବେଦନ କରିଛନ୍ତି। ଏହି ଆବେଦନରେ ପ୍ରୀତି ମୋହିତ ବର୍ମନଙ୍କ ୧୧.୫ ପ୍ରତିଶତ ସେୟାର ଅନ୍ୟ କାହାକୁ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଛନ୍ତି। ଏହି ଆବେଦନ ଅଗଷ୍ଟ ୨୦ରେ ଶୁଣାଣି ହେବ। ଆବେଦନ ଅନୁଯାୟୀ, ମୋହିତ ବର୍ମନ କେପିଏଚ୍ ଡ୍ରିମ୍ କ୍ରିକେଟ୍ ପ୍ରାଇଭେଟ ଲିମିଟେଡ୍ କମ୍ପାନୀର ୪୮ ପ୍ରତିଶତ ଅଂଶଧନ ଥିବାବେଳେ ପ୍ରୀତି ଜିଣ୍ଟା ଏବଂ ନେସ୍ ୱାଡିଆଙ୍କ ପାଖରେ ୨୩-୨୩ ପ୍ରତିଶତ ଅଂଶଧନ ରହିଛି। ଅବଶିଷ୍ଟ ଅଂଶଧନ ଚତୁର୍ଥ ଅଂଶୀଦାର କରଣ ପାଲଙ୍କ ପାଖରେ ଅଛି ଆଇପିଏଲରେ ପଞ୍ଜାବ କିଙ୍ଗସ୍ ଏହି କମ୍ପାନୀର ଦଳ। ଆବେଦନ ଅନୁଯାୟୀ ପ୍ରୀତି ଜିଣ୍ଟା କହିଛନ୍ତି ଯେ ମୋହିତ ବର୍ମନ ତାଙ୍କର ୧୧.୫ ପ୍ରତିଶତ ଅଂଶଧନକୁ ଅନ୍ୟ କୌଣସି ଦଳକୁ ବିକ୍ରୟ କରିବାକୁ ଧମକ ଦେଉଛନ୍ତି, ତେଣୁ ବର୍ମନଙ୍କୁ ଏହି ସେୟାର ବିକ୍ରୟ ବନ୍ଦ କରିବାକୁ ସେ ଦାବି କରିଛନ୍ତି। ଯେଉଁଥିରେ କୋର୍ଟ ବର୍ମନଙ୍କୁ ଜବାବ ଦେବାକୁ ନୋଟିସ ଜାରି କରିଛନ୍ତି। ପ୍ରୀତି ଆର୍ବିଟ୍ରେସନ୍ ଆଣ୍ଡ କନ୍ସିଲିସନ୍ ଆକ୍ଟ-୧୯୯୬ ଅଧୀନରେ ଏକ ପିଟିସନ ଦାଖଲ କରିଛନ୍ତି। ଯେଉଁଥିରେ କୁହାଯାଇଛି ଯେ ଅନ୍ୟ ଅଂଶୀଦାରମାନେ ସେହି ଅଂଶଧନ କିଣିବାକୁ ମନା କଲେ ହିଁ କୌଣସି ଅଂଶୀଦାର ଗୋଷ୍ଠୀ ବାହାରେ ନିଜର ଅଂଶ ବିକ୍ରି କରିପାରିବେ ଏହି ମାମଲାରେ ଏପର୍ଯ୍ୟନ୍ତ ଘଟିନାହିଁ। ଅବଶିଷ୍ଟ ଅଂଶୀଦାରମାନେ ବର୍ମନଙ୍କ ଏହି ଅଂଶଧନ କିଣିବାକୁ ମନା କରି ନାହାଁନ୍ତି ତେବେ ବର୍ମନ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଅଂଶ ବିକ୍ରୟ କରିବାକୁ ମନା କରି ଦେଇଛନ୍ତି। ଏନେଇ ପଞ୍ଜାବ କିଙ୍ଗ୍ସ ଏପର୍ଯ୍ୟନ୍ତ କୌଣସି ଅଫିସିଆଲ୍ ବିବୃତ୍ତି ଦେଇନାହିଁ।




# ଆଗାମୀ ଆଇପିଏଲରେ ଖେଳିପାରନ୍ତି ଧୋନୀ

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):** ୨୦୨୫ ଆଇପିଏଲ୍ ସିଜିନ ପୂର୍ବରୁ ମହେନ୍ଦ୍ର ସିଂହ ଧୋନିଙ୍କୁ ନେଇ ସାମ୍ନାକୁ ଆସିଛି ବଡ଼ ଅପଡେଟ୍। ଆଗାମୀ ଆଇପିଏଲରେ ମଧ୍ୟ ଦେଖିବାକୁ ମିଳିପାରେ ଧୋନିଙ୍କ ହେଲିକପ୍ଟର ସଟ୍। ୨୦୨୫ ଆଇପିଏଲରେ ଧୋନିଙ୍କୁ ଅନକ୍ୟାପଡ୍ ପ୍ଲେୟାର ଭାବେ ଖେଳାଇପାରେ ଚେନ୍ନାଇ ସୁପର କିଙ୍ଗ୍ସ। ତେବେ ଆଗାମୀ ଆଇପିଏଲରେ ଧୋନି ଖେଳିବେ ନା ନାହିଁ ସେ ନେଇ ଧୋନି କିମ୍ବା ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଚେନ୍ନାଇ ସୁପର କିଙ୍ଗ୍ସ ଧୋନିଙ୍କୁ ଖେଳାଇବାକୁ ଚାହୁଁଥିବା ବେଳେ ସେ କିନ୍ତୁ ଅଧିକ ଅଙ୍କନରେ କୌଣସି ଯୁବ ଖେଳାଳିଙ୍କ ସ୍ଥାନ ନେବାକୁ ଚାହୁଁ ନଥିବା ଖବର ସାମ୍ନାକୁ ଆସିଛି। ଧୋନିଙ୍କୁ ୪୩ ବର୍ଷ ବୟସ ହୋଇଥିବା ବେଳେ ସେ ଆଇପିଏଲରେ ଅଧିକ ଟଙ୍କାରେ ଦଳରେ ରହିବାକୁ ଚାହୁଁ ନାହାନ୍ତି। ଏଭଳି ସ୍ଥିତିରେ ଧୋନିଙ୍କୁ ଅନକ୍ୟାପଡ୍ ପ୍ଲେୟାର ଭାବେ ସ୍ଥାନ ଦେଇପାରେ ଚେନ୍ନାଇ। ଆଇପିଏଲରେ ପୂର୍ବରୁ ଥିବା ଏକ ନିୟମ ଅନୁସାରେ କୌଣସି ଖେଳାଳି ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେବାର ୫ ବର୍ଷ ପରେ ଅନକ୍ୟାପଡ୍ ଶ୍ରେଣୀରେ ରହି ଆଇପିଏଲ୍ ଖେଳିପାରିବେ।



# ୧୯ ବର୍ଷରୁ କମ୍ ରାଜ୍ୟ ମହିଳା କ୍ରିକେଟ୍ ଦଦରେ ଖୁସି ମୁଖୀ ସାମିଲ

**ଭୁବନ,୧୭।୮(ମହାଭାରତ):** ଢ଼େଙ୍କାନାଳ ଜିଲ୍ଲା ଭୁବନ ଏନ୍ଏସିର ଖୁସି ମୁଖୀ ୧୯ବର୍ଷରୁ କମ ମହିଳା କ୍ରିକେଟ ଦଳରେ ସାମିଲ ହୋଇଥିବା ଜଣାପଡିଛି। ଖୁସି ପାଇଁ ସାରା ଭୁବନର ଆନନ୍ଦର ଲହରୀ ପ୍ରକାଶ ପାଇଛି। ପ୍ରଥମଥର ପ୍ରଚେଷ୍ଟାରେ ନିଜ ସାଧନା ଓ କୋଚଙ୍କ ସହଯୋଗରେ ୧୯ବର୍ଷରୁ କମ ରାଜ୍ୟ ମହିଳା କ୍ରିକେଟ ଦଳ ପାଇଁ ଚୟନ ହେବାକୁ କ୍ୟାମ୍ପକୁ ମନୋନୀତ ହେବା ପରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଖୁସିକୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉତରୋତର ଉନ୍ନତି କାମନା କରିଛନ୍ତି। ଖୁସିଙ୍କ କୋଚ ରାଜେଶ ଜେନା ମଧ୍ୟ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଖୁସି ମୁଖିର ଉଭୟ ବାପା ମା ଭୁବନ ବିଜ୍ଞାପିତ ଅଂଚଳ ପରିଷଦରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟରତ ଅଛନ୍ତି।

# ଶ୍ରୀଲଙ୍କାର ନିରୋଶନ ଡିକୱେଲାଙ୍କ ଉପରେ ଲାଗିଲା ବ୍ୟାନ

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):** ଶ୍ରୀଲଙ୍କା ପ୍ରିମିୟର ଲିଗ୍ ୨୦୨୪ (ଖଚଖ ୨୦୨୪) ସମୟରେ ଡୋପିଂ ନିୟମ ଉଲ୍ଲଂଘନ କରିଥିବାରୁ ଶ୍ରୀଲଙ୍କା କ୍ରିକେଟ୍ ଦଳର ୱିକେଟ୍ କିପର ବ୍ୟାଟ୍ସମ୍ୟାନ୍ ନିରୋଶନ ଡିକୱେଲାଙ୍କୁ ନିଲମ୍ବିତ କରାଯାଇଛି। ଗାଲ୍ ମାର୍ଭେଲ୍ସର ଅଧିନାୟକ ଥିବା ଡିକୱେଲା ପ୍ରତିଯୋଗିତାର ନିୟମ ବିରୁଦ୍ଧରେ ଏମିତି କିଛି ଔଷଧ ବ୍ୟବହାର କରି ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତୁରନ୍ତ ପ୍ରଭାବ ସହିତ ଡିକୱେଲାଙ୍କୁ ସମସ୍ତ ପ୍ରକାର କ୍ରିକେଟ୍ ଫର୍ମାଟରୁ ନିଲମ୍ବିତ କରାଯାଇଛି ବୋଲି ଶ୍ରୀଲଙ୍କା କ୍ରିକେଟ୍ ନିଶ୍ଚିତ କରିଛି। ଏହି ପରୀକ୍ଷା ଶ୍ରୀଲଙ୍କା ଆଣ୍ଟି-ଡୋପିଂ ଏଜେନ୍ସି ଦ୍ୱାରା ଏଲପିଏଲ ୨୦୨୪ ସମୟରେ କରାଯାଇଥିଲା ଶ୍ରୀଲଙ୍କା କ୍ରିକେଟ୍ ଏହାର ଅଫିସିଆଲ୍ ବିବୃତ୍ତିରେ କହିଛି ଯେ କ୍ରୀଡା ମନ୍ତ୍ରଣାଳୟ ଏବଂ ଶ୍ରୀଲଙ୍କା କ୍ରିକେଟ୍ ସହଯୋଗରେ ବିଶ୍ୱ ଆଣ୍ଟି ଡୋପିଂ ଏଜେନ୍ସିର ନିର୍ଦ୍ଦେଶନାମା ଅନୁଯାୟୀ ଏହି ଡୋପିଂ ପରୀକ୍ଷା କରାଯାଇଛି। ଶ୍ରୀଲଙ୍କା କ୍ରିକେଟ୍ ଏହାର ବିବୃତ୍ତିରେ କହିଛି - ଡୋପିଂ ଉଲ୍ଲଂଘନରୁ ଖେଳକୁ ସୁରକ୍ଷିତ ରଖିବା ପାଇଁ ଆମେ ଶ୍ରୀଲଙ୍କା ଆଣ୍ଟି-ଡୋପିଂ ଏଜେନ୍ସି ଏବଂ କ୍ରୀଡା ମନ୍ତ୍ରଣାଳୟର ସହଯୋଗରେ ଘରୋଇ ଟୁର୍ନାମେରେ ଏହି ପରୀକ୍ଷାଗୁଡ଼ିକୁ କରିଥାଉ। ୩୧ ବର୍ଷୀୟ ନିରୋଶନ୍ ଡିକୱେଲା, ଶେଷ ଥର ପାଇଁ ମାର୍ଚ୍ଚ ୨୦୨୩ରେ ଜାତୀୟ ଦଳ ପାଇଁ ଖେଳିଥିଲେ ସେ ଚଳିତ ବର୍ଷ ପ୍ରାରମ୍ଭରେ ବାଂଲାଦେଶ ବିପକ୍ଷରେ ଶ୍ରୀଲଙ୍କାର ଟି -୨୦ ସିରିଜ ପାଇଁ ମନୋନୀତ ହୋଇଥିଲେ ମଧ୍ୟ ଗୋଟିଏ ବି ମ୍ୟାଚ୍ ଖେଳି ନଥିଲେ। ନିରୋଶନ ଡିକୱେଲା ଶ୍ରୀଲଙ୍କା ପାଇଁ ସମସ୍ତ ଫର୍ମାଟରେ ୱିକେଟକିପିଙ୍ଗ କରିଛନ୍ତି ସେ ଟେଷ୍ଟ କ୍ରିକେଟ୍‌ରେ ୨୭୫୭ ରନ୍, ଦିନିକିଆରେ ୧୬୦୪ ରନ୍ ଏବଂ ଆନ୍ତର୍ଜାତୀ। ଟି -୨୦ରେ ୪୮୦ ରନ୍ କରିଥିଲେ।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ